
# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଜୁଲାଇ ୧୫ /୨୦୧୯ (୧୬ ପୃଷ୍ଠା) Rayagada, Monday, July 15 / 2019 ★

୯ମ ଭାଗ ୧୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଜୁଲାଇ ୧୫ /୨୦୧୯ | Rayagada, Monday, July 15 / 2019 | ପୃଷ୍ଠା-୧




**ଫୋଗଟ୍‌ଙ୍କୁ ସ୍ୱର୍ଣ୍ଣ ପଦକ**

ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୧୩ | ୦୨

**‘ସଡ଼କ ୨’ରେ ଆଲିଆ ଭଟ୍ଟ**

ଅଭିନେତ୍ରୀ ଆଲିଆ ଭଟ୍ଟ ‘ସଡ଼କ ୨’ ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଉଟି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।






29001/13/0023/1920 DSPL-45


**୩ ରଥରେ ଭଙ୍ଗାଗଲା ୯ ଅଧର ହାଣ୍ଡି**

........ ୩ ........

**ଆଜିର ସମ୍ପାଦକୀୟ**

**ଅଧିକ ମଦ ପିଆଇବେ**

**ଆଜିର ମନ୍ତବ୍ୟ**

ମହାତ୍ମା ଗାନ୍ଧୀ ଭାରତରେ ସ୍ୱାଧୀନତା ସଂଗ୍ରାମ ସହ ସ୍ୱଚ୍ଛତା ଜନ ଆନ୍ଦୋଳନ ଆରମ୍ଭ କରିଥିଲେ। ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ତାଙ୍କର ସ୍ୱଚ୍ଛତା ମିଶନ ସ୍ୱପ୍ନ ପୂରଣ ହେବା ଆବଶ୍ୟକ।

–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

**କିଛି ତଥ୍ୟ**

ଦେଶର ୨୪ ଜୀବନ ବୀମା ପ୍ରଦାନକାରୀ କମ୍ପାନୀଙ୍କ ଜୁନ ମାସର ମୋଟ୍ ନୂଆ ବୀମା ପ୍ରିମିୟମ ୯୪% ବୃଦ୍ଧି ଘଟି ୩୨,୨୪୧.୩୩ କୋଟି ଛୁଇଁଛି।

– ଆଇଆରଡିଏ


NECC NATIONAL EGG CO-ORDINATION COMMITTEE 14.07.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


## ଆଇସିସି ବିଶ୍ୱକପ୍ ଫାଇନାଲ

# ଲର୍ଡ୍ସରେ ରୋମାଞ୍ଚକ ଲଢ଼େଇ



ଲଣ୍ଡନ, ୧୪।୭

କ୍ରିକେଟର ମକ୍କା ଭାବେ ପରିଚିତ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଆଇସିସି ବିଶ୍ୱକପର ଫାଇନାଲରେ ହୋଇଛି ରୋମାଞ୍ଚକ ଲଢ଼େଇ। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ଆୟୋଜକ ଇଂଲଣ୍ଡକୁ କଡ଼ା ଟକ୍କର ଦେଇଛି ନ୍ୟୁଜିଲାଣ୍ଡ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ତେବେ ପିଚ୍‌ରୁ ଫାଇଦା ଉଠାଇ ଇଂଲଣ୍ଡ ବୋଲରମାନେ ନ୍ୟୁଜିଲାଣ୍ଡ ଇନିଂସକୁ ୫୦ ଓଭରରେ ୨୪୧/୮ରେ ସୀମିତ ରଖିବାରେ ସକ୍ଷମ ହୋଇଥିଲେ। କ୍ରିସ୍ ୱୋକ୍ସ ଓ ଲିଆମ ପ୍ଲଙ୍କେଟ୍ ୩ଟି ଲେଖାଏ ଉଇକେଟ ନେଇ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ହେନରି ନିକୋଲ୍ସ ସର୍ବାଧିକ ୫୫ ରନ କରିଥିବାବେଳେ ଉଇକେଟ କିପର ଟମ୍ ଲାଥାମ ୪୭ ଏବଂ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ଅଧିନାୟକ କେନ୍ ୱିଲିୟମସନ ୩୦ ରନ କରିବାକୁ ସକ୍ଷମ ହୋଇଥିଲେ। ୱୋକ୍ସ ଓ ପ୍ଲଙ୍କେଟଙ୍କ ବ୍ୟତୀତ ଜୋଫ୍ରା ଆର୍ଚର, ଓ ମାର୍କ ଉଡ୍ ମଧ୍ୟ ଭଲ ବୋଲିଂ କରିଥିଲେ ହେଁ ଇଂଲଣ୍ଡ ବୋଲରମାନେ ଅତିରିକ୍ତ ଭାବେ ୩୦ ରନ ବ୍ୟୟ କରିବା ଥିଲା ଅନ୍ୟତମ ଚର୍ଚ୍ଚିତ ଘଟଣା। ବଡ଼ସ୍କୋର କରିପାରି ନ ଥିଲେ ହେଁ ବୋଲରଙ୍କ ବଳରେ ବଳୀୟାନ ବ୍ଲାକ୍ କ୍ୟାପ୍ସ ଦେଇଥିଲା କଡ଼ା ଚ୍ୟାଲେଞ୍ଜ। ଇଂଲଣ୍ଡ ଓପନର ଜାସନ ରୟ(୧୭ ରନ)ଙ୍କୁ ପ୍ରଥମେ ପ୍ୟାଭିଲିୟନ ରାସ୍ତା ଦେଖାଇଥିଲେ ମ୍ୟାଟ୍ ହେନରୀ। ପରେ ଜୋ ରୁଟ୍ ମାତ୍ର ୭ ରନ କରି ଆଉଟ ହେବାରୁ ଇଂଲଣ୍ଡ ଉପରେ ଚାପ ବଢ଼ିଥିଲା। ଫର୍ମରେ ଥିବା ଜନି ବେୟାରଷ୍ଟୋ ୩୬ ରନ କରି ଲୋକି ଫର୍ଗୁସନଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହେବାରୁ ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଥିଲା। ପରେ ଅଧିନାୟକ ଇଅନ ମୋର୍ଗାନ ମାତ୍ର ୯ ରନ କରି ପ୍ୟାଭିଲିୟନ ଫେରିବାରୁ ନ୍ୟୁଜିଲାଣ୍ଡ ଶିବିରରେ ଉତ୍ସାହ ଭରି ଯାଇଥିଲା। ୮୬ ରନ ମଧ୍ୟରେ ୪ଟି ଉଇକେଟ ହରାଇଥିଲା ଇଂଲଣ୍ଡ। ବିଶ୍ୱକପ ଇତିହାସରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ କେବେହେଲେ ଟାଇଟଲ ହାସଲ କରି ନାହାନ୍ତି। ତେଣୁ ଏଥର ଏକ ନୂଆ ଦଳ ଚାମ୍ପିୟନ ହେବା ପଥ ପରିଷ୍କାର ହୋଇଛି।

(ଅଧିକ ଖବର ଖେଳ ପୃଷ୍ଠାରେ)

**ଲିଆମ ପ୍ଲଙ୍କେଟ**

- ୧୦ ଓଭର
- ୪୨ ରନ
- ୩ ଉଇକେଟ
- ଇକୋନୋମି ୪.୨୦

## ସୀମାନ୍ତରେ ଗୁଳି ବିନିମୟ

# ୨ ମାଓବାଦୀ ନିହତ, ଜଣେ ଗିରଫ

ମାଲକାନଗିରି,୧୪।୭ (ଡି.ଏନ.ଏ.)

- ଦୁଇ ଘଣ୍ଟା ଧରି ହୋଇଥିଲା ଗୁଳିଚାଳନା
- ଅଧିକ ତଥ୍ୟ ଦେବାକୁ ମନା କଲା ପୋଲିସ
- ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ଜଣକୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି ଦାନ୍ତେୱାଡା ଜିଲାରେ ମୁତୟନ ହୋଇଥିବା ପୋଲିସ ପକ୍ଷରୁ କିରଣ୍ଡୋଲ ଥାନା ଅନ୍ତର୍ଗତ ଗୁମିଆପାଲ ଜଙ୍ଗଲରେ ଏକ ସ୍ୱତନ୍ତ୍ର ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଚାଲିଥିବା ବେଳେ ଲାଲବାହିନୀ ପକ୍ଷରୁ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବା ନେଇ ଯୋଜନା ଚାଲିଥିବା ଖବର ପୋଲିସକୁ ମିଳିଥିଲା। ଫଳରେ ପୋଲିସ ଅତର୍କିତ ଭାବେ ଜଙ୍ଗଲରେ ଚଢାଉ କରିବାରୁ ଏହା ଦେଖି ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ଉଭୟପକ୍ଷଙ୍କ ମଧ୍ୟରେ ୨ଘଣ୍ଟା ଧରି ଗୁଳିଚାଳନା ହେବା ☞ ପୃଷ୍ଠା–୨

# ଚନ୍ଦ୍ରୟାନ–୨ର ଉତ୍କ୍ଷେପଣ

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୧୪।୭(ପି.ଟି.)



ବହୁ ପ୍ରତୀକ୍ଷାର ଅବସାନ ଘଟାଇ ଜୁଲାଇ ୧୪–୧୫ ରାତ୍ରି ୨ଟା ୫୧ରେ ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ–୨କୁ ସତୀଶ ଧାୱନ ସ୍ପେସ୍ ସେଣ୍ଟର୍‌ରୁ ଉତ୍କ୍ଷେପଣ କରାଯିବ। ଅଧିକ ଓଜନ ବହନକାରୀ ରକେଟ୍ ଜିଏସ୍‌ଏଲ୍‌ଭି–ମେକ୍‌୩ (ବାହୁବଳୀ)ଯୋଗେ ଚନ୍ଦ୍ରୟାନ–୨କୁ ସ୍ଥାନୀୟ ସ୍ପେସ୍‌ପୋର୍ଟରୁ ଲଞ୍ଚ୍ କରାଯିବ। ଏହା ୫୪ ଦିନ ପରେ ସେପ୍ଟେମ୍ବର ୬–୭ରେ ଚନ୍ଦ୍ରର ଅନାବିଷ୍କୃତ ଅଞ୍ଚଳ ଦକ୍ଷିଣ ମେରୁରେ ଅବତରଣ କରିବ। ୩ ଅଂଶ ବିଶିଷ୍ଟ ଏହି ସ୍ପେସ୍‌କ୍ରାଫ୍ଟର ଓଜନ ୩,୮୫୦କିଲୋଗ୍ରାମ୍। ଏଥିରେ ଗୋଟିଏ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭର ସଂଯୁକ୍ତ ହୋଇଛି। ପ୍ରଥମ ଲୁନାର ମିଶନ୍ ସଫଳତାର ୧୧ବର୍ଷ ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚନ୍ଦ୍ରୟାନ–୨ ଲଞ୍ଚ୍ କରୁଛି। ଏହି ପ୍ରକଳ୍ପ ପାଇଁ ୯୭୮କୋଟି ଟଙ୍କା ବ୍ୟୟ ହୋଇଛି। ଗତ ସପ୍ତାହରେ ଏଥିପାଇଁ ପୂରା ଦମ୍‌ରେ ପ୍ରସ୍ତୁତି ଚାଲିଥିଲା ଏବଂ ରବିବାର ସକାଳ ୬ଟା ୫୧ରୁ ଅବଗଣନା ଆରମ୍ଭ ହୋଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚନ୍ଦ୍ରୟାନ–୨ ଉତ୍କ୍ଷେପଣ ସମୟରେ ଉପସ୍ଥିତ ରହିବେ।

ଇସ୍ରୋ ଏହାର ମହାକାଶ ଗବେଷଣାତ୍ମକ କାର୍ଯ୍ୟ ଆରମ୍ଭ କରିବା ପରଠାରୁ ଚନ୍ଦ୍ରୟାନ–୨ ଉତ୍କ୍ଷେପଣ ଭାରତ ପାଇଁ ଅତ୍ୟନ୍ତ ସମ୍ମାନର ପ୍ରଶ୍ନ। ଚନ୍ଦ୍ରାବତରଣ ସଫଳ ହେଲେ ଏ କ୍ଷେତ୍ରରେ ଭାରତ ହେବ ଚତୁର୍ଥ ରାଷ୍ଟ୍ର। ପୂର୍ବରୁ ରୁଷିଆ, ଆମେରିକା ଏବଂ ଚାଇନା ଏ କ୍ଷେତ୍ରରେ ସଫଳତା ହାସଲ କରିସାରିଛନ୍ତି।

ଚନ୍ଦ୍ରପୃଷ୍ଠରେ ସ୍ପେସ୍‌କ୍ରାଫ୍ଟର ନିରାପଦ ଅବତରଣ ଏକ ଚ୍ୟାଲେଞ୍ଜ୍ ରୂପେ ଉଭା ହୋଇଛି ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି। ଚନ୍ଦ୍ରୟାନ–୨ର ସଫଳତା ପାଇଁ ଶିବନ୍ ଶନିବାର ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିର ପରିଦର୍ଶନ କରିବା ସହିତ ପୂଜା ଓ ପ୍ରାର୍ଥନା କରିଥିଲେ। ଅନ୍ୟ କୌଣସି ରାଷ୍ଟ୍ର ଏ ପର୍ଯ୍ୟନ୍ତ ଚନ୍ଦ୍ରର ଦକ୍ଷିଣ ମେରୁରେ ମହାକାଶଯାନ ଅବତରଣ କରିବାକୁ ସମର୍ଥ ହୋଇପାରି ନାହାନ୍ତି। ଭାରତ ଚନ୍ଦ୍ରର ଅନ୍ଧକାର ତଥା ଦକ୍ଷିଣ ମେରୁରେ ଚନ୍ଦ୍ରଯାନ ଅବତରଣ କରାଇବା ଦ୍ୱାରା ଚନ୍ଦ୍ର ବିଷୟରେ ଅନେକ ନୂଆ ତଥ୍ୟ ମିଳିପାରିବ ଏବଂ ଭାରତ ଓ ସମଗ୍ର ମାନବ ଜଗତ ପାଇଁ ଏହା ଲାଭପ୍ରଦ ହେବ ବୋଲି ଶିବନ୍ ପ୍ରକାଶ କରିଛନ୍ତି।

## କର୍ତ୍ତାରପୁର କରିଡର: ଭାରତ-ପାକ୍ ମଧ୍ୟରେ ସହମତି

# ଦିନକୁ ୫ ହଜାର ଶ୍ରଦ୍ଧାଳୁ କରିବେ ଭିଜାମୁକ୍ତ ଯାତ୍ରା

ଅମୃତସର,୧୪।୭(ପି.ଟି./ଆଇଏଏନ୍ଏସ୍)

ପାକିସ୍ତାନସ୍ଥିତ କର୍ତ୍ତାରପୁର ସାହିବ ଗୁରୁଦ୍ୱାରାକୁ ଭାରତରୁ ଦୈନିକ ୫ ହଜାର ଶ୍ରଦ୍ଧାଳୁ ଭିଜାମୁକ୍ତ ଯାତ୍ରା କରିପାରିବେ। ଭାରତୀୟ ପାସପୋର୍ଟଧାରୀ ଓ ଭାରତର ଦରିଆପାରି ନାଗରିକତ୍ୱ (ଓସିଆଇ) କାର୍ଡଧାରୀଙ୍କ ପାଇଁ ଏହି ସୁବିଧା ବର୍ଷ ସାରା ଉପଲବ୍ଧ ହେବ। ଏନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ସହମତି ପ୍ରକାଶ ପାଇଛି। ସବୁଠୁ ବଡ଼କଥା ହେଲା ଏହି କରିଡରରେ କୌଣସି ଭାରତବିରୋଧୀ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ନିଶ୍ଚିତ କରିଛି। ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବ (୧୪୬୯–୧୫୩୯)ଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ କେନ୍ଦ୍ର ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତନ୍ମଧ୍ୟରୁ ୪.୨ କି.ମି. ଦୀର୍ଘ କର୍ତ୍ତାରପୁର ସାହିବ କରିଡର ନିର୍ମାଣ ଅନ୍ୟତମ। ଏହି କରିଡର ଭରତର ପଞ୍ଜାବସ୍ଥିତ ଗୁର୍‌ଦାସପୁର ଜିଲାର ଡେରା ବାବା ନାନକ ପୀଠକୁ ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ କର୍ତ୍ତାରପୁର ସାହିବ୍ ଗୁରୁଦ୍ୱାରା ସହିତ ଯୋଡ଼ିବ। ଫଳରେ ଭାରତରୁ ଶିଖ୍ ଶ୍ରଦ୍ଧାଳୁମାନେ ସେଠାକୁ ଯାଇ ଗୁରୁ ନାନକ ଦେବ ରାବିନଦୀ କୂଳରେ ତାଙ୍କର ଶେଷ ଜୀବନ ବିତାଇଥିବା ପବିତ୍ର ସ୍ଥାନ ଦର୍ଶନ କରିପାରିବେ। କରିଡର ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବର ୩୧ରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।



କର୍ତ୍ତାରପୁର କରିଡର ନିର୍ମାଣ ପାଇଁ ପାକିସ୍ତାନ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଅଟ୍ଟାରୀ ସୀମାରୁ ଫେରୁଛନ୍ତି ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏସ୍‌ସିଏଲ୍ ଦାସ (ଡାହାଣରୁ ଦ୍ୱିତୀୟ) ଓ ଅନ୍ୟ ଅଧିକାରୀମାନେ।

ଏହା ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏଥିପାଇଁ ୱାଘା ସୀମାରେ ରବିବାର ଭାରତ–ପାକିସ୍ତାନ ମଧ୍ୟରେ କର୍ତ୍ତାରପୁର କରିଡର ନେଇ ଦ୍ୱିତୀୟ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଆଭ୍ୟନ୍ତରୀଣ ନିରାପତ୍ତା) ଏସ୍.ସି.ଏଲ୍. ଦାସ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ସ୍ୱରାଷ୍ଟ୍ର, ବହିର୍ବ୍ୟାପାର ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀମାନେ ସାମିଲ ଥିଲେ। ଏହାସହ ପଞ୍ଜାବ ସରକାର ଏବଂ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ଅଧିକାରୀମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ। ସ୍ୱରାଷ୍ଟ୍ର ଯୁଗ୍ମ ସଚିବ ଏସ୍.ସି.ଏଲ୍. ଦାସ ଅଟ୍ଟାରୀରେ ଖବରଦାତାଙ୍କୁ କହିଛନ୍ତି, ବୈଠକରେ ଭାରତ ଦୈନିକ ୫ ହଜାର ଶ୍ରଦ୍ଧାଳୁଙ୍କୁ ଭିଜାମୁକ୍ତ ଯାତ୍ରା ପାଇଁ ଅନୁମତି ଦେବା ଲାଗି ପାକିସ୍ତାନୁ ଅନୁରୋଧ କରିଥିଲା। ଏହାସହ କେତେକ ସ୍ୱତନ୍ତ୍ର ଅବସରରେ ଅତିରିକ୍ତ ୧୦ ହଜାର ଶ୍ରଦ୍ଧାଳୁଙ୍କୁ ଛାଡ଼ିବାକୁ ଅନୁମତି ମାଗିଥିଲା। କର୍ତ୍ତାରପୁର ସାହିବ୍ ଗୁରୁଦ୍ୱାରାରେ ଯାତ୍ରୀଙ୍କୁ ଆବଶ୍ୟକ ହେଲେ କୂଟନୀତିଜ୍ଞଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ସକାଶେ କନ୍‌ସୁଲାର ଉପସ୍ଥିତି ପାଇଁ ମଧ୍ୟ ଭାରତ ପକ୍ଷରୁ ଦାବି କରାଯାଇଥିଲା। ଯାତ୍ରୀଙ୍କ ନିରାପତ୍ତାକୁ ନେଇ ମଧ୍ୟ ଭାରତୀୟ ପ୍ରତିନିଧି ଦଳ ଚିନ୍ତାବ୍ୟକ୍ତ କରିଥିଲେ। କୌଣସି ପ୍ରକାର ଭାରତ ବିରୋଧୀ ଗତିବିଧି ବା କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ନିଶ୍ଚିତ କରିଛି। ଆଲୋଚନା ବେଳେ ସୀମା ସେପଟେ ଭିତ୍ତିଭୂମି କ୍ଷେତ୍ରରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ କଥା ଉଠାଇ ଭାରତର ପ୍ରସ୍ତାବଗୁଡ଼ିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିପାରିବ ଏବଂ ଶ୍ରଦ୍ଧାଳୁମାନଙ୍କୁ ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବେ ଯାତ୍ରା କରିବାର ସୁଯୋଗ ଦିଆଯିବ ବୋଲି ପାକିସ୍ତାନ କହିଛି। ସେହିପରି ଶିଖ୍‌ସ ଫର୍ ଜଷ୍ଟିସ୍ (ଏସ୍ଏଫ୍‌ଜେ)ର ଖଲିସ୍ତାନ ସମର୍ଥକମାନଙ୍କୁ ଏହି ଐତିହାସିକ ପଦକ୍ଷେପର ଅପବ୍ୟବହାରରୁ ଦୂରେଇ ରଖିବା ଲାଗି ଭାରତ ପକ୍ଷରୁ କରାଯାଇଥିବା ଅନୁରୋଧକୁ ମଧ୍ୟ ପଡ଼ୋଶୀ ଦେଶ ରକ୍ଷା କରିଛି। ଏ ସଂକ୍ରାନ୍ତରେ ପାକିସ୍ତାନୀ ପ୍ରତିନିଧି ଦଳକୁ ଏକ ଡୋଜିୟର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ପଞ୍ଜାବରେ ଆତଙ୍କବାଦକୁ ସମର୍ଥନ କରୁଥିବା ଏହି ଏସ୍ଏଫ୍‌ଜେ ଉପରେ ଗତ ୧୦ ତାରିଖରେ ଭାରତ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ୍ ୱାଘା ସୀମାରେ ଖବରଦାତାଙ୍କୁ କହିଛନ୍ତି, ଅନେକ ପ୍ରସଙ୍ଗରେ ଦୁଇପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଛି। ଆଗକୁ ଆଉ ଥରେ ବୈଠକ ବସିପାରେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ଦେବେନ୍ଦ୍ର
ପରିବାରବର୍ଗ


ବିମଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୋଡ଼ାଇ ଗୋଡ଼ାଇ ୩ ଭାଇଙ୍କୁ ହତ୍ୟା

**ପଞ୍ଚାୟିକିଆ ଛକରେ ହତ୍ୟାକାଣ୍ଡ**

- ରାଜନୈତିକ, ବ୍ୟବସାୟିକ ଶତ୍ରୁତା ସନ୍ଦେହ
- ଉତ୍ୟକ୍ତ ଲୋକଙ୍କ ପୋଡ଼ାଜଳା, ଜାତୀୟ ରାଜପଥ ଅବରୋଧ

**ସାକ୍ଷୀଗୋପାଳ, ୧୪।୭(ଡି.ଏନ.ଏ.)**

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଜନଗହଳିପୂର୍ଣ୍ଣ ବଜାର ପଞ୍ଚାୟିକିଆ ଛକରେ ରବିବାର ଅପରାହ୍ନରେ ଘଟିଛି ଟ୍ରିପଲ ମର୍ଡର। ଦୁର୍ବୃତ୍ତମାନେ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ୩ ଭାଇଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ତଥା ପଞ୍ଚାୟିକିଆ ଛକ ନିକଟ ସଦାନନ୍ଦପୁର ଗ୍ରାମର ଦୁଇଭାଇ ପୂର୍ଣ୍ଣ ବେହେରା(୪୫), କୃଷ୍ଣ ବେହେରା(୪୨) ଓ ସେମାନଙ୍କ ଦାଦା ପୁଅ ଭାଇ ପଞ୍ଚୁଆ ବେହେରା(୪୪)। ଗତବର୍ଷ ପୂର୍ଣ୍ଣ ଓ କୃଷ୍ଣଙ୍କ ଅନ୍ୟ ଜଣେ ଭାଇ ତଥା

ବୀରରାମଚନ୍ଦ୍ରପୁର ସରପଞ୍ଚ ଅଜୟ ବେହେରାଙ୍କ ବୀଭତ୍ସ ମୃତଦେହ ଘର ନିକଟ ରେଳଧାରଣା ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସେତେବେଳେ ଅଭିଯୋଗ ହୋଇଥିବାବେଳେ ଏବେ ପୁଣି ପରିବାରର ୩ଜଣଙ୍କୁ ଦିବାଲୋକରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହାପଛରେ ରାଜନୈତିକ, ବ୍ୟବସାୟିକ ଶତ୍ରୁତା ଥିବା ସନ୍ଦେହ କରାଯାଉଥିବାବେଳେ ଘଟଣାସ୍ଥଳରେ ଉତ୍ୟକ୍ତ ଲୋକେ ପୋଡ଼ାଜଳା କରି ଜାତୀୟ ରାଜପଥ ଅବରୋଧ କରିଥିଲେ।

ରବିବାର ପୁରୀରେ ଦାରୁଦିଅଁଙ୍କ ଅଧରପଣା ନୀତି ଅନୁଷ୍ଠିତ ହେଉଥିବାରୁ ଶ୍ରୀକ୍ଷେତ୍ରକୁ ଭକ୍ତମାନଙ୍କ ସୁଅ ଛୁଟିଥାଏ। ଏଥିପାଇଁ ଘଟଣାସ୍ଥଳ ଅର୍ଥାତ୍ ପଞ୍ଚାୟିକିଆ ଛକ ନିକଟରେ ପୋଲିସର ଏକ ଅସ୍ଥାୟୀ ଚେକ୍ ପୋଷ୍ଟ କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅପରାହ୍ନ ପ୍ରାୟ ୪ଟା ସମୟ। ପଞ୍ଚାୟିକିଆ ଛକରେ ହୋଟେଲ କରିଥିବା ପୂର୍ଣ୍ଣ ଘରକୁ ଯିବାବେଳେ ହଠାତ୍ ଏକ ଦୋକାନରୁ ୪ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ସହ ବାହାରି ତାଙ୍କୁ ଆକ୍ରମଣ କରିଥିଲେ। ପୂର୍ଣ୍ଣ ପ୍ରାଣବିକଳରେ ଦୌଡୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଅସ୍ଥାୟୀ ଚେକ୍ ପୋଷ୍ଟରେ ପୋଲିସ କର୍ମଚାରୀମାନେ ଥିଲେ ମଧ୍ୟ ତାହାକୁ ଦୁର୍ବୃତ୍ତମାନେ ଖାତିର କରି ନ ଥିଲେ। ଏହି ସମୟରେ ପୂର୍ଣ୍ଣଙ୍କୁ ବଞ୍ଚାଇବାକୁ ତାଙ୍କ ଦାଦାପୁଅ ଭାଇ ପଞ୍ଚୁଆ ଚେଷ୍ଟା କରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ପୂର୍ଣ୍ଣ ଓ ପଞ୍ଚୁଆ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ। ଆକ୍ରମଣ ଖବର ପାଇ କିଛି ସମୟରେ ଘଟଣାସ୍ଥଳରେ ପହଞ୍ଚିଯାଇଥିଲେ ପୂର୍ଣ୍ଣଙ୍କ ଭାଇ କୃଷ୍ଣ। କିନ୍ତୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ହତ୍ୟା କରି ସେଠାରୁ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନଙ୍କ ଆତଙ୍କରାଜ ଦେଖି ବଜାରର ଦୋକାନଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଯାଇଥିଲା। କିନ୍ତୁ କିଛି ସମୟ ପରେ ମୃତକମାନଙ୍କ ଗାଁ ଓ ଆଖପାଖ ଅଞ୍ଚଳର ବହୁ ଲୋକ ପଞ୍ଚାୟିକିଆ ଛକରେ ପହଞ୍ଚିଯାଇଥିଲେ। ଏହାପରେ କେତେଜଣ ଉତ୍ୟକ୍ତ ଲୋକେ ଛକରେ ଦୁଇଟି କ୍ୟାବିନ୍ ଦୋକାନକୁ ପୋଡ଼ି ଦେଇଥିବାବେଳେ କେତେକ ଦୋକାନରୁ ସାମଗ୍ରୀ ଫିଙ୍ଗାପୋପଡ଼ା କରିଥିଲେ। ତୁରନ୍ତ ଅପରାଧୀମାନଙ୍କୁ ଗିରଫ କରିବା ଦାବିରେ ଲୋକମାନେ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଦୁଇପାର୍ଶ୍ୱର ବହୁ ଦୂରକୁ ଯାନବାହନ ଅଟକି ରହିଥିଲା। ସତ୍ୟବାଦୀ ଥାନା ପୋଲିସ ରାସ୍ତା ଅବରୋଧକାରୀଙ୍କୁ ହଟାଇବାକୁ ଚେଷ୍ଟା କରି ବିଫଳ ହେବା ସହ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ଏପରି କି ନିଆଁ ଲିଭାଇବାକୁ ଯାଉଥିବା ଦମକଳ ଗାଡ଼ିକୁ ମଧ୍ୟ ଲୋକେ ଛାଡ଼ି ନ ଥିଲେ। ପରେ ଏସ୍‌ପି ଉମାକାନ୍ତ ଦାଶ, ଏଏସ୍‌ପି ଗାଗାରିନ ମହାନ୍ତି, ପୁରୀ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଓ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନାଧିକାରୀ ତପନ କୁମାର ରାଉତ ୫ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଫଳରେ ରାତି ୯ଟାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାର ଘଣ୍ଟାଏ ପରେ ପୋଲିସ ୩ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲା। ରିପୋର୍ଟ ପ୍ରସ୍ତୁତି ଯାଏ ସତ୍ୟବାଦୀ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବାବେଳେ ତଦନ୍ତ ଜାରି ରଖିଛି।

## ଯୁବକଙ୍କ ଭୁଜାଲି ଆକ୍ରମଣରେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଆହତ

**ଫୁଲନଖରା, ୧୪।୭(ଡି.ଏନ.ଏ.)**

କଟକ ସଦର ଥାନା ଅନ୍ତର୍ଗତ ହରିଅନ୍ତା ଗ୍ରାମର ଜଣେ ଯୁବକଙ୍କ ଭୁଜାଲି ଆକ୍ରମଣରେ ଉକ୍ତ ଗ୍ରାମର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଲକ୍ଷ୍ମୀଧର ପ୍ରଧାନ ଆହତ ହୋଇଛନ୍ତି। ଖବର ଅନୁଯାୟୀ, ଗ୍ରାମର ସବ ମାଇନରକୁ ଜେସିବି ମେଶିନରେ ସଫେଇ କାର୍ଯ୍ୟ ହେଉଥିଲା। ତେବେ ଏହି କାର୍ଯ୍ୟକୁ ଲକ୍ଷ୍ମୀଧର ବିରୋଧ କରିବା ସହ ବନ୍ଦ କରିବା ପାଇଁ କହିଥିଲେ। ଏହି ସମୟରେ ସ୍ଥାନୀୟ ଜଣେ ଯୁବକ ଆସି କାମ କାହିଁକି ବନ୍ଦ ହେଲା ବୋଲି ଲକ୍ଷ୍ମୀଧରଙ୍କୁ କହିଥିଲେ। ସାମାନ୍ୟ କଥାରୁ ଯୁକ୍ତିତର୍କ ହେବାରୁ ଯୁବକ ଜଣକ ଉତ୍ତେଜିତ ହୋଇ ଏକ ଭୁଜାଲିରେ ଲକ୍ଷ୍ମୀଧରଙ୍କ ମୁଣ୍ଡକୁ ଆକ୍ରମଣ କରିବାକୁ ଆସିଥିଲେ। ଏଥିରେ ସେ ହାତ ଦେଖାଇବାରୁ ଭୁଜାଲି ଚୋଟ ହାତରେ ବାଜି କ୍ଷତ ହୋଇଥିଲା। ପରେ ଯୁବକଜଣକ ଫେରାର ହୋଇଯାଇଥିବାବେଳେ ସ୍ଥାନୀୟ ଲୋକେ ଆହତ ଲକ୍ଷ୍ମୀଧରଙ୍କୁ ଚିକିତ୍ସା ପାଇଁ ନିକଟ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ଖବର ନେବାବେଳେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

## ‘ସଡ଼କ ୨’ ଶୁଟିଂ ଖୁବ୍‌ଶୀଘ୍ର



**ମୁମ୍ବାଇ:**

ଅଭିନେତ୍ରୀ ଆଲିଆ ଭଟ୍ଟ ‘ସଡ଼କ ୨’ ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଉଟି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତାଙ୍କ ପିତା ତଥା ଫିଲ୍ମ ନିର୍ମାତା ମହେଶ ଭଟ୍ଟଙ୍କ ଦ୍ୱାରା ‘ସଡ଼କ ୨’ ନିର୍ମାଣ ହେଉଛି। ତେବେ ଏଥିପାଇଁ ସବୁମତେ ପ୍ରସ୍ତୁତ ହୋଇସାରିଥିବା ଆଲିଆ ସୂଚନା ଦେଇଛନ୍ତି। ସେ ଏହି ପ୍ରକଳ୍ପ ସମ୍ପର୍କିତ ବିଷୟବସ୍ତୁ ରବିବାର ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଉକ୍ତ ଫିଲ୍ମ ସ୍କ୍ରିପ୍ଟର ସମ୍ମୁଖ ଭାଗର ଫଟୋଗ୍ରାଫ୍ ସେ ଶେୟାର କରିଛନ୍ତି। ଏହାର କାହାଣୀ ରଚନା କରିଛନ୍ତି ମହେଶ ଭଟ୍ଟ। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ପୂଜା ଭଟ୍ଟ, ଆଦିତ୍ୟ ରଏ କପୁର, ସଞ୍ଜୟ ଦତ୍ତ, ଯିଶୁ ସେନ୍‌ଗୁପ୍ତ, ପ୍ରିୟଙ୍କା ବୋଷ୍ ଏବଂ ଅକ୍ଷୟ ଆନନ୍ଦ। ‘ସଡ଼କ ୨’ ହେଉଛି ୧୯୯୧ର ହିଟ୍ ଫିଲ୍ମ ‘ସଡ଼କ’ର ଦ୍ୱିତୀୟ ଭାଗ। ରୋମାଞ୍ଚକର ପ୍ରେମକାହାଣୀକୁ ନେଇ ଏହି ଫିଲ୍ମ ନିର୍ମିତ। ଏଥିରେ ଅଭିନୟ କରିଥିଲେ ପୂଜା ଭଟ୍ଟ ଓ ସଞ୍ଜୟ ଦତ୍ତ। ୨୦୨୦ ଜୁଲାଇ ୧୦ରେ ‘ସଡ଼କ ୨’ ରିଲିଜ ହେବାର ଅଛି।

## ବାହୁଡାଯାତ୍ରାରେ ନାଚପାର୍ଟିକୁ ନେଇ ଉତ୍ତେଜନା

**ଦିଗପହଣ୍ଡି, ୧୪।୭(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମରେ ଶ୍ରୀ ଜଗନ୍ନାଥଙ୍କ ବାହୁଡା ଯାତ୍ରା ସମୟରେ ଉତ୍ତେଜନା ଦେଖା ଦେଇଛି। ଜଗନ୍ନାଥଙ୍କ ରଥ ଅଧାବାଟରେ ଅଟକିବା ପରେ ପ୍ରତିବର୍ଷ ନାଚ ପରିବେଷଣ କରାଯିବା ସହ ପରଦିନ ପୁଣି ରଥଟଣା ହେବାର ପରମ୍ପରା ରହିଛି। କିନ୍ତୁ ଚଳିତବର୍ଷ ଗ୍ରାମର ଦୁଇ ନାଚପାର୍ଟି ଗୋଟିଏ ସ୍ଥାନରେ ନାଚ ପରିବେଷଣ କରିବାକୁ ଅଡିବସିବାରୁ ବିବାଦ ଦେଖାଦେଇଥିଲା। ଖବର ଜିଲା ପ୍ରଶାସନ ନିକଟରେ ପହଞ୍ଚିବା ପରେ ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କା କରି ତୁରନ୍ତ ଘଟଣା ସ୍ଥଳକୁ ପୋଲିସ ଫୋର୍ସ ପଠାଯାଇଥିଲା। ରବିବାର ଗ୍ରାମର ଭଦ୍ରବ୍ୟକ୍ତି, ପଞ୍ଚାୟତ ଜନପ୍ରତିନିଧି ଏବଂ ଦୁଇ ନାଚପାର୍ଟିର ପରିଚାଳକ ଓ ଅନ୍ୟ କର୍ମକର୍ତ୍ତାଙ୍କୁ ଡକାଇ ବୈଠକ କରାଯାଇଥିଲା। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚିକିଟି ଏସଡିପିଓ ଏସ.ଏନ. ମୁର୍ମୁ, ନୂଆଗାଁ ଆଇଆଇସି ମାଧବାନନ୍ଦ ନାୟକ, ସୁପରଭାଇଜର ସତ୍ୟ ନାରାୟଣ ପାଣିଗ୍ରାହୀ, ରାଜସ୍ୱ ନୀରିକ୍ଷକ ଫକୀର ମୋହନ ରାଉତ, ବିଘ୍ନେଶ୍ୱର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଉତ୍ତେଜନା ପ୍ରଶମିତ ହୋଇ ଶ୍ରୀ ଜଗନ୍ନାଥଙ୍କ ରଥଟଣା ସୁରୁଖୁରୁରେ ସମ୍ପନ୍ନ ହେବାସହ ମନ୍ଦିର ବିଜେ କରାଯାଇଥିଲା। ଗ୍ରାମରେ ଶାନ୍ତି ଫେରିଥିଲେ ମଧ୍ୟ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

## ଲୁଟେରା ଗ୍ୟାଙ୍ଗ ଠାବ: ୪ ଗିରଫ

କଟକ ଅଫିସ, ୧୪।୭- ସୁନାଚେନ୍ ଲୁଟ୍ ମାମଲାରେ ତଦନ୍ତ କରି ଚାଉଳିଆଗଞ୍ଜ ପୋଲିସ ଏକ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଅଞ୍ଚଳର ଅମୀୟ ପଟ୍ଟନାୟକ ଓରଫ ଟିକୁନ, ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନ୍‌ନଗର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ ହାପି, ଶଙ୍କରପୁର ଅଞ୍ଚଳର ମଧୁସୂଦନ ବୈଥାଳ ଓରଫ କାଳିଆ ଓ ମଙ୍ଗଳାବାଗ ଥାନା ଅଧୀନ ବଣିଆସାହି ଅଞ୍ଚଳର ସୁନୀଲ ସେନାପତି ଓରଫ ବାବୁ। ସେମାନଙ୍କଠାରୁ ୭ଟି ସୁନାଚେନ ଓ ଗୋଟିଏ ବାଇକ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଚାଉଳିଆଗଞ୍ଜ, ଚୌଦ୍ୱାର, କଟକ ସଦର, ମଧୁପାଟଣା ଥାନାରେ ୧୧ଟି ଲୁଟ ମାମଲା ଥିବା ପୋଲିସ ସୂଚନା ଦେଇଛି।

## ‘ଭଉଣୀଙ୍କୁ ପିଟି ହତ୍ୟା କରାଯାଇଛି’

**ଅଭିଯୁକ୍ତ ସ୍ୱାମୀ ଗିରଫ**

**ଭଦ୍ରକ ଅଫିସ, ୧୪।୭**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅନ୍ନପାଳ ଦେଉଳୀପଦୀ ଗାଁରେ ଶନିବାର ବିଳମ୍ବିତ ରାତିରେ ସାବିତ୍ରୀ ଯେନା(୪୦) ନାମ୍ନୀ ଜଣେ ମହିଳାଙ୍କୁ ପିଟି ହତ୍ୟା କରାଯାଇ ଏହାକୁ ଆତ୍ମହତ୍ୟା ରୂପ ଦିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା ରୁଜୁ କରି ମୃତା ମହିଳାଙ୍କ ସ୍ୱାମୀ ଭଗବାନ ଯେନାଙ୍କୁ ଗିରଫ କରିଥିବା କହିଛି। ବାପଘର ଲୋକେ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସାବିତ୍ରୀ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ଲୋକେ ଫୋନ କରି ଖବର ଦେଇଥିଲେ। ରବିବାର ଭୋର ସମୟରେ ମୃତା ସାବିତ୍ରୀଙ୍କ ଭାଇ ବିଚିତ୍ର ଯେନା ଓ ସମ୍ପର୍କୀୟମାନେ ଆସି ପାରିପାର୍ଶ୍ୱିକ ସ୍ଥିତି ଦେଖି ସାବିତ୍ରୀଙ୍କୁ ପିଟି ମାରିଦେବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିବା ସନ୍ଦେହ ପ୍ରକାଶ କରିଥିଲେ। ଭିଶୋଇ ଭଗବାନ ଏଭଳି ହତ୍ୟାକାଣ୍ଡ ଭିଆଇଥିବା ନେଇ ସାବିତ୍ରୀଙ୍କ ଭାଇ ବିଚିତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବରୁ ଭଗବାନ ନିଶାସକ୍ତ ଅବସ୍ଥାରେ ତାଙ୍କ ଭଉଣୀଙ୍କୁ ନିର୍ଯାତନା ଦେବା ସହ ମାରଧର କରି ଆସୁଥିଲେ ବୋଲି ସେ ମଧ୍ୟ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି। ମୃତା ସାବିତ୍ରୀଙ୍କ ୩ ଝିଅ ଓ ଗୋଟିଏ ପୁଅ ରହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୨ ମାଓବାଦୀ ନିହତ...

ପରେ ପୋଲିସର ଜବାବି କାର୍ଯ୍ୟାନୁଷ୍ଠାନର ମୁକାବିଲା ମାଓବାଦୀମାନେ କରି ପାରି ନ ଥିଲେ। ଫଳରେ ପୋଲିସ ଗୁଳିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡ଼ିଛି। ମୃତ ୨ ମାଓବାଦୀ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଦସ୍ୟ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣା ସ୍ଥଳରୁ ଜଣେ ମହିଳା ମାଓବାଦୀଙ୍କୁ ଗିରଫ କରାଯାଇଛି। ୨ଟି ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ମୃତ୍ୟୁ ଘଟିଥିବା ମାଓବାଦୀଙ୍କ ପରିଚୟ ମିଳି ନାହିଁ। ଗିରଫ ହୋଇଥିବା ମହିଳା ମାଓବାଦୀଙ୍କ ସମ୍ପର୍କରେ ଅଧିକ ତଦନ୍ତ କରାଯାଉଛି ବୋଲି ଦାନ୍ତେୱାଡା ଏସ୍.ପି. ଅଭିଷେକ ପଲ୍ଲଭ କହିଛନ୍ତି। ଅନ୍ୟପକ୍ଷରେ ଅଧିକ ତଦନ୍ତ ଚାଲିଥିବାରୁ ପୋଲିସ ଗିରଫ ମହିଳା ମାଓବାଦୀଙ୍କ ସମ୍ପର୍କରେ କିଛି କହିବାକୁ ମନା କରିଦେଇଛି।


## classifieds Everyday
0674-2580101, 2549302

**real estate**
**SALE**

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 8917502591. D-66731

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66927

2BHK, 3BHK ready to move flats at Hitech Heaven near Godiapokhari Chowk, Bhubaneswar. 9778832554, 9937927876. D-13355

ଭୁବନେଶ୍ୱର KIIT ଜଗନ୍ନାଥ ମନ୍ଦିରଠାରେ ଘରବାରୀ plot 30' ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। 6372824177. D-66727

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-13401

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508. D-66729

Urgent for immediate sale. A core house built-up area 1700sqft. Total land 10,000sqft at Nirakarpur, Khorda, may be sold partly. Only Genuine buyer may Contact No: 9777947573, 9938800102. D-13415

Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208. D-66728

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13402

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591. D-66732

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**LEASE**

Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529. D-13302

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Ayurvedic full body massage ladies & gents smart therapist. 9040900385. D-66926

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13392

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ତୃତୀୟ ଚତୁର୍ଥ ଓ ଅଷ୍ଟମ ନବମରେ ସମସ୍ତ ଗ୍ରହ ଅବସ୍ଥାନ କରୁଥିବାରୁ ସାଧାରଣ ସମସ୍ୟା ମଧ୍ୟରେ କାର୍ଯ୍ୟ ହାସଲ କରିବେ। ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଏବଂ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହି ପାରନ୍ତି। ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଅସୁବିଧାରେ ପକାଇବାର ଆଶଙ୍କା ରହିଛି।

**ବୃଷ**
ଧନାଧିପତି ଉପଚୟ ସ୍ଥାନରେ ରହିଥିବାରୁ ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ। ସାମାଜିକ କ୍ଷେତ୍ର, ସାଂଗଠନିକ ସ୍ତରରେ ଆପଣଙ୍କ କାର୍ଯ୍ୟଦକ୍ଷତା ଲୋକପ୍ରିୟତାକୁ ବଢ଼ାଇବ।

**ମିଥୁନ**
ଧନାଧିପ ସପ୍ତମ ସ୍ଥାନସ୍ଥ ହେତୁ ଅର୍ଥ ଲାଭ କାରଣରୁ ମନ ଖୁସି ରହିବ। କିନ୍ତୁ ମୃଗଶିରା ନକ୍ଷତ୍ରାଧିପତି ଦୁର୍ବଳ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିପାରେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଏକ ଆଧ୍ୟାତ୍ମିକ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**
ସୁଖଭାବାଧିପତି ରବି ଦ୍ୱାଦଶ ଭାବସ୍ଥ ହେତୁ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହ ଲାଗିବାର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା କାରଣରୁ ଅତିପ୍ରିୟ ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ। ଘରେ ଅସାବଧାନତାବଶତଃ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଦୂରଯାତ୍ରାର ସୁଯୋଗ ପାଇବା ସହ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି।

**ସିଂହ**
କର୍ମାଧିପତି ଏକାଦଶସ୍ଥ ଯୋଗୁ ଅଟକି ରହିଥିବା କାମଗୁଡ଼ିକୁ ସମ୍ପନ୍ନ କରିବେ। କିନ୍ତୁ ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିପାରନ୍ତି। ରାହୁଯୁକ୍ତ ରବି କାରଣରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**କନ୍ୟା**
ବିଶେଷ କିଛି ଅସୁବିଧା ନ ଥାଇ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆବଶ୍ୟକତାନୁସାରେ ଗୃହୋପକରଣ କ୍ରୟ କରିପାରନ୍ତି। କିନ୍ତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା**
ତୃତୀୟସ୍ଥ ଶନି ଓ ଚନ୍ଦ୍ରଙ୍କ ସମ୍ପର୍କ ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିପାରିବେ। ତରତର ହୋଇ କିଛି କାମ କରନ୍ତୁ ନାହିଁ, ଯାହାକି କାମକୁ ବିଗାଡ଼ି ଦେଇପାରେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା**
ମନ ଚାହୁଁଥିବା ପ୍ରକାରେ କାମ ନ ହେବା କାରଣରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ବନ୍ଧୁଙ୍କ ଜରିଆରେ ଆଶା କରୁଥିବା ଖବରଟି ପାଇ ଖୁସି ହେବେ। ମନ ବିରକ୍ତି ହେତୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ**
ଯେତେ ଭଲ ହେଲେ ମଧ୍ୟ ଅତୀତର କୌଣସି ଘଟଣା ମନକୁ ବେଶି ବିବ୍ରତ କରିବ। ଯାତ୍ରା କାଳରେ କିମ୍ବା ଜନଗହଳି ରାସ୍ତାରେ ସତର୍କତା ଅଭାବରୁ ଧନହାନି ଘଟିପାରେ। କୌଣସି ପ୍ରିୟବନ୍ଧୁଙ୍କ ଆଗମନ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। କଠିନ ଶ୍ରମ ଯୋଗୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବାର ଆଶଙ୍କା ରହିଛି।

**ମକର**
ବହୁଳ ମାତ୍ରାରେ ଦୁଶ୍ଚିନ୍ତା ଦୂର ହୋଇଥିଲେ ମଧ୍ୟ ନୂଆ ନୂଆ ସମସ୍ୟା ପୁନଶ୍ଚ ମୁଣ୍ଡ ଟେକିପାରେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ନେବାରେ ବହୁତ ବାଧା,ବିଘ୍ନର ସମ୍ମୁଖୀନ ହେବାର ସୂଚନା ରହିଛି।

**କୁମ୍ଭ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତର୍କବିତର୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖା ଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାରୁ କୌଣସି କାମରେ ଆଗଭର ହୋଇପାରିବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବାସହ ଲକ୍ଷ୍ୟ ହାସଲ କରିପାରିବେ।

**ମୀନ**
କର୍ମକ୍ଷେତ୍ରରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ କିମ୍ବା ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ଯଦିଓ ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ, ଶିବ ଶୟନୋତ୍ସବ,ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ସୋମବାର, ଜୁଲାଇ ୧୫, ବିଶ୍ୱ ଯୁବ କୌଶଳ ଦିବସ, ରସଗୋଲା ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା ଘ୬।୫୦ମି. ମଧ୍ୟେ, ଘ୧।୦୫ମି. ଗତେ ଘ୨।୪୩ମି. ମଧ୍ୟେ, ଘ୪।୪୩ମି. ଗତେ ଘ୬।୨୨ମି ମଧ୍ୟେ ଅମୃତବେଳା। ସକାଳ ଘ୮।୨୮ମି. ଗତେ ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା।

■ ସରିଲା ଅଧରପଣା ନୀତି

# ୩ ରଥରେ ଭଙ୍ଗାଗଲା ୯ ଅଧର ହାଣ୍ଡି

ପୁରୀ ଅଫିସ, ୧୪।୭

ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ରବିବାର ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୁଢ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ଛୁଟିଦିନ ଏବଂ ଅନୁକୂଳ ପାଗ ଯୋଗୁ ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦାର୍ଶନ କରିଛନ୍ତି।

ତିନିରଥରେ ମଧ୍ୟାହ୍ନ ଧୂପ ବଢିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ଲାଗି ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର ଓ ଜାଇଫଳ ଆଣି ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧାଯାଇଥିଲା। ଏହାପରେ ମହାସୁଆରମାନେ ପଣା ପାଇଁ ଆସିଥିବା ସାମଗ୍ରୀ ମିଶାଇ ପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗା ଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଉକ୍ତ ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରାତି ୮ଟାରେ ଅଧରପଣା ନୀତି ଶେଷ ହେବାକୁ ଥିବା ବେଳେ ଏହା ରାତି ୯ଟା ୨୭ରେ ସରିଥିଲା। ପ୍ରଥମେ ତାଳଧ୍ୱଜ ରଥରେ ୯ଟା ୧୦, ଦର୍ପଦଳନ ରଥରେ ୯ଟା ୧୨ ଏବଂ ଶେଷରେ ନନ୍ଦିଘୋଷ ରଥରେ ୯ଟା ୨୭ରେ ଅଧରପଣା ହାଣ୍ଡି ଭଙ୍ଗା ଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

ତେବେ ବିଗତ କିଛିବର୍ଷକୁ ଦେଖିଲେ ଅଧରପଣା ଦିନ ଶ୍ରୀକ୍ଷେତ୍ରରେ ଏତେ ସଂଖ୍ୟାରେ ଭକ୍ତଙ୍କ ଗହଳି ନ ଥାଏ। କିନ୍ତୁ ଚଳିତବର୍ଷ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଏହି ଅଧରପଣା ନୀତି ଦର୍ଶନ କରିଛନ୍ତି। ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟିଦିନ ଥିବାରୁ ବହୁ ସଂଖ୍ୟକ ଲୋକ ସପରିବାର ପୁରୀରେ ରହିଛନ୍ତି। ତେଣୁ ଅଧରପଣା ନୀତି ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି।

## ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ଜଗନ୍ନାଥଙ୍କ ରଥରେ ଅଧରହାଣ୍ଡି ଭଙ୍ଗାଯାଉଛି।



## ଜିଲା ଚିଠି ସମ୍ବଲପୁର

# ଅଫିସରଙ୍କ ହାତରେ ମହାନଗର ନିଗମ

୨୦୧୩ରେ ସମ୍ବଲପୁର ମହାନଗର ନିଗମ ଘୋଷଣା ହେଲା। ଇତିମଧ୍ୟରେ ୬ ବର୍ଷ ବିତିଛି। ହେଲେ ନିଗମ କ'ଣ ଏବଂ ଏହାର ରୂପରେଖ କିପରି ତାହା ସହରବାସୀ ଜାଣି ପାରିନାହାନ୍ତି। କାରଣ ମହାନଗର ନିଗମ ଗଠନ ପରେ ଅଫିସର ନିଯୁକ୍ତ ହେଲେ, କିନ୍ତୁ ନିର୍ବାଚନ ହୋଇପାରିଲା ନାହିଁ। ଏଥିଯୋଗୁ ଗୋଟିଏ ପଟେ ଲୋକେ ତାଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ଅନ୍ୟପକ୍ଷେ ସେମାନଙ୍କ ସ୍ୱର ପ୍ରଶାସନ ପାଖରେ ଠିକ୍‌ଭାବେ ପହଞ୍ଚି ପାରିଲା ନାହିଁ। ଜନ ପ୍ରତିନିଧିଙ୍କ ପାଖରେ ଲୋକେ ସେମାନଙ୍କ ଦାବି ଯେପରି ଢଙ୍ଗରେ ଉପସ୍ଥାପନ କରିପାରନ୍ତି, ତାହାକୁ ଜଣେ ଅଫିସରଙ୍କ ପାଖରେ କରିପାରନ୍ତି ନାହିଁ। ଏହିପରି ଅବସ୍ଥା ଗତ ୬ବର୍ଷ ଧରି ଲାଗି ରହିବା ଫଳରେ ସମ୍ବଲପୁର ମହାନଗର ନିଗମରେ ବିକାଶ ବାଧାପ୍ରାପ୍ତ ହୋଇଛି। ଅପରପକ୍ଷରେ ନିର୍ବାଚିତ ପ୍ରତିନିଧି ନ ଥିବାରୁ ଏହା ମତାଧିକାର ପ୍ରତି ଉପହାସ ବୋଲି କୁହାଯାଉଛି। ନିର୍ବାଚନ ନ ହେବା ପଛରେ ପ୍ରଶାସନ ପକ୍ଷରୁ ଆଇନଗତ ସମସ୍ୟାକୁ ଦର୍ଶାଯାଉଛି। ନିର୍ବାଚନ ନ ହେବାର କାରଣ ଯାହା ହେଉନା କାହିଁକି, ଏହାର ପ୍ରଭାବ ସିଧା ଜନସାଧାରଣଙ୍କ ଉପରେ ପଡୁଛି। ନିର୍ବାଚିତ ପ୍ରତିନିଧି ନ ଥିବାରୁ ମହାନଗର ନିଗମ ଅଫିସରଙ୍କ ହାତରେ ପରିଚାଳିତ ହେଉଛି। ତେଣୁ ୱାର୍ଡଗୁଡ଼ିକରେ ଥିବା ବାସ୍ତବ ସମସ୍ୟା ସମାଧାନ ହୋଇପାରୁନାହିଁ। ଲୋକେ ପାଣି, ବିଜୁଳି, ରାସ୍ତା ଆଦି ମୌଳିକ ସମସ୍ୟା ଉପରେ ଅଭିଯୋଗ ମଧ୍ୟ କରିପାରୁନାହାନ୍ତି। ମହାନଗର ନିଗମ ପକ୍ଷରୁ କେବଳ ବଡ଼ ବଡ଼ ପ୍ରକଳ୍ପଗୁଡ଼ିକ ହାତକୁ ନିଆଯାଇ ବିକାଶ ହେଉଥିବା କୁହାଯାଉଛି। ହେଲେ ନିଗମ ଅଧୀନ ଯେଉଁ ୱାର୍ଡକୁ ବି ଗଲେ ଲୋକଙ୍କ ସମସ୍ୟା ଜଳଜଳ ଦେଖାଯାଉଛି। ମହାନଗର ନିଗମରେ ମାନେଶ୍ୱର ଓ ଧନକଉଡ଼ା ବ୍ଲକର ୧୨ ପଞ୍ଚାୟତ ସହ ବୁର୍ଲା ଓ ହୀରାକୁଦ ଏନ୍‌ଏସିକୁ ସାମିଲ କରାଯାଇଛି। ମହାନଗରରେ ସାମିଲ ହେବା ଏକ ଅଭିଶାପ ବୋଲି ଏହି ଲୋକମାନେ କହୁଛନ୍ତି। ପଞ୍ଚାୟତ ବା ଏନ୍‌ଏସି ଅଧୀନରେ ଥିବାବେଳେ ସେମାନେ ସୁବିଧା ସୁଯୋଗ ପାଉଥିଲେ। ଏବେ ତାହା ମିଳୁ ନ ଥିବା ଅଭିଯୋଗ ହେଉଛି। ୨୦୦୮ରେ ସମ୍ବଲପୁର ପୌରପାଳିକା ନିର୍ବାଚନ ହୋଇଥିଲା। ୨୦୧୩ ପର୍ଯ୍ୟନ୍ତ ଜନପ୍ରତିନିଧି ରହିଥିଲେ। ୨୦୧୩ରୁ ୨୦୧୯ ମଧ୍ୟରେ ମହାନଗର ନିଗମର ୨ଥର ନିର୍ବାଚନ ହେବା କଥା। ହେଲେ ଏହା କରାଯାଇ ପାରିଲା ନାହିଁ। ଏହି ସମୟ ମଧ୍ୟରେ ୨୦୧୪ ଓ ୨୦୧୯ରେ ଦୁଇଟି ସାଧାରଣ ନିର୍ବାଚନ ସରିଛି। ୨୦୧୪ ସାଧାରଣ ନିର୍ବାଚନ ସମୟରେ ମହାନଗର ନିଗମ ନିର୍ବାଚନ ହୋଇଥିଲେ ସାଧାରଣ ନିର୍ବାଚନ ଭୋଟ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରି ରାଜନୈତିକ ଦଳଗୁଡ଼ିକ ମହାନଗର ନିର୍ବାଚନ ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ। ନିକଟରେ ରାଜ୍ୟରେ ଅନ୍ୟ ମହାନଗର ନିଗମ ଓ ପୌରପାଳିକାରେ ନିର୍ବାଚନ ହେବ। ଏହିକ୍ରମରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମ୍ବଲପୁର ମହାନଗର ନିଗମର ଜନସଂଖ୍ୟା, ୱାର୍ଡର ସୀମା ନିର୍ଦ୍ଧାରଣ, ସିଟ୍ ସଂରକ୍ଷଣ ଆଦି ବିଷୟରେ ରିପୋର୍ଟ ତଲବ କରାଯାଇଛି। ତେଣୁ ଏଥର ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହେବ ବୋଲି ଲୋକେ ଆଶାବାନ୍ଧି ବସିଛନ୍ତି।

– ଶୁଭାଶିଷ ପାଢ଼ୀ

# ୭ଜଣଙ୍କୁ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର



ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଭୁବନେଶ୍ୱର ପୁସ୍ତକମେଳାର ୩୫ତମ ପୁରସ୍କାର ବିତରଣ ଉତ୍ସବ ରବିବାର ସ୍ଥାନୀୟ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭ଜଣଙ୍କୁ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଗଳ୍ପ 'ତାରା ଭର୍ତ୍ତି ଆକାଶ' ପୁସ୍ତକ ପାଇଁ ବିରଜା ରାଉତରାୟ ଓ କବିତା ପୁସ୍ତକ 'ନିଆଁର କୋଲାଜ୍' ପାଇଁ ପ୍ରତୀକ୍ଷା ଜେନାଙ୍କୁ ପୁସ୍ତକମେଳା ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କଥାକଳିକା ୨୦୧୮ ପୂଜା ପତ୍ରିକାର ଗଳ୍ପ 'ଅଜଣା ସମୁଦ୍ର' ପାଇଁ କ୍ଷୀରୋଦ ପଟ୍ଟନାୟକଙ୍କୁ ରବି ପଟ୍ଟନାୟକ ସ୍ମୃତି ପୁରସ୍କାର ଦିଆଯାଇଛି। ସେହିଭଳି 'ପୁନଶ୍ଚ ବଳିଦତ୍ତ' ପୁସ୍ତକ ପାଇଁ ମହେଶ୍ୱତା ସାହୁଙ୍କୁ ଉତ୍ତମ ଚରଣ ନାୟକ ଗଳ୍ପ ପୁରସ୍କାର, 'ଗୀତ ନା ଗପ' ପୁସ୍ତକ ପାଇଁ ମାନସ ରଞ୍ଜନ ସାମଲଙ୍କୁ ଶିଶୁ ସାହିତ୍ୟ ପୁରସ୍କାର, ଏଥେନାର ରାଜକିଶୋର ଦାସଙ୍କୁ ଶ୍ରେଷ୍ଠ ପ୍ରକାଶକ ଏବଂ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ପଶ୍ଚିମା ସାହିତ୍ୟ ପତ୍ରିକା ପ୍ରଦତ୍ତ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା। 'ବିଧର୍ମୀ' ପୁସ୍ତକ ପାଇଁ ଅରବିନ୍ଦ ଦାସଙ୍କୁ ପଶ୍ଚିମା ଗଳ୍ପ ସମ୍ମାନ, 'ପ୍ରେମର ଦୂର ଗୀତ' ପାଇଁ କେଦାର ମିଶ୍ରଙ୍କୁ ପଶ୍ଚିମା କବିତା ସମ୍ମାନ, 'ସୃଜନ ସ୍ୱପ୍ନ' ପାଇଁ ଡ. ଇନ୍ଦୁପ୍ରଭା ସାମଲଙ୍କୁ ପଶ୍ଚିମା ପ୍ରବନ୍ଧ ସମ୍ମାନ, 'ଡାର୍ଟି ପିକ୍ଚର' ପାଇଁ ରବିନାରାୟଣ ଦାଶଙ୍କୁ ପଶ୍ଚିମା ଉପନ୍ୟାସ ସମ୍ମାନ ଦିଆଯାଇଛି। ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସାହିତ୍ୟିକା ପ୍ରତିଭା ଶତପଥୀ, ଭୁବନେଶ୍ୱର ପୁସ୍ତକମେଳା କମିଟିର ସମ୍ପାଦକ ଅଶୋକ ମହାନ୍ତି ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।

■ ବିଜେଡି ଏମ୍‌ପିଙ୍କୁ ନବୀନଙ୍କ ଚିଠି

# ରାଜ୍ୟବାସୀଙ୍କ ଶ୍ରଦ୍ଧାଭାଜନ ହେବାକୁ ପରାମର୍ଶ

- ପ୍ରତି ଦୁଇମାସରେ ଦେବେ ରିପୋର୍ଟ କାର୍ଡ
- ସମୀକ୍ଷା ସହ ପରାମର୍ଶ ଦେବେ ସଭାପତି

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ବିଧାୟକ ଓ ମନ୍ତ୍ରୀମାନଙ୍କୁ ଶୃଙ୍ଖଳା ଓ ଉତ୍ତରଦାୟିତ୍ୱର ପାଠ ପଢ଼ାଇବା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନଙ୍କୁ ରବିବାର ପତ୍ର ଲେଖି ଅନେକ ପରାମର୍ଶ ଦେଇଛନ୍ତି। ଏମ୍‌ପିମାନେ ନିଜର ସଂସଦୀୟ ଦାୟିତ୍ୱ ନିର୍ବାହ କରିବା ସହ ନିଜ ନିଜ ଅଞ୍ଚଳ ବୁଲି ଲୋକଙ୍କ କାର୍ଯ୍ୟ କରୁଛନ୍ତି। ସେମାନେ ଆସନ୍ତା ଅଗଷ୍ଟ ମାସରୁ ପ୍ରତି ଦୁଇ ମାସରେ ଥରେ ୧୦ ତାରିଖ ସୁଦ୍ଧା ନିଜ ରିପୋର୍ଟ କାର୍ଡ ଲିଖିତଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟଗୁଡ଼ିକର ସମୀକ୍ଷା କରାଯିବା ସହ ମୁଖ୍ୟମନ୍ତ୍ରୀ ଏମ୍‌ପିମାନଙ୍କୁ ପରାମର୍ଶ ଦେବା ନେଇ ଚିଠିରେ ଉଲ୍ଲେଖ କରିଛନ୍ତି।

ଏତଦ୍‌ବ୍ୟତୀତ ବିଜେଡି ସଭାପତି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟବାସୀଙ୍କ ଆଶା, ଆକାଂକ୍ଷା ପୂରଣ ତଥା ସ୍ୱାର୍ଥ, ସ୍ୱାଭିମାନ ପାଇଁ ଦଳର ନିରନ୍ତର ପ୍ରୟାସ ହିଁ ବିଜେଡିକୁ ୫ମଥର ପାଇଁ କ୍ଷମତାସୀନ କରାଇଛି। ଲୋକ ସଭାରେ ମଧ୍ୟ ରାଜ୍ୟରୁ ବିଜେଡି ସର୍ବାଧିକ ଆସନରେ ବିଜୟୀ ହୋଇଛି। ତେଣୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେଡିର ଉତ୍ତରଦାୟିତ୍ୱ ସର୍ବାଧିକ ବୋଲି ନବୀନ କହିଛନ୍ତି।

ନିର୍ବାଚନ ପରେ ଦଳୀୟ ଏମ୍‌ପିମାନଙ୍କ ସହ ବିଜେଡି ସଭାପତି ଆଲୋଚନା କରିଥିଲେ। ଏହି ସମୟରେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ପାଇଁ ସଦସ୍ୟଙ୍କ ଆଗ୍ରହ ଓ ପ୍ରତିବଦ୍ଧତା ତାଙ୍କୁ ଆନନ୍ଦିତ କରିଥିବା ନବୀନ କହିଛନ୍ତି। ଗତ ଲୋକ ସଭା ନିର୍ବାଚନରେ ପ୍ରଥମଥର ପାଇଁ ଦଳ ପକ୍ଷରୁ ଏକତୃତୀୟାଂଶ ଲୋକ ସଭା ଆସନରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିଲା। ରାଜ୍ୟବାସୀ ମଧ୍ୟ ଦଳର ଏହି ନିଷ୍ପତ୍ତିକୁ ସମ୍ମାନ ଦେଇ ବିପୁଳ ସମର୍ଥନ କରିଥିଲେ। ମହିଳା ପ୍ରାର୍ଥୀମାନେ ପାର୍ଲାମେଣ୍ଟରେ ନିଜ ପ୍ରଥମ ପଦାର୍ପଣରେ ରାଜ୍ୟବାସୀଙ୍କ ସ୍ୱାର୍ଥ ଯେଭଳି ଭାବେ ଉପସ୍ଥାପିତ କରିଛନ୍ତି, ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଥିବା ନବୀନ କହିଛନ୍ତି। ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଅଭିଜ୍ଞ ଏବଂ ନବାଗତଙ୍କ ଉପଯୁକ୍ତ ସନ୍ତୁଳନ ରହିଛି। ଏହା ମହିଳା, ଯୁବକ, ସଂରକ୍ଷିତ ବର୍ଗଙ୍କ ସ୍ୱାର୍ଥ ସହ ରାଜ୍ୟର ସାମଗ୍ରିକ କଲ୍ୟାଣ ଏବଂ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗର ସମାଧାନ ବାଟ ଖୋଜିବାରେ ସହାୟକ ହେବ ବୋଲି ବିଜେଡି ସଭାପତି ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ଏମ୍‌ପିମାନେ କିଭଳି କାର୍ଯ୍ୟ କଲେ, ରାଜ୍ୟର ସ୍ୱାର୍ଥ ଓ ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କରାଯାଇପାରିବ, ସେ ଦିଗରେ ସେ ନିର୍ଦ୍ଦିଷ୍ଟ ମତାମତ ରଖିବେ ବୋଲି ବିଜେଡି ସଭାପତି କହିଛନ୍ତି। ଏମ୍‌ପି ଭାବେ ସଫଳ ହେବା ସହ ଓଡ଼ିଆ ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ହେବା ପାଇଁ ନବୀନ ପଟ୍ଟନାୟକ କାମନା କରିଛନ୍ତି।

# ୪ ଓଭରବ୍ରିଜ୍, ୬ ଆର୍‌ଓବି ପାଇଁ ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ରାଜ୍ୟର ପ୍ରତି ବ୍ଲକରେ ପୂର୍ତ୍ତ ବିଭାଗ ପକ୍ଷରୁ ଡାକବଙ୍ଗଳା(ଆଇବି) କରାଯାଉ। ବିଭାଗ ପକ୍ଷରୁ ସାରା ରାଜ୍ୟରେ ଥିବା ଆଇବିଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ। ସେହିପରି ରାଜ୍ୟର ଗ୍ରାମାଞ୍ଚଳରେ ଭାରିଯାନ ଚଳାଚଳ ହେତୁ ରାସ୍ତାଗୁଡ଼ିକ ଖରାପ ହେଉଛି, ତେଣୁ ଜାତୀୟ ରାଜପଥ ମାନର ରାସ୍ତା ନିର୍ମାଣ କରାଯାଉ। ବିଧାନସଭା ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକରେ ଏହି ପରାମର୍ଶ ଦିଆଯାଇଛି। ସେହିଭଳି ଓଡ଼ିଶା ବିଧାନସଭାର ପରିଚୟପତ୍ର ଥିବା ଗାଡ଼ିକୁ ବିନା ବାଧାରେ ରାଜ୍ୟରେ ଥିବା ସମସ୍ତ ଟୋଲଗେଟ୍‌ରେ ଛଡ଼ାଯାଉ। ବିଶେଷକରି ପୁରୀ–ଭୁବନେଶ୍ୱର ରାସ୍ତାରେ ଥିବା ପିପିଲି ନିକଟସ୍ଥ ଟୋଲଗେଟ୍‌କୁ ଏହି ନିର୍ଦ୍ଦେଶ ଦେବାକୁ କମିଟି ପକ୍ଷରୁ ସୁପାରିସ କରାଯାଇଛି।

ରାଜ୍ୟର ୪ଟି ସ୍ଥାନରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ହୋଇଥିବା ବିବରଣୀରୁ ଜଣାପଡିଛି। ଏହି ସ୍ଥାନଗୁଡିକ ହେଉଛି– ଭୁବନେଶ୍ୱରର କଳ୍ପନା ଛକ, ବ୍ରହ୍ମପୁରର ଗେଟ୍ ବଜାର ଛକ, ଖଲ୍ଲିକୋଟ ଛକ ଏବଂ କଟକ ସହର ମଧ୍ୟରେ ଥିବା କାଠଗଡ଼ାସାହି ନିକଟସ୍ଥ ତାରବାଟ ଛକ। ସେହିପରି ରାଜ୍ୟର ୬ଟି ସ୍ଥାନରେ ରେଳ ଓଭର ବ୍ରିଜ(ଆର୍‌ଓବି) ପାଇଁ କମିଟି ବୈଠକରେ ଆଲୋଚନା କରାଯାଇଛି। ଏଗୁଡିକ ହେଉଛି– ଛତିଆ–କଳକରା ମଧ୍ୟରେ ଥିବା ବଇରୀ, ଭଦ୍ରକ ଜିଲାର କେନ୍ଦୁଆପଦା, ଭୁବନେଶ୍ୱରର କଳାରାହାଙ୍ଗ, କଟକର ଶିଖରପୁର, ଟାଙ୍ଗୀ–କପିଳାସ ରୋଡ୍‌ର ଟାଙ୍ଗୀ ଏବଂ ପୁରୀ–କୋଣାର୍କର ସିଦ୍ଧମହାବୀର ଅଞ୍ଚଳ।

# ଦେଢ଼ ମାସରେ ୨୦.୩% କମିଛି ବର୍ଷା ପରିମାଣ

- ଲଘୁଚାପ ନ ହେଲେ ନିଅଣ୍ଟିଆ ବର୍ଷା ପରିମାଣ ବଢ଼ିବ
- ମରୁଡ଼ି ଆଶଙ୍କା
- ୧୭ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ରାଜ୍ୟରେ ଏପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ହୋଇନାହିଁ। ଚଳିତବର୍ଷ ମୌସୁମୀ ବିଳମ୍ବରେ ଆସିଥିଲେ ମଧ୍ୟ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ଜୁଲାଇ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ପ୍ରବଳ ବର୍ଷା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ଗୋଟିଏ ଦିନ ବର୍ଷା ହୋଇଗଲେ ଆଉ ୩–୪ଦିନ ବର୍ଷା ହେଉନାହିଁ। ଜୁନ୍ ମାସରେ ୨୧୬.୫ ମିମି ବର୍ଷା ହେବା କଥା। ମାତ୍ର ୧୪୮.୩ ମିମି ବର୍ଷା ହୋଇଥିଲା। ତେବେ ଜୁଲାଇ ମାସରେ କିଛି ମାତ୍ରାରେ ଏହି ନିଅଣ୍ଟିଆ ବର୍ଷା ପରିମାଣ ପୂରଣ ହୋଇଯିବ ବୋଲି ଅନୁମାନ କରାଯାଉଥିଲା। ହେଲେ ଜୁଲାଇ ମାସ ଦ୍ୱିତୀୟ ସପ୍ତାହ ବିତିଯାଇଥିଲେ ମଧ୍ୟ କାଁ ଭାଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇଛି। ଜୁନ୍ ମାସରେ ୩୧ ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ ଜୁଲାଇ ୧ରୁ ୧୩ତାରିଖ ମଧ୍ୟରେ ୩% ବର୍ଷା ପରିମାଣ କମିଛି। ଜୁନ୍ ୧ରୁ ଜୁଲାଇ ୧୩ତାରିଖ ମଧ୍ୟରେ ବର୍ଷାର ପରିମାଣ ୨୦.୩% କମ୍ ରହିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ୩୫୯ମିମି ବର୍ଷା ହେବା କଥା। କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୨୮୬.୧ ମିମି ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ଯଦି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ ବଳୟ ସୃଷ୍ଟି ନ ହୁଏ, ତେବେ ନିଅଣ୍ଟିଆ ବର୍ଷା ପରିମାଣ ବଢ଼ିଯିବ। ଆସନ୍ତା ମାସକୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପଟେ ରବିବାର କେବଳ ମାଲକାନଗିରିରେ ୧.୬ ପ୍ରତିଶତ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସୋମବାର ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ପୁରୀ, ରାୟଗଡ଼ା, ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଭଦ୍ରକ, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, କେନ୍ଦୁଝରରେ କାଳବୈଶାଖୀ ସହ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ସେହିପରି ଆସନ୍ତା ୧୭ତାରିଖରୁ ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ପାଣିପାଗ ପୂର୍ବାନୁମାନ କରିଛି।



# ଅଧିକ ମଦ ପିଆଇବେ

ଓଡ଼ିଶା ବିଧାନସଭାରେ ୧୨ ଜୁଲାଇ ୨୦୧୯ରେ ଉପସ୍ଥାପିତ ଅବକାରୀ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ ଅନୁଯାୟୀ ରାଜ୍ୟରେ ଅଧିକ ମଦ ବିକ୍ରି ପାଇଁ ବ୍ୟବସ୍ଥା କରାଯିବା ଦରକାର ବୋଲି କୁହାଯାଇଛି। ଏହାପଛର ଲକ୍ଷ୍ୟ ଭାବେ ଦର୍ଶାଯାଇଛି ଯେ, ରାଜ୍ୟର ଅବକାରୀ ଆୟ ବୃଦ୍ଧି କରିବା। ଏଭଳି ସୁପାରିସରେ ଆହୁରି କୁହାଯାଇଛି, ଲାଇସେନ୍ସପ୍ରାପ୍ତ ଯେଉଁ ବ୍ୟବସାୟୀ ମିନିମମ୍ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ) ଲକ୍ଷ୍ୟ ହାସଲ କରୁଛନ୍ତି ବା ତା'ଠାରୁ ଅଧିକ ମଦ ଉଠାଉଛନ୍ତି, ସେମାନଙ୍କ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଉ। ଗୋଟିଏପଟେ ମହିଳା ସଶକ୍ତୀକରଣ ଲାଗି ପଦକ୍ଷେପ ନିଆଯାଉଛି ବୋଲି ଦାବି କରାଯାଉଥିବା ବେଳେ ଅନ୍ୟପଟେ ଏଭଳି ଚିନ୍ତାଧାରା ରାଜ୍ୟ ସରକାରଙ୍କ ଅସଲ ରୂପକୁ ପଦାରେ ପକାଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ୨୦୧୮ ସେପ୍ଟେମ୍ବରରେ ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ, ପ୍ରତିବର୍ଷ ଭାରତରେ ମଦ୍ୟପାନ ଯୋଗୁ ୨ ଲକ୍ଷ ୬୦ ହଜାର ଲୋକଙ୍କ ପ୍ରାଣହାନି ଘଟୁଛି। ଅତ୍ୟଧିକ ମଦ୍ୟପାନ ଲିଭର ସିରୋସିସ୍ ଭଳି ମାରାତ୍ମକ ରୋଗ ସୃଷ୍ଟି କରି ଲୋକଙ୍କ ପ୍ରାଣ ନେଉଥିବା ବେଳେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଦ୍ୱାରା ଅନେକଙ୍କ ଜୀବନ ଯାଉଛି। ଅନ୍ୟପଟେ ଆତଙ୍କବାଦ ଯୋଗୁ ୨୦୧୪ରୁ ୨୦୧୮ ମଧ୍ୟରେ ଦେଶର ସର୍ବାଧିକ ସମ୍ବେଦନଶୀଳ ଜମ୍ମୁ ଓ କଶ୍ମୀରରେ ମାତ୍ର ୧୩୧୫ ଜଣ ଲୋକଙ୍କ ପ୍ରାଣହାନି ଘଟିଥିବା ଏକ ତଥ୍ୟରୁ ଜଣାପଡ଼ିଛି। ଭାରତ ସରକାରଙ୍କ କହିବା ଅନୁଯାୟୀ ଆତଙ୍କବାଦ ହେଉଛି ଏହି ଦେଶର ମୁଖ୍ୟ ଶତ୍ରୁ, ଯାହାର ମୁକାବିଲା ପାଇଁ ଅନେକ ହଜାର କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ କରାଯାଉଛି। ଉଭୟ ମଧ୍ୟରେ ତୁଳନାତ୍ମକ ବିଶ୍ଳେଷଣ କଲେ ମଦ୍ୟପାନଜନିତ ପ୍ରାଣହାନି ଆତଙ୍କବାଦ ସମ୍ବନ୍ଧୀୟ ମୃତ୍ୟୁ ସଂଖ୍ୟାଠାରୁ କାହିଁ କେତେ ଗୁଣରେ ଅଧିକ। କେବଳ ସେତିକି ନୁହେଁ, ମଦ ଅନେକ ଗରିବଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ଅବସ୍ଥାକୁ ଟାଣି ନେବା ସହ ପାରିବାରିକ ଅଶାନ୍ତିର ମୂଳ କାରଣ ସାଜୁଛି। ଯାହା ଦ୍ୱାରା ରାଜ୍ୟ ବା ଦେଶରେ ଅର୍ଥନୈତିକ ଓ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି, ତାହାକୁ ବନ୍ଦ କରିଦେବା ସରକାରଙ୍କ ପ୍ରାଥମିକ କାର୍ଯ୍ୟ ହେବା କଥା। ଭାରତରେ ଗୁଜରାଟ, ମିଜୋରାମ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଏବଂ ବିହାରରେ ମଦ ବିକ୍ରି ଉପରେ ରୋକ ଲଗାଯାଇଛି। ସେଥିପାଇଁ ଏଗୁଡ଼ିକୁ 'ଡ୍ରାଏ ଷ୍ଟେଟ୍' ଆଖ୍ୟା ଦିଆଯାଇଛି। ହେଲେ ବ୍ୟବସାୟୀମାନେ ବେଆଇନ ଭାବେ ଏହିସବୁ ରାଜ୍ୟରେ ମଦ ଯୋଗାଉଥିବାରୁ ମଦ୍ୟପ ଚଢ଼ାଦରରେ ତାହାକୁ କିଣୁଥିବା ସମସ୍ତେ ଜାଣନ୍ତି। ଏଭଳିସ୍ଥଳେ ଓଡ଼ିଶା କଥା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି। ମଦ ବ୍ୟବସାୟ ବଢ଼ାଇବା ଲାଗି ବିଧାନସଭାର ଷ୍ଟାଣ୍ଡିଂ କମିଟି ଦେଇଥିବା ସୁପାରିସକୁ ଦେଖିଲେ ରାଜ୍ୟରେ ସରକାର ଯେମିତି ମଦ ବନ୍ୟା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ବିଧାୟକ ସୁବ୍ରତ ତରାଇ ଏହି କମିଟିର ଅଧ୍ୟକ୍ଷ ଥିବା ବେଳେ ବିଧାୟକ ସୁରେଶ କୁମାର ରାଉତରାୟ, ଚନ୍ଦ୍ରସାରଥି ବେହେରା, ପର୍ଶୁରାମ ଧଡ଼ା, ଜଗନ୍ନାଥ ନାଏକ ଏବଂ ପ୍ରଭୁ ଜାନି ପ୍ରମୁଖ ସଦସ୍ୟ ଅଛନ୍ତି ।

**ତଥାଗତ ସତପଥୀ**

ଏଠାରେ ଏହା ମଧ୍ୟ ଦର୍ଶାଯାଇପାରେ ଯେ, ଓଡ଼ିଶାର ପଡ଼ୋଶୀ ରାଜ୍ୟ ଯେଉଁଠାରେ ମଦକୁ ବେଆଇନ ଘୋଷଣା କରାଯାଇ ନାହିଁ, ସେଠାରେ ରାଜସ୍ୱ ବୃଦ୍ଧି ସକାଶେ ମଦର ଦାମ୍‌କୁ ଅଧିକ ରଖାଯାଇଛି। ଉଦାହରଣ ସ୍ୱରୂପ, ଓଡ଼ିଶା ତୁଳନାରେ ପଶ୍ଚିମବଙ୍ଗରେ ମଦ ଦର ପ୍ରାୟ ୪୦ ପ୍ରତିଶତ ଅଧିକ। ସେହିଭଳି ଦିଲ୍ଲୀ, ବମ୍ବେରେ ମଧ୍ୟ ଓଡ଼ିଶାଠାରୁ ଦର ଯଥେଷ୍ଟ ଉଚ୍ଚା ରହୁଛି। ଓଡ଼ିଶାରେ ରାଜସ୍ୱ ଆଦାୟକୁ ବୃଦ୍ଧି କରିବା ଲକ୍ଷ୍ୟରେ ମଦ ବ୍ୟବସାୟୀଙ୍କୁ ପୁରସ୍କାର ଦେବା ଲାଗି କମିଟି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଏବେ ବେପାରୀମାନେ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିପାରନ୍ତି। ସମାଜରେ ଏକ ଭଲ କାର୍ଯ୍ୟ କରିବା ଲାଗି ଯେତିକି ସହଯୋଗ ମିଳି ନ ଥାଏ, ଖରାପ କାମ ଆପେ ଆପେ ପାଣି ପାଇଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ଅଧିକ ମଦୁଆ ସୃଷ୍ଟି କରିବା ଲାଗି ବ୍ୟବସାୟୀମାନେ ଏବେ ଆଗେଇ ଆସିବାକୁ ପସନ୍ଦ କରିବା ସ୍ୱାଭାବିକ। ଗୋଟିଏ ଗୁଳିରେ ଦୁଇଟି ଶିକାର ଭଳି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ସରକାର ପର୍ଯ୍ୟାପ୍ତ ରାଜସ୍ୱ ପାଇପାରିବେ ଓ ବ୍ୟବସାୟୀ ଲାଭବାନ ହେବେ। କୋଟା ପୂରଣ ଦିଗରେ ବ୍ୟବସାୟୀମାନେ ମଦ ବିକିବାରେ ସକ୍ଷମ ହେଲେ ମଦୁଆଙ୍କ ସଂଖ୍ୟା ଆହୁରି ବଢ଼ିଯିବ। ଏହା ଦ୍ୱାରା ରାଜ୍ୟରେ ସାମାଜିକ ବିଶୃଙ୍ଖଳା ଜନ୍ମିବା ଥୟ। ଏଥିସହିତ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସୁନିଶ୍ଚିତ।

ଏହା ଜଣାଶୁଣା ଯେ, ରାଜ୍ୟ ଏବେ ଋଣ ଭାରରେ ବୁଡ଼ି ରହିଛି। ୨୦୧୯ ଫେବୃୟାରୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ଋଣ ପରିମାଣ ଗତ ଆର୍ଥିକବର୍ଷ ଶେଷ ସୁଦ୍ଧା ୮୮ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୧ ଲକ୍ଷ କୋଟି ଟଙ୍କାରୁ ଉପରକୁ ଯିବ ବୋଲି ଆକଳନ କରାଯାଇଛି। ଏତେବଡ଼ ଆକାରର ଋଣ ପରିମାଣ ଦେଖିଲେ ଯେକେହି ଆଚମ୍ବିତ ହେବେ। ତେଣୁ ଏହାର ସକାରାତ୍ମକ ସମାଧାନ ପନ୍ଥା ବାହାର କରାଯିବା ଉଚିତ। ସରକାର ସେଥିପ୍ରତି ଦୃଷ୍ଟି ନ ଦେଇ ମଦ ବିକ୍ରି ବଢ଼ାଇବା ଲାଗି ପୁରସ୍କାର ଘୋଷଣାକୁ କାର୍ଯ୍ୟକାରୀ କଲେ ଜନସାଧାରଣଙ୍କ ନିକଟକୁ ଭୁଲ ବାର୍ତ୍ତା ଯିବା ଥୟ। ବିଶେଷକରି ଓଡ଼ିଶାର ଗ୍ରାମାଞ୍ଚଳ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ସେମାନଙ୍କୁ ଦମନ କରି ମଦ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପୋଲିସ ଓ ସାଧାରଣ ପ୍ରଶାସନ ସର୍ବଦା ତତ୍ପର ହେଉଥିବା ଦେଖାଯାଉଛି। ଏଭଳି ପରିସ୍ଥିତିରେ ମଦ ବିକ୍ରିକୁ ଯଦି ଅଧିକ ସହଜ କରିଦିଆଯାଏ, ତେବେ ରାଜସ୍ୱ ବୃଦ୍ଧି ହୋଇପାରେ ; କିନ୍ତୁ ତାହା ସମ୍ପୂର୍ଣ୍ଣ ଭାବେ ମହିଳା ବିରୋଧୀ ପଦକ୍ଷେପ ହେବ। ଗୋଟେପଟେ ନାରୀ ସଶକ୍ତୀକରଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ଘୁଷ୍ ଆକାରରେ ଅର୍ଥ ଯୋଗାଇ ଦିଆଯାଉଥିବା ବେଳେ ଅପରପକ୍ଷରେ ସେହି ମହିଳାମାନଙ୍କ ପରିବାରକୁ ତଳିତଳାନ୍ତ କରିଦେବା ଲାଗି ସରକାର ମସୁଧା କରୁଥିବା ସ୍ପଷ୍ଟ ମନେହୁଏ। ଅଧିକ ବିକ୍ରି ପରିବର୍ତ୍ତେ ମଦ ଦରକୁ ଯଥେଷ୍ଟ ବୃଦ୍ଧି କରାଯାଇପାରନ୍ତା। ତତ୍‌ସହିତ ରାସ୍ତା ଓ ଗ୍ରାମାଞ୍ଚଳଠୁ ଦୂରେଇ ରଖି ମଦ ବିକ୍ରି ପାଇଁ ବାର୍ ଲାଇସେନ୍ସ ସହଜ ଉପାୟରେ ଏବଂ ତାହାକୁ ଅନ୍‌ଲାଇନ୍ ବ୍ୟବସ୍ଥା କରାଇ ମଧ୍ୟସ୍ଥଙ୍କ ଭୂମିକାକୁ ସୀମିତ କରାଯାଇପାରିଲେ, ସରକାର ତାଙ୍କ ଲକ୍ଷ୍ୟ ହାସଲ ସହିତ ସାମାଜିକ ଅସ୍ଥିରତାକୁ ଘଟିବାକୁ ଦିଅନ୍ତେ ନାହିଁ। ଦୁଃଖର ବିଷୟ ଯେ, ବିଧାନସଭାର ଅବକାରୀ ଷ୍ଟାଣ୍ଡିଂ କମିଟି ଅନେକ ବିଚାର ପରେ ଦେଇଥିବା ମୂଲ୍ୟବାନ ସୁପାରିସ ସାଧାରଣରେ ଗ୍ରହଣୀୟ ହେଉନାହିଁ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | C | | 2 | | | 8 | | | | | | | |
| | 1 | 4 | 8 | | | | | | | 7 | 9 | | | 6 |
| 5 | | | | 6 | | | | | | | | 2 | | |
| | | | 5 | | E | C | | 1 | 6 | | B | | | |
| 8 | | 2 | | | | | 7 | | | A | 0 | | C | E |
| | E | | | | | D | 5 | | 1 | | | C | | A |
| | | | 6 | 9 | | | | | 4 | 2 | 3 | | | |
| | | | E | | 3 | | 9 | | | 5 | C | B | | 4 |
| 0 | | | | | A | 3 | C | | | | | 8 | 9 | 1 |
| | | A | | 8 | | 0 | 1 | | | D | | | | |
| | | | | 1 | | 5 | B | | C | | 6 | | | |
| 2 | | | A | | 6 | 7 | 3 | | | | | | 0 | 8 |
| | | | | | | | D | | | 4 | | 5 | 3 | |
| 4 | | 1 | 7 | | | A | | C | | 8 | D | 6 | | |
| | 8 | | 0 | 5 | | | | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | 6 | 5 | 4 | 0 | D | B | 8 | 7 | 3 | A | C | 1 | E |
| B | E | C | 6 | 8 | 7 | A | 3 | 1 | 0 | D | 9 | 5 | 2 | 4 |
| 3 | 1 | A | C | E | D | 4 | 9 | 7 | 5 | 6 | 2 | 8 | B | 0 |
| 4 | 5 | 8 | A | 2 | 9 | E | 0 | 6 | B | 1 | C | D | 7 | 3 |
| 0 | 7 | D | B | 1 | 3 | C | 5 | 2 | E | 4 | 8 | 9 | 6 | A |
| 1 | A | B | 4 | D | 5 | 0 | 7 | E | 8 | 2 | 6 | 3 | 9 | C |
| 2 | 3 | 4 | 8 | 6 | E | 9 | A | C | D | 7 | 1 | B | 0 | 5 |
| 6 | D | 5 | 9 | 0 | C | 8 | 2 | B | A | E | 3 | 1 | 4 | 7 |
| 7 | 8 | 9 | 1 | 3 | 2 | 5 | D | 4 | C | 0 | B | E | A | 6 |
| C | 0 | E | 7 | B | A | 6 | 1 | 3 | 4 | 9 | 5 | 2 | D | 8 |
| A | 6 | 1 | 2 | C | 4 | B | E | 9 | 3 | 8 | 7 | 0 | 5 | D |
| 5 | 4 | 2 | 3 | A | 8 | 7 | C | 0 | 9 | B | D | 6 | E | 1 |
| 8 | C | 0 | D | 7 | B | 1 | 6 | 5 | 2 | A | E | 4 | 3 | 9 |
| D | 9 | 3 | E | 5 | 1 | 2 | 4 | A | 6 | C | 0 | 7 | 8 | B |
| E | B | 7 | 0 | 9 | 6 | 3 | 8 | D | 1 | 5 | 4 | A | C | 2 |

ଗତକାଲିର ଉତ୍ତର

# ଭାରତର ରାଜନୈତିକ ସମୀକରଣ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ କଂଗ୍ରେସ ଦଳ (ଭାରତୀୟ ଜାତୀୟ କଂଗ୍ରେସ) ଦେଶର ଶାସନ ଭାର ଗ୍ରହଣ କରିଥିଲା। ସେହି ସମୟରୁ ସର୍ବାଧିକ ୫୭ ବର୍ଷ ୫ ମାସ କାଳ କଂଗ୍ରେସ ଦେଶକୁ ଶାସନ କରିଛି। ନେହେରୁଙ୍କ ପରେ ଲାଲବାହାଦୁର ଶାସ୍ତ୍ରୀ ଏବଂ ତତ୍ପରେ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱରେ କଂଗ୍ରେସ ନିରବଚ୍ଛିନ୍ନ ଭାବେ ପ୍ରାୟ ୩୦ ବର୍ଷ ଦେଶର ଶାସନର ମଙ୍ଗ ଧରିଛି, କାରଣ ସେ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ କଂଗ୍ରେସର ବିକଳ୍ପ କୌଣସି ରାଜନୈତିକ ଦଳର ଆବିର୍ଭାବ ଘଟି ନ ଥିଲା। ଦଳୀୟ ଏକାଧିପତ୍ୟ ହେତୁ ଶାସକ ଦଳର ନାନା ତ୍ରୁଟିବିଚ୍ୟୁତି ଏବଂ କୁଶାସନ ତଥା ପ୍ରିୟାପ୍ରୀତି ତୋଷଣ ଏବଂ କ୍ଷେତ୍ର ବିଶେଷରେ ନାନା ଦୁର୍ନୀତିର ଶିକାର ହୋଇ ଦେଶର ବୌଦ୍ଧିକ ସମାଜ ଇଂଲଣ୍ଡ ତଥା ଅନ୍ୟାନ୍ୟ ପାଶ୍ଚାତ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରର ଅନୁକରଣରେ ସର୍ବଭାରତୀୟ ସ୍ତରରେ କଂଗ୍ରେସର ବିକଳ୍ପ ଭାବେ ଗୋଟିଏ ଶକ୍ତିଶାଳୀ ରାଜନୈତିକ ଦଳ ଅଥବା ସଂଗଠନର ଆବଶ୍ୟକତା ଅନୁଭବ କରୁଥିଲେ। ଏହାଦ୍ୱାରା ଦେଶରେ ଏକ ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥା ପ୍ରତିଷ୍ଠିତ ହୋଇପାରିବ ଏବଂ ଉଭୟ ଦଳ ପରସ୍ପରର ପ୍ରତିଯୋଗୀ ହୋଇ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଏକ ଶକ୍ତିଶାଳୀ ବିରୋଧୀ ଦଳ ସର୍ବଦା ଶାସକ ଦଳର ଏକଚ୍ଛତ୍ରବାଦ ବିରୋଧରେ ଜନଗଣଙ୍କ ରକ୍ଷାକବଚ ଭାବେ କାର୍ଯ୍ୟ କରିବ।

ପ୍ରଥମକରି ୧୯୭୭ ସାଧାରଣ ନିର୍ବାଚନରେ ଜନତା ପାର୍ଟି ନାମକ ଏକ ସର୍ବଭାରତୀୟ ରାଜନୈତିକ ମେଣ୍ଟ କଂଗ୍ରେସକୁ ପରାଜିତ କରି ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଦେଶର ପ୍ରଥମ ଅଣକଂଗ୍ରେସ ସରକାର ଗଠନ କରିଥିଲା। କିନ୍ତୁ ସଂଗଠନର ବିଭିନ୍ନ ଦଳ ମଧ୍ୟରେ ନୀତିଗତ ଐକ୍ୟ ଏବଂ ପାରସ୍ପରିକ ସଂହତି ନ ଥିବାରୁ ମୋରାରଜୀଙ୍କୁ ୨୮।୭।୭୯ରେ ଇସ୍ତଫା ଦେବାକୁ ପଡିଲା ଏବଂ ୧୯୮୦ ନିର୍ବାଚନରେ କଂଗ୍ରେସ ପୁନର୍ବାର କ୍ଷମତାକୁ ଫେରିଲା। ଏହାପରେ ୧୯୮୯ ନିର୍ବାଚନରେ ଭି.ପି. ସିଂହଙ୍କ ଜନତା ଦଳ ମେଣ୍ଟ କେନ୍ଦ୍ରରେ ଏକ ଅଣକଂଗ୍ରେସ ସରକାର ଗଠନ କଲା, କିନ୍ତୁ ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ମେଣ୍ଟର ଅନ୍ୟତମ ଅଂଶୀଦାର ଭାଜପା ସମର୍ଥନ ପ୍ରତ୍ୟାହାର କରିନେବାରୁ ଉକ୍ତ ସରକାରର ପତନ ଘଟିଲା। ସେହିପରି ୧୯୯୮ ସାଧାରଣ ନିର୍ବାଚନ ପରେ ନ୍ୟାଶ୍‌ନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ) ନାମକ ଗଠବନ୍ଧନ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱରେ ସରକାର ଗଠନ କରିଥିଲେ। କିନ୍ତୁ ୧୯୯୯ ମସିହା ମେ ମାସରେ ସହଯୋଗୀ ଏଆଇଏଡିଏମ୍‌କେ ସମର୍ଥନ ପ୍ରତ୍ୟାହାର କରିନେବାରୁ ଉକ୍ତ ମେଣ୍ଟ ସରକାରର ପତନ ଘଟିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଗଲା ଯେ ସର୍ବଭାରତୀୟ ଦଳଗୁଡିକର ଶକ୍ତି ବୃଦ୍ଧି ନ ହେଲେ ଆଞ୍ଚଳିକ ଦଳଗୁଡିକ ଉପରେ ନିର୍ଭର କରି ସରକାର ଗଠନ କରିବା ଦ୍ୱାରା ସେମାନଙ୍କର ଖିଆଲ ଅନୁଯାୟୀ ସରକାରଙ୍କୁ ଚାଲିବାକୁ ପଡିବ, ନଚେତ୍ ସେମାନେ ସମର୍ଥନ ପ୍ରତ୍ୟାହାର କରି ସରକାରର ପତନ ଘଟାଇବେ।

ସେହି ପ୍ରକ୍ରିୟାରେ ୧୯୯୯ ମସିହାରେ ଭାଜପା ନେତୃତ୍ୱରେ ଏନ୍‌ଡିଏ ମେଣ୍ଟ ଏକ ନିର୍ଭରଯୋଗ୍ୟ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କଲା ଏବଂ ଅଟଳବିହାରୀ ବାଜପେୟୀ ୨୦୦୪ ମସିହା ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପାଞ୍ଚବର୍ଷ କାଳ ପ୍ରଧାନମନ୍ତ୍ରୀ ରହିଲେ। ସେହିପରି ୨୦୦୪ ଏବଂ ୨୦୦୯ ସାଧାରଣ ନିର୍ବାଚନରେ କଂଗ୍ରେସ ନେତୃତ୍ୱରେ ୟୁନାଇଟେଡ୍ ପ୍ରୋଗ୍ରେସିଭ ଆଲାଏନ୍ସ (ୟୁପିଏ) ନାମକ ଗଠବନ୍ଧନ (ମେଣ୍ଟ) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ମନମୋହନ ସିଂଙ୍କ ପ୍ରଧାନମନ୍ତ୍ରିତ୍ୱରେ ଦୀର୍ଘ ଦଶବର୍ଷ କାଳ ଦେଶର ଶାସନ ଦାୟିତ୍ୱ ତୁଲାଇଛି। ଏହିପରି ଏନ୍‌ଡିଏ ଏବଂ ୟୁପିଏ ଭଳି ଦୁଇଟି ମେଣ୍ଟ ବା ଗଠବନ୍ଧନର କ୍ରମ ଆବିର୍ଭାବ ଦେଶରେ ଏକ ସୁସ୍ଥ ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥାର ସମ୍ଭାବନା ସୃଷ୍ଟି କରିଛି। ଏହି ଉଭୟ ମେଣ୍ଟ ନିଜ ନିଜର ଆଦର୍ଶ ଏବଂ ଉଦ୍ଦେଶ୍ୟ ସମ୍ୱଳିତ ସର୍ବସମ୍ମତ ସମ୍ବିଧାନ ପ୍ରଣୟନ କରି ତାହାଦ୍ୱାରା ପରିଚାଳିତ ହେବା ଉଚିତ। ଯେପରି କି ସଂଗଠନର ବିଭିନ୍ନ ଦଳ ମଧ୍ୟରେ ନୀତିଗତ ଐକ୍ୟ ବଜାୟ ରହିପାରିବ।

୨୦୧୪ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱରେ ଏନଡିଏ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବା ସହିତ ନରେନ୍ଦ୍ର ମୋଦି ଦେଶର ଜଣେ ସୁଦକ୍ଷ ପ୍ରଧାନମନ୍ତ୍ରୀ ଭାବେ ଆବିର୍ଭୂତ ହୋଇଛନ୍ତି। ତାଙ୍କର ବିଚକ୍ଷଣ ବ୍ୟକ୍ତିତ୍ୱ, ସଂଗଠନ କ୍ଷମତା, ବଳିଷ୍ଠ ନେତୃତ୍ୱ, ସାହସିକତା, ଉଦ୍‌ବୁଦ୍ଧ ଦେଶପ୍ରାଣତା ତଥା ସୁକୌଶଳୀ ପରିଚାଳନାରେ ଦେଶ ଦ୍ରୁତ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି ବୋଲି ସର୍ବସାଧାରଣରେ ଧାରଣା ସୃଷ୍ଟି ହୋଇଛି। ତାଙ୍କର ନାଟକୀୟ ପ୍ରଚାର ଶୈଳୀ ଏବଂ ଦୃଢ଼ ମନୋଭାବ ଯୋଗୁ ତାଙ୍କ ବିରୋଧରେ ଆଗତ ସମସ୍ତ ସମାଲୋଚନାକୁ ଅତିକ୍ରମ କରିବାର ଅଦ୍ଭୁତ କ୍ଷମତା ରହିଛି। ତା' ଛଡା ତାଙ୍କର ଦୁର୍ନୀତି ବିରୋଧୀ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ, ପି.ଏମ୍ କିଷାନ ଯୋଜନା, ପିଏମ୍ ଆବାସିକ ଯୋଜନା, ଆୟୁଷ୍ମାନ ଭାରତ ମିଶନ, ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା ପ୍ରଭୃତି ଲୋକ କଲ୍ୟାଣମୁଖୀ ପ୍ରକଳ୍ପଗୁଡିକ ତାଙ୍କୁ ଅଭୂତପୂର୍ବ ଲୋକପ୍ରିୟତା ଆଣିଦେଇଛି। ବଡ଼କଥା ହେଲା ଜଣେ ହିନ୍ଦୁତ୍ୱବାଦୀ ପ୍ରଧାନମନ୍ତ୍ରୀ ଭାବେ ଆତ୍ମପ୍ରକାଶ କରି ସେ ଦେଖାଇ ଦେଇଛନ୍ତି ଯେ ନିଜ ଧର୍ମ ପ୍ରତି ଅନୁରକ୍ତ ଥାଇ ମଧ୍ୟ ଜଣେ ପ୍ରଧାନମନ୍ତ୍ରୀ ସହିଷ୍ଣୁତା, ସହାନୁଭୂତି ଏବଂ ସାମ୍ୟ ମନୋଭାବ ଦ୍ୱାରା ଦେଶର ସମସ୍ତ ସମ୍ପ୍ରଦାୟର ଲୋକଙ୍କ ଆସ୍ଥାଭାଜନ ହୋଇପାରନ୍ତି। ବିଶେଷକରି ତଥାକଥିତ ଧର୍ମନିରପେକ୍ଷତା ନାମରେ ଦୀର୍ଘଦିନ ଅବହେଳା ଏବଂ ଅବିଚାରର ଶିକାର ହୋଇଥିବା ଦେଶର ସଂଖ୍ୟାଗରିଷ୍ଠ ହିନ୍ଦୁ ସମ୍ପ୍ରଦାୟ ତାଙ୍କ ମଧ୍ୟରେ ଜଣେ ତ୍ରାଣକର୍ତ୍ତାଙ୍କୁ ଖୋଜି ପାଇଲା ଭଳି ମନେହେଉଛି। ଭବିଷ୍ୟତରେ ଦେଶ ତାଙ୍କଠାରୁ ଅନେକ କିଛି ଆଶା କରୁଛି। କିନ୍ତୁ ତାଙ୍କର ପ୍ରଧାନ ଶତ୍ରୁ ହେଲେ ଦଳ ମଧ୍ୟରେ ସକ୍ରିୟ ଥିବା କେତେକ ଉଦ୍‌ଭ୍ରାନ୍ତ କଠୋରବାଦୀ ଗୋଷ୍ଠୀ, ଯେଉଁମାନେ ଧର୍ମ ନାମରେ ସାମ୍ପ୍ରଦାୟିକ ବିଦ୍ୱେଷ ଏବଂ ବିଶୃଙ୍ଖଳା ସୃଷ୍ଟି କରିଚାଲିଛନ୍ତି।

ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ମେଣ୍ଟ ୨୦୧୯ ନିର୍ବାଚନରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ଏନ୍‌ଡିଏ ୩୫୩ ଆସନ ପାଇଥିଲା ବେଳେ ଭାଜପା ଏକକ ଭାବରେ ୩୦୩ ଆସନରେ ଜୟଲାଭ କରିଛି। ଅପରପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ମେଣ୍ଟ ଶୋଚନୀୟ ଭାବେ ପରାଜିତ ହୋଇଛି। ଐତିହାସିକ କଂଗ୍ରେସ ଦଳ ବର୍ତ୍ତମାନ ଅବଲୁପ୍ତି ପଥରେ, ଏଣେ କିନ୍ତୁ ସମଗ୍ର ଦେଶରେ ଏକଚ୍ଛତ୍ରବାଦ ପ୍ରତିଷ୍ଠା ଲକ୍ଷ୍ୟରେ ଭାଜପା ନେତୃତ୍ୱ କ୍ରମାଗତ ଚେଷ୍ଟା ଜାରି ରଖିଛନ୍ତି। ସମଗ୍ର ଦେଶରେ ଭାଜପାର ୧୦ କୋଟିରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଥିବା ବେଳେ ସର୍ବବୃହତ୍ ଦଳୀୟ ପାଣ୍ଠି ରହିଛି। ଲୋକ ସଭାରେ ନିରଙ୍କୁଶ କ୍ଷମତା ହାସଲ କଲା ପରେ ଭାଜପା ବର୍ତ୍ତମାନ ରାଜ୍ୟ ସଭାକୁ କବ୍‌ଜା କରିବାକୁ ଅଗ୍ରସର ହେଉଛି। ଦେଶର ଅଧିକାଂଶ ରାଜ୍ୟରେ ଭାଜପା ସମର୍ଥିତ ସରକାର ରହିଛି ଏବଂ ଅବଶିଷ୍ଟ ଯେଉଁ କେତେକ ଅଣଭାଜପା ସରକାର ଅଛନ୍ତି ସେମାନଙ୍କର ପତନ ଅଥବା ଭାଜପାରେ ବିଲୟ ଆସନ୍ନ। ଏଭଳି ଦଳୀୟ ଏକଚ୍ଛତ୍ରବାଦ କାହାରି ପକ୍ଷରେ ଶୁଭଙ୍କର ନୁହେଁ। ଏପରି କି ନରେନ୍ଦ୍ର ମୋଦିଙ୍କ ପାଇଁ ମଧ୍ୟ ନୁହେଁ। କାରଣ କଥାରେ ଅଛି ନିରଙ୍କୁଶ କ୍ଷମତା ଭ୍ରଷ୍ଟାଚାରର ଆମନ୍ତ୍ରକ। ଏଭଳି ଅବାଞ୍ଛିତ ପରିଣତି ହାତରୁ ଦେଶକୁ ରକ୍ଷା କରିବାକୁ ହେଲେ ୟୁପିଏ ମେଣ୍ଟକୁ ଗଣତାନ୍ତ୍ରିକ ପଦ୍ଧତିରେ ସୁସଂଗଠିତ ହେବାକୁ ପଡିବ, ଯାହାଦ୍ୱାରା ଯୋଗ୍ୟ ନେତୃତ୍ୱର ଆବିର୍ଭାବ ଘଟିବ। ସେଥିପାଇଁ ପ୍ରଥମେ କଂଗ୍ରେସ ଦଳକୁ ପାରିବାରିକ ମାଲିକାନାରୁ ମୁକ୍ତ ହେବାକୁ ପଡ଼ିବ। ଭବିଷ୍ୟତ ହିଁ କହିବ ଦେଶର ଗଣତନ୍ତ୍ର କେଉଁ ପ୍ରକାର ରୂପ ଗ୍ରହଣ କରିବ- ରେଡ୍ ଚାଇନା ଭଳି ଦଳୀୟ ଏକଚ୍ଛତ୍ରବାଦ ଅଥବା ଦ୍ୱିଦଳୀୟ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା।

ପ୍ଲଟ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ-୯୪୩୭୨୮୭୯୬୪

# ପ୍ରଶ୍ନବାଚୀରେ ପଞ୍ଜିକା ସ୍ୱୀକୃତି



ହରିଶଙ୍କର ମିଶ୍ର

ଶ୍ରୀମନ୍ଦିରସ୍ଥ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଓଡ଼ିଶାବାସୀ ଧାର୍ମିକ ବିଚାରାଳୟ ଓ ବ୍ୟବସ୍ଥା ସଭା ଭାବେ ଗ୍ରହଣ କରିଥାନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସ୍ଥାୟୀ ସଭାପତିତ୍ୱରେ ଗଠିତ ପଣ୍ଡିତ ସଭା କୌଣସି ଧାର୍ମିକ ସଙ୍କଟରେ ପରାମର୍ଶ ଦେବା ସହ ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହାଙ୍କର ପ୍ରତିନିଧିତ୍ୱ ରହିଛି। ବିବିଧ ଶାସ୍ତ୍ର ବିଶାରଦଙ୍କ ମିଳନସ୍ଥଳୀ ଭାବେ ଏହାର ନାମ ଉଚ୍ଚାରଣରେ ସ୍ୱତଃ ଧାର୍ମିକ ଭାବନା ସୃଷ୍ଟି ହୋଇଥାଏ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ସିଦ୍ଧାନ୍ତ ଓ ବ୍ୟବସ୍ଥାକୁ ଗଭୀର ବିଶ୍ୱାସ ସହ ଗ୍ରହଣ କରାଯାଉଥିବାରୁ ଏହାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାକୁ ମଧ୍ୟ ତ୍ରୁଟିଶୂନ୍ୟ ମନେ କରାଯାଏ। ମାତ୍ର ଗତ ଦୁଇ ଦଶନ୍ଧି ଧରି ପ୍ରତ୍ୟେକବର୍ଷ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ରହୁଥିବା ଗୁରୁତର ଗାଣିତିକ ତ୍ରୁଟି ସମାଲୋଚିତ ହୋଇ ଆସୁଥିଲେ ବି ପଣ୍ଡିତସଭାରେ କୌଣସି ଜ୍ୟୋତିଷ ବିଶାରଦ ନ ଥିବାରୁ ସେମାନେ ନୀରବ ରହୁଛନ୍ତି। ମାତ୍ର ପଞ୍ଜିକା ଅନୁସରଣକାରୀ ଦ୍ୱନ୍ଦ୍ୱମୁକ୍ତ ହୋଇପାରୁନାହାନ୍ତି। ବେଦର ଛଅଟି ଅଙ୍ଗ ମଧ୍ୟରୁ ଚକ୍ଷୁ ଭାବେ ବିବେଚିତ ଜ୍ୟୋତିଷଶାସ୍ତ୍ରରେ ଗଣିତ ଜ୍ୟୋତିଷକୁ ସିଦ୍ଧାନ୍ତ ଓ ଫଳିତ ଜ୍ୟୋତିଷକୁ ହୋରା କୁହାଯାଏ ଏବଂ ମନୁଷ୍ୟର ଆଚାର, ବ୍ୟବହାର ସଂଯମ ସହ ଶୃଙ୍ଖଳିତ ଓ ନିରାମୟ ଜୀବନଚର୍ଯ୍ୟା ପାଇଁ ଉପାଦେୟ ତଥ୍ୟ ସଂହିତାରୁ ହିଁ ମିଳିଥାଏ। ଗ୍ରହଗଣିତ ଦ୍ୱାରା ଅନ୍ତରୀକ୍ଷରେ ଘୂରି ବୁଲୁଥିବା ଗ୍ରହମାନଙ୍କର ଗତି ସ୍ଥିତି ନିର୍ଣ୍ଣୟ ସହ ପଞ୍ଚାଙ୍ଗ ବ୍ୟାପ୍ତି ଯଥା- ତିଥି, ରାଶି, ନକ୍ଷତ୍ର, ଯୋଗ, କରଣ ଠିକ୍ ନିର୍ଦ୍ଧାରିତ ହେଲେ ପଞ୍ଜିକା ତ୍ରୁଟିଶୂନ୍ୟ ହୋଇଥାଏ। ତେବେ ରାଶି, ନକ୍ଷତ୍ର ଓ ଯୋଗର ବ୍ୟାପ୍ତି ଅୟନାଂଶ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ବେଳେ ତିଥି ଓ କରଣର ବ୍ୟାପ୍ତି ପୃଥିବୀସାରା ସର୍ବତ୍ର ସମାନ। ଏହା ପଣ୍ଡିତସଭାକୁ ବାରମ୍ବାର ଅବଗତ କରାଯାଇଥିଲେ ବି ପୂର୍ବବର୍ଷ ଭଳି ଏବର୍ଷ ତାଙ୍କ ଦ୍ୱାରା ସ୍ୱୀକୃତ ରାଧାରମଣ ପ୍ରେସ୍ ଦ୍ୱାରା ପ୍ରକାଶିତ ପଞ୍ଜିକାରେ ଅନେକ ତ୍ରୁଟି ରହିଛି।

ପଣ୍ଡିତସଭା ସ୍ୱୀକୃତ ପଞ୍ଜିକା ବ୍ୟତୀତ ଅନେକ ପୁରାତନ ପଞ୍ଜିକା ଓ ନୂତନ ସୌରବିଜ୍ଞାନ ଆଧାରରେ ଅନେକ ପଞ୍ଜିକା ବଜାରରେ ଉପଲବ୍ଧ ହେଉଛି। ତୁଳନାତ୍ମକ ଭାବେ ଅନ୍ୟ ପଞ୍ଜିକା ଗଣନାରେ ସମତା ରହୁଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକା ଗଣନାରେ ଭିନ୍ନତା ରହୁଛି। ବର୍ଷାରମ୍ଭ ଅର୍ଥାତ୍ ତା୧୪।୪।୧୯ରିଖରେ ଅନ୍ୟାନ୍ୟ ପଞ୍ଜିକାରେ ନବମୀ ତିଥିର ବ୍ୟାପ୍ତି ଦିନ ଘ୯।୩୫ ପର୍ଯ୍ୟନ୍ତ ଦର୍ଶାଇଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ଦିନ ଘ୯।୧୧ ରହିଛି। ତିଥିର ବ୍ୟାପ୍ତି ଶ୍ରାଦ୍ଧ ଦିବସ ନିରୂପଣ, ମୃତେ ପୁଷ୍କର ଦୋଷ, ନିଷିଦ୍ଧ ଖାଦ୍ୟକୁ ପ୍ରଭାବିତ କରେ ଓ ଅକାଳରେ କୌଣସି କାର୍ଯ୍ୟ ଫଳପ୍ରଦ ହୁଏନାହିଁ। ତେବେ ବର୍ଷାରମ୍ଭରେ ଏଇ ଚବିଶ ମିନିଟ ତଫାତ୍ ଥିବାବେଳେ ବର୍ଷ ମଧ୍ୟରେ ୪୩ ମିନିଟ୍ ଫରକ ମଧ୍ୟ ଦେଖିବାକୁ ମିଳୁଛି। ରାଶି ନକ୍ଷତ୍ର ବ୍ୟାପ୍ତିରେ ଅନ୍ୟ ପଞ୍ଜିକାମାନଙ୍କଠାରୁ ମଧ୍ୟ ଏଥିରେ ଭିନ୍ନତା ରହିଥିବାରୁ ଏହାର ଗଣନା କେତେ ଠିକ୍ ତାହା ବିଚାରଯୋଗ୍ୟ। ଜନ୍ମଜାତକ ପ୍ରସ୍ତୁତିରେ ଗ୍ରହମାନଙ୍କର ସ୍ଥିତି ସହ ଲଗ୍ନ ନିର୍ଣ୍ଣୟ ପାଇଁ ପଞ୍ଜିକା ଅନୁସରଣ କରାଯାଏ। ମାତ୍ର ପଣ୍ଡିତସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାନୁଯାୟୀ ସୂର୍ଯ୍ୟୋଦୟ ସହ ଲଗ୍ନ ଭୋଗ ମିଶାଇଲେ ତାହା ପଞ୍ଜିକା ପ୍ରଦତ୍ତ ସୂର୍ଯ୍ୟାସ୍ତ ସମୟଠାରୁ ଢେର୍ ତଫାତ୍ ରହୁଛି।

ଗ୍ରହଚଳନ ଦେଖିଲେ ଶନି ଚଳନ ମକର ରାଶିକୁ ଅନ୍ୟାନ୍ୟ ପଞ୍ଜିକାରେ ତା୨୪।୧।୨୦ରିଖ ଦିବା ଘ୯।୫୬ ରହିଥିବା ବେଳେ ରାଧାରମଣ ପ୍ରେସ୍ ପଞ୍ଜିକାରେ ତା୨୬।୧।୨୦ରିଖ ରାତି ଘ୯।୪୦ ରହିଛି। ବୃହସ୍ପତି ଚଳନ ଅନ୍ୟ ପଞ୍ଜିକାନୁଯାୟୀ ଯଥାକ୍ରମେ ବିଛା ଓ ଧନୁ ରାଶିକୁ ତା୨୨।୪।୧୯ରିଖ ରାତିଘ୧।୧୧ ଓ ତା୪।୧୧।୧୯ରିଖ ନିଶାନ୍ତଘ୫।୧୭ ରହିଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ଦିନ ଠିକ୍ ଥାଇ ଯଥାକ୍ରମେ ରାତ୍ରି ଘ୪।୦୪ ଓ ରାତ୍ରି ଘ୯।୧୨ ରହିଛି। ବୃହସ୍ପତିଙ୍କର ପୁନଃ ମକର ରାଶିକୁ ଚଳନ ଅନ୍ୟାନ୍ୟ ପଞ୍ଜିକାରେ ତା୨୯।୩।୨୦୨୦ରିଖ ରାତି ଘ୩।୫୪ ସ୍ଥଳେ ଏହି ପଞ୍ଜିକାରେ ତା୩୦।୩।୨୦୨୦ ଦିବା ଘ୨।୪୧ ରହିଛି। ମଙ୍ଗଳ, ବୁଧ ଓ ଶୁକ୍ରଙ୍କ ଚଳନର ଦିନ ଅନ୍ୟାନ୍ୟ ପଞ୍ଜିକା ସହ ରାଧାରମଣ ପ୍ରେସ୍ ପଞ୍ଜିକାର ସମାନ ଥିଲେ ବି ସମୟରେ ବ୍ୟାପକ ଅମେଳ ରହିଛି। ଅୟନାଂଶରେ ଅମେଳ ଯୋଗୁ ପ୍ରତ୍ୟେକ ସଂକ୍ରାନ୍ତି ଦିନର ରବି ଚଳନ ସମୟ ଦୃକ୍‌ସିଦ୍ଧ ଓ ପାରମ୍ପରିକ ଗଣନାରେ ପ୍ରାୟ ଆଠ ଘଣ୍ଟା ଫରକ ରହୁଛି। ତାତ୍ପର୍ଯ୍ୟପୂର୍ଣ୍ଣ କଥା ଏହିକି ଯେ ଉପରୋକ୍ତ ଗଣନା ତ୍ରୁଟି ସତ୍ତ୍ୱେ ଅନ୍ୟାନ୍ୟ ପଞ୍ଜିକାରେ ପ୍ରଦତ୍ତ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟ ସହ ଏହି ପଞ୍ଜିକା ପ୍ରଦତ୍ତ ସମୟ ସମାନ ରହିବା ଗଣନାର ଭିନ୍ନ ଦିଗକୁ ସୂଚାଉଛି। ପଞ୍ଜିକା ଗଣନା ବା ସଂଶୋଧନ ପାଇଁ ଆବଶ୍ୟକ ପାଣ୍ଡିତ୍ୟର ଅଭାବ ଏହାର ମୁଖ୍ୟ କାରଣ।

ଏହା ସତ୍ୟ ଯେ ପଣ୍ଡିତ ସଭାରେ ଏଥିପାଇଁ କିଛି ବାହାର ବ୍ୟକ୍ତିଙ୍କୁ ସଂଶ୍ଳିଷ୍ଟ କରାଇ ପଞ୍ଜିକା ସଂଶୋଧନ କରାଯାଇଥିବା ପଞ୍ଜିକା ପ୍ରଦତ୍ତ ସଂଶୋଧନକାରୀଙ୍କ ଫଟୋରୁ ସ୍ପଷ୍ଟ ହୋଇଛି। ଆମର ପଣ୍ଡିତ ସଭା ପ୍ରତି ରହିଥିବା ପୂର୍ବାଗ୍ରହକୁ ଉପଯୋଗ କରି କେବଳ ପଞ୍ଜିକା ଶୁଳ୍କ ବିନିମୟରେ ସ୍ୱୀକୃତିପତ୍ର ପ୍ରଦାନ କରାଯାଉଥିବାରୁ ତାହା ଆମ୍ଭକୁ ବିଭ୍ରାନ୍ତ କରାଉଛି। ପଣ୍ଡିତ ସଭା ମଧ୍ୟ ଦକ୍ଷ ଗଣକ ପରିବର୍ତ୍ତେ ପ୍ରକାଶକଙ୍କୁ ଗୁରୁତ୍ୱ ଦେଉଥିବାରୁ କିଛି ବ୍ୟବସାୟୀ ନିଜର ବ୍ୟବସାୟିକ ସଫଳତା ପାଇଁ ଏହାକୁ ଉପଯୋଗ କରୁଛନ୍ତି। ଗଣନାର ଭିନ୍ନତା ସତ୍ତ୍ୱେ ଅର୍ଥ ବିନିମୟରେ ସ୍ୱୀକୃତିପତ୍ର ପ୍ରଦାନ ପଣ୍ଡିତ ସଭାର ଗରିମା ପ୍ରତି ପ୍ରଶ୍ନ ଉଠାଉଥିବା ବେଳେ ପଣ୍ଡିତ ସଭା ଏଥିପାଇଁ ସାମାନ୍ୟ ଯତ୍ନବାନ୍ ନ ହେବା ପରିତାପର ବିଷୟ। ସିଦ୍ଧାନ୍ତ ଦର୍ପଣର ପ୍ରଣେତା ସାମନ୍ତ ଚନ୍ଦ୍ରଶେଖର ଓଡ଼ିଶାରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷର କାରଣ ଖୋଜି ଗ୍ରହ ଗଣିତରେ ତା'ର ସମାଧାନ ପାଇଥିଲେ। ଆମ୍ଭର ପୂର୍ବସୂରୀ ଜଳବାୟୁ, କୃଷି ଶସ୍ୟାଦିର ଆୟ, ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଜ୍ୟୋତିଷଶାସ୍ତ୍ର ଆଧାରରେ ନିର୍ଣ୍ଣୟ କରୁଥିଲେ। ଗ୍ରହଗଣନା ନିର୍ଭୁଲ ରହିଲେ ଏହି ଗଣନାଗୁଡ଼ିକ ତ୍ରୁଟିଶୂନ୍ୟ ହୋଇପାରିବ। ଏଭଳି ଏକ ଶାସ୍ତ୍ରକୁ ଅବହେଳା କରାଯିବା ଠିକ୍ ହେଉନାହିଁ। ପଣ୍ଡିତ ସଭା ବର୍ତ୍ତମାନ କିଛି ଜ୍ୟୋତିଷ ଶାସ୍ତ୍ରାନଭିଜ୍ଞ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଭବିଷ୍ୟତରେ ମଧ୍ୟ ଠିକ୍ ପଞ୍ଜିକା ସଂଶୋଧନ ଆଶା କରି ହୁଏ ନାହିଁ। ଜଗନ୍ନାଥଙ୍କ ବିବିଧ ବେଶ, ପର୍ବ ସହ ସମସ୍ତ ଶୁଭାଶୁଭ କାର୍ଯ୍ୟ ପାଇଁ ଆମକୁ ପଞ୍ଜିକା ସହାୟକ ହେଉଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ନିର୍ଭୁଲ ଦୃକ୍‌ସିଦ୍ଧ ପଞ୍ଜିକା ପ୍ରସ୍ତୁତ କରାଇବା ଅତ୍ୟାବଶ୍ୟକ ମନେହୁଏ। ମୁକ୍ତି ମଣ୍ଡପ ପଣ୍ଡିତ ସଭା ମଧ୍ୟ ଯୋଗ୍ୟ ଦକ୍ଷ ପଣ୍ଡିତଙ୍କୁ ଆମନ୍ତ୍ରଣ କରି ଏହାର ବ୍ୟବସ୍ଥାସଭାକୁ ସୁପରିଚାଳନା କରିବା ଏକାନ୍ତ ଜରୁରୀ ମନେହୁଏ।

୧୧୩, ଗୁଣ୍ଡିଚା ବିହାର, ସର୍ବୋଦୟ ନଗର,
ପୁରୀ, ମୋ-୭୯୭୮୭୮୫୪୭୮

## ଆମ ସମସ୍ୟା

### ଡାକବାକ୍ସ ନିୟମିତ ଖୋଲାଯାଉ

ମହାଶୟ,

ଗ୍ରାମାଞ୍ଚଳର ଅନେକ ଶାଖା ଡାକଘରେ ଡାକବାକ୍ସ ନାହିଁ। ଡାକଘର ଗ୍ରାମୀଣ ଡାକ ସେବକଙ୍କ ବାସଭବନରେ ଚାଲିଛି। ପୁନଶ୍ଚ ଅନେକ ଡାକବାକ୍ସ ନିୟମିତ ଖୋଲୁ ନ ଥିବାରୁ ପତ୍ର ବହୁ ବିଳମ୍ବରେ ମିଳୁଛି। ଡାକପାଳମାନେ ପ୍ରତ୍ୟହ ଡାକବାକ୍ସ ଖୋଲିବା ନିମନ୍ତେ ଅଧସ୍ତନଙ୍କୁ ବାଧ୍ୟ କରନ୍ତୁ। କେତେଜଣ କର୍ମଚାରୀଙ୍କ ଅଳସୁଆମିରେ ବିଭାଗ ବଦନାମ ହେବା ଠିକ୍ କି ?

ଶ୍ରୀରାମଚନ୍ଦ୍ର ଦାଶ, ଭୋଇନଗର, ଭୁବନେଶ୍ୱର

### ରାସ୍ତା ସମ୍ପ୍ରସାରଣ ହେଉ

କନ୍ଦରପୁରଠାରୁ ଜଗତ୍‌ସିଂହପୁର ଅଣଓସାରିଆ ରାସ୍ତାକୁ ଚାରିଟିକିଆରେ ପରିଣତ କରାଯିବା ଦରକାର। ଦୈନିକ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ଯାନଗୁଡ଼ିକର ଯାତାୟାତରେ ଅସୁବିଧା ହେଉଛି। ପରସ୍ପର ଟ୍ରକ, ବସ୍, ଟେମ୍ପୋ, ଟାଟା ଏସିଇ କଟାଇ ଯିବା ସମ୍ଭବ ହେଉନାହିଁ। ଭବିଷ୍ୟତରେ ଯାନବାହନ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଏପରି ସ୍ଥଳେ ଜୀବନଯାତ୍ରା ଆଦୌ ସହଜ ହେବନାହିଁ। ତେଣୁ ଟେଣ୍ଡର ପ୍ରକ୍ରିୟାରେ ଉଭୟ ପଟୁ କାର୍ଯ୍ୟ ଆରମ୍ଭ କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବିଭିନ୍ନ ଆକୃତିର ନିଶକୁ ନେଇ ଅନେକ ସମୟରେ ଚର୍ଚ୍ଚା ଜୋର ଧରେ। କେତେକ ନିଶ ରଖିବାକୁ ସମ୍ମାନଜନକ ବିଷୟ ବୋଲି ମନେକରନ୍ତି। ମାତ୍ର ରାଜସ୍ଥାନ ଜୟପୁରର ଏକ ସରକାରୀ ବୈଠକରେ ବାରମ୍ବାର ନିଶରେ ହାତ ମାରୁଥିବା ଜଣେ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସମ୍ପୃକ୍ତ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟସ ଜାରି କରାଯାଇଛି। ସ୍ଥାନୀୟ ଅଜମେରସ୍ଥିତ ଶ୍ରୀନଗର ଉପଖଣ୍ଡରେ ଜୁଲାଇ ୭ରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ଭିଡିଓ କନ୍‌ଫରେନ୍ସି ଆୟୋଜିତ ହୋଇଥିଲା। ଏଥିରେ ଉପସ୍ଥିତ ଥିବା ସାମାଜିକ ସୁରକ୍ଷା ଅଧିକାରୀ ବିଶାଲ ସୋଲାଙ୍କି ବୈଠକ ଚାଲିଥିବା ସମୟରେ ବାରମ୍ବାର ନିଜ ନିଶରେ ହାତ ମାରିଥିଲେ। ବୈଠକରେ ଉପସ୍ଥିତ ଥିବା ଅନ୍ୟ ବରିଷ୍ଠ ଅଧିକାରୀ ବିଶାଲଙ୍କୁ ଏପରି ନ କରିବାକୁ କହିଥିଲେ। ତେବେ ବିଶାଲ ଏପରି କରିଚାଲିଥିଲେ। ଏନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ବିଭାଗର ଉପନିର୍ଦ୍ଦେଶକ ଏବେ ବିଶାଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେ କାହିଁକି ନିଶରେ ବାରମ୍ବାର ହାତ ମାରୁଥିଲେ ବୋଲି ନୋଟିସରେ ପ୍ରଶ୍ନ କରାଯାଇଛି। ଏହି ନୋଟିସ୍‌କୁ ନେଇ ଏଠାରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

### ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ ହେଉ ସତ୍ୟବ୍ରତ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜୁଲାଇ ୧୯୯୪**

- ଶକ୍ତି ଉଦ୍ୟୋଗ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଭାରତ ଓ ଆମେରିକା ମଧ୍ୟରେ ୧୫ଟି ରାଜିନାମା ସ୍ୱାକ୍ଷରିତ।
- ମାଲେସିଆରେ ଆଶ୍ରୟ ନେଇଥିବା କାମ୍ବୋଡିଆର ରାଷ୍ଟ୍ରମୁଖ୍ୟଙ୍କ ପୁତ୍ର ଚକ୍ରବୁଧ ସିହାନୁକଙ୍କୁ ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ।

## ସାପ୍ତାହିକ ପଞ୍ଜିକା

ଜୁଲାଇ ୮- ସରକାରଙ୍କ ନିଷ୍ପତ୍ତି ଅନୁସାରେ ଦିଲ୍ଲୀ ଓ ଲକ୍ଷ୍ନୌ ମଧ୍ୟରେ ଚାଲିବାକୁ ଥିବା ତେଜସ୍ ଏକ୍ସପ୍ରେସ୍‌କୁ ଘରୋଇ କମ୍ପାନୀ ହାତରେ ଟେକି ଦିଆଯିବ, ଅର୍ଥାତ୍ ଏହା ହେବ ଦେଶର ପ୍ରଥମ ଘରୋଇ ଟ୍ରେନ୍।

୯- ଏଡିଆର୍ ରିପୋର୍ଟ ଅନୁସାରେ ୨୦୧୬ରୁ ୨୦୧୮ ମଧ୍ୟରେ ଭାଜପା ଶିଳ୍ପ ଜଗତରୁ ଚାନ୍ଦା ଆକାରରେ ୯୧୫ କୋଟିରୁ ଅଧିକ ଟଙ୍କା ପାଇଛି, ଯାହା କଂଗ୍ରେସ ପାଇଥିବା ଚାନ୍ଦାର ୧୬ଗୁଣରୁ ଅଧିକ।

୧୦- ଗୋଆ କଂଗ୍ରେସର ୧୫ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବାରୁ ଦଳ ପାଇଁ ଏକ ସଂକଟ ସୃଷ୍ଟି ହୋଇଛି।

୧୧- ଆର୍‌ଟିଆଇ କର୍ମୀ ଅମିତ୍ ଜେଠୱା ହତ୍ୟା ମାମଲାରେ ସୌରାଷ୍ଟ୍ରର ପୂର୍ବତନ ଏମ୍‌ପି ଦିନୁ ବୋଘା ସୋଲାଙ୍କିଙ୍କ ସମେତ ୭ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ଜୁଲାଇ ୧୫ /୨୦୧୯



## ସଂକ୍ଷେପରେ

### ପ୍ରଥମ ଥର ପାଳନ ହେବ ବିପ୍ଳବୀ ଚକ୍ରଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଳନ ହେବାକୁ ଯାଉଛି କନିକାର ପ୍ରଜାନେତା, ପୂର୍ବତନ ବିଧାୟକ ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୬ତାରିଖରେ ସୂଚନାଭବନଠାରେ ଏହି ଜୟନ୍ତୀ ଉତ୍ସବ ଆୟୋଜନ ହେବ। ଏହି ଅବସରରେ ୧୬ତାରିଖ ସକାଳ ୯ଟାରେ ରାଜଭବନ ଛକ ନିକଟସ୍ଥ ଚକ୍ରଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟାରେ ସୂଚନାଭବନଠାରେ ହେବାକୁ ଥିବା ସଭାରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସଭା ପରେ ସୁନାମଧନ୍ୟ ଗାୟକ ଆଶାମୁକୁଳ ବାରିକ ଏବଂ ସାଥୀମାନେ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିବେ। ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତିରକ୍ଷା ପାଇଁ ଗଠିତ 'ଚକ୍ରଧର ସ୍ମୃତି ସମିତି'ର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଚଳିତବର୍ଷ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଛି।

### କେନାଲ, ନଦୀ ତଟବନ୍ଧ ପୁନରୁଦ୍ଧାରକୁ ଗୁରୁତ୍ୱ

#### ଜଳସମ୍ପଦ ବିଭାଗ ଷ୍ଟାଣ୍ଡିଂ କମିଟି

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ରାଜ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ ବୋରୱେଲ ଖନନ କାର୍ଯ୍ୟ ଧୀମା ଚାଲିଛି, ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିଶ କରାଯାଇଛି। ସେହିପରି ରାୟଗଡା ଜିଲାରେ ବଡନାଳ ବ୍ୟତୀତ କୌଣସି ବୃହତ ଏବଂ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ନାହିଁ। ତେଣୁ ଉପର ବଂଶଧାରାରେ (ପାଣି-ଡାଙ୍ଗର) ପ୍ରକଳ୍ପ ନିର୍ମାଣ କରି ବଂଶଧାରା ଜଳର ସୁବିନିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଅନେକ ନଦୀ ତଟବନ୍ଧଗୁଡିକ ଦୁର୍ବଳ ହୋଇଗଲାଣି। ତେଣୁ ବିଭାଗ ପକ୍ଷରୁ କେନାଲ ଏବଂ ତଟବନ୍ଧଗୁଡିକର ପୁନରୁଦ୍ଧାର ନେଇ କମିଟି ସୁପାରିସ କରିଛି। ରାଜ୍ୟର ସମସ୍ତ ବ୍ଲକ ମୁଖ୍ୟାଳୟ ଏବଂ ପୌରାଞ୍ଚଳରେ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ବ୍ୟାପକ ଶିଳ୍ପାୟନ କାରଣରୁ କଳିଙ୍ଗ ନଗର ଅଞ୍ଚଳ, ରେଙ୍ଗାଲୀ ଜଳସେଚନ ପ୍ରକଳ୍ପର ଆୟାକଟ୍ ହ୍ରାସ ପାଇବାରେ ଲାଗିଛି। ତେଣୁ ସେହିସବୁ ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ଚେଷ୍ଟା କରାଯିବା ଉଚିତ। ଲାନକୋ,ଜିଏମ୍ଆର ଭଳି ଶିଳ୍ପ କାରଣରୁ ରେଙ୍ଗାଲି ଦକ୍ଷିଣ ଜଳସେଚନ ପ୍ରକଳ୍ପ, ଖଡଗପ୍ରସାଦ ବ୍ରାଞ୍ଚର କେନାଲ ବ୍ୟବସ୍ଥା ପ୍ରଭାବିତ ହୋଇଛି। ତେଣୁ ସେହି ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ବହୁମୁଖୀ ପ୍ରକଳ୍ପ ପାଇଁ ଷ୍ଟାଣ୍ଡିଂ କମିଟି ସୁପାରିଶ କରିଛି। ଏଥିସହିତ ଭୂତଳ ଜଳ ସଂରକ୍ଷଣ ନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟ କରିବାକୁ କମିଟି ପରାମର୍ଶ ଦେଇଛି।

## ■ ଦକ୍ଷତା ବିକାଶ ପ୍ରଶିକ୍ଷଣ ନୈରାଶ୍ୟଜନକ

# ଚାକିରି ପାଇଛନ୍ତି ମାତ୍ର ୧୯.୫୪%

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ରାଜ୍ୟରେ ଯୁବପିଢ଼ି କିପରି ସହଜରେ ନିଯୁକ୍ତି ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି ସକାଶେ ରାଜ୍ୟ ସରକାର 'ସ୍କିଲ୍ଡ ଇନ୍ ଓଡ଼ିଶା' ମାଧ୍ୟମରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ମାତ୍ର ତାହା କେବଳ କାଗଜକଲମରେ ସୀମିତ ହୋଇ ରହିଯାଇଥିବା ଭଳି ମନେ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ପାଇଥିବା ଯୁବପିଢ଼ିଙ୍କ ମଧ୍ୟରୁ ମାତ୍ର ୧୯.୫୪% ଚାକିରି ପାଇବାରେ ସକ୍ଷମ ହୋଇଛନ୍ତି। ବିଧାନସଭାର ବଜେଟ ଅଧିବେଶନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଦେଇଥିବା ତଥ୍ୟରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଯାଉଛି। ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାୟକ କହିଛନ୍ତି ଯେ, ୨୦୧୧-୧୨ ଓ ୨୦୧୮-୧୯ ମଧ୍ୟରେ ୮୫,୮୮୦ ଯୁବପିଢ଼ି ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ(ପିଏଲ୍‌ଟିପି) ମାଧ୍ୟମରେ ପ୍ରଶିକ୍ଷଣ ନେଇଥିଲେ। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୧୬,୭୭୭(୧୯.୫୪%) ନିଯୁକ୍ତି ପାଇଛନ୍ତି। ୨୦୧୧-୧୨ରେ ମାତ୍ର ୧,୪୬୬(୧୦% )ଯୁବକ ଚାକିରି ପାଇଥିଲେ। ୨୦୧୩-୧୪ରେ ୪.୪୦କୋଟି ଟଙ୍କା ଖର୍ଚ୍ଚରେ ୨୩,୪୨୧ଜଣ ପ୍ରଶିକ୍ଷଣ ନେଇଥିବାବେଳେ ମାତ୍ର ୪,୭୪୪ଜଣ ଚାକିରି ପାଇଥିବା ମନ୍ତ୍ରୀ ଉତ୍ତର ଦେଇଛନ୍ତି। ସେହିପରି ୨୦୧୪-୧୫ରେ ୧୮.୮୭% ଚାକିରି ପାଇଥିବାବେଳେ ପରବର୍ତ୍ତୀ ବର୍ଷ ଏହା ୧୬.୮୧% ପ୍ରତିଶତକୁ ଖସି ଆସିଥିଲା। ମନ୍ତ୍ରୀଙ୍କ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୬-୧୭ରେ ୨୫ଟି ଜିଲାରୁ ୮,୮୬୨ଜଣ ଯୁବପିଢ଼ି ପ୍ରଶିକ୍ଷଣ ନେଇଥିଲେ। ଯେଉଁଥିପାଇଁ ୭.୫୧କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଆଉ ସେଥିରୁ ମାତ୍ର ୧,୩୪୦ଜଣ ଚାକିରି ପାଇଛନ୍ତି। ୨୦୧୭-୧୮ରେ ମଧ୍ୟ ବହୁ କମ୍ ସଂଖ୍ୟାରେ ନିଯୁକ୍ତି ପାଇଛନ୍ତି। ୨୦୧୮-୧୯ରେ ପିଏଲ୍‌ଟିପି ଜରିଆରେ ୧୩.୮୪କୋଟି ଟଙ୍କା ଖର୍ଚ୍ଚରେ ୯,୦୪୮ ଯୁବପିଢ଼ି ପ୍ରଶିକ୍ଷଣ ନେଇଛନ୍ତି। ଏଥିରୁ ଜଣାପଡୁଛି ଯେ, ସରକାର ଜଣେ ଯୁବକଙ୍କୁ ପ୍ରଶିକ୍ଷଣ ଦେବାକୁ ବାର୍ଷିକ ୧୫ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରୁଛନ୍ତି। ତେବେ ମାତ୍ର ୧ହଜାର(୨.୭୧%) ଚାକିରି ପାଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ୫,୫୪୦ ଯୁବପିଢ଼ିଙ୍କୁ ଚାକିରି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ଯାହାକି ପ୍ରଶିକ୍ଷଣ ପାଉଥିବା ଯୁବକଙ୍କ ସଂଖ୍ୟାର ମାତ୍ର ୨୦.୭୯%। ପ୍ରଶିକ୍ଷଣ ପାଉଥିବା ଯୁବପିଢ଼ିଙ୍କୁ ସେମାନଙ୍କ ବିଭାଗ ଅନୁସାରେ ୫ହଜାରରୁ ୧୦ହଜାର ଟଙ୍କାର ଭତ୍ତା ମଧ୍ୟ ପ୍ରଦାନ କରାଯାଉଛି। ପିଏଲ୍‌ଟିପି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ୨୦୧୨-୧୩ ଏବଂ ୨୦୧୮-୧୯ ମଧ୍ୟରେ ୫୦ଟି ଘରୋଇ ସଂସ୍ଥାକୁ ୪୫.୫୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ସଫଳତା ହାର ମାତ୍ର ୧୯.୫୪%, ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ। ଆଉ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାର ୨୦୧୪-୧୫ରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ(ସିଏମ୍ଇଜିପି) ଆରମ୍ଭ କରିଥିଲେ। ଆଉ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୮-୧୯ ସୁଦ୍ଧା ୧୧ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ଏହି କାର୍ଯ୍ୟକ୍ରମ ଜରିଆରେ ୧୦,୩୮,୩୦୧ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିଛି। ମିଳିଥିବା ସୂତ୍ରରୁ ସରକାର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ କୋଟି କୋଟି ଟଙ୍କା ଘରୋଇ ସଂସ୍ଥାକୁ ଦେଇଥିଲେ ସୁଦ୍ଧା ଉତ୍ତମ ପ୍ରଶିକ୍ଷଣ ପ୍ରଦାନ କରିବାରେ ଉକ୍ତ ସଂସ୍ଥାଗୁଡ଼ିକ ବିଫଳ ହୋଇଛନ୍ତି। ଏପରି କି ଉକ୍ତ ସଂସ୍ଥା ମଧ୍ୟରୁ ଅନେକଙ୍କ ନିକଟରେ ଆବଶ୍ୟକ ଯନ୍ତ୍ରପାତି, ଲାବୋରେଟୋରି ବ୍ୟବସ୍ଥା ନାହିଁ। ଯାହାଫଳରେ ପ୍ରଶିକ୍ଷଣ ନେଇଥିବା ଯୁବପିଢ଼ି ଚାକିରି ପାଇବାରେ ବିଫଳ ହେଉଛନ୍ତି। ପ୍ରଶିକ୍ଷଣ ନେଇଥିବା ଅନେକ ଯୁବପିଢ଼ିଙ୍କ ଭବିଷ୍ୟତ ଏବେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ପ୍ରଶିକ୍ଷଣ ପାଇଥିବା ବହୁ ଯୁବପିଢ଼ି ଚାକିରିଟିଏ ପାଇଁ ସହର ମୁହାଁ ହେଉଥିଲେ ମଧ୍ୟ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ମିଳି ନ ଥିବାରୁ ସେମାନେ ପୁଣି ଗାଁକୁ ଫେରିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି।

**ପିଏଲ୍‌ଟିପି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ**

| ବର୍ଷ | ତାଲିମ ପ୍ରଦାନକାରୀ ସଂସ୍ଥାଙ୍କ ସଂଖ୍ୟା | ତାଲିମପ୍ରାପ୍ତ ଯୁବପିଢ଼ିଙ୍କ ସଂଖ୍ୟା | ନିଯୁକ୍ତି ପାଇଥିବା ଯୁବପିଢ଼ିଙ୍କ ସଂଖ୍ୟା | ପ୍ରତିଶତ | ଖର୍ଚ୍ଚ ପରିମାଣ (କୋଟି ଟଙ୍କାରେ) |
|---|---|---|---|---|---|
| ୨୦୧୧-୧୨ | ୩ | ୬୩୭ | ୧୦ | ୧.୫୬ | ତଥ୍ୟ ନାହିଁ |
| ୨୦୧୨-୧୩ | ୨୩ | ୫,୯୫୨ | ୧,୪୬୬ | ୨୪.୬୩ | ୩.୩୧ |
| ୨୦୧୩-୧୪ | ୨୧ | ୨୩,୪୨୧ | ୪,୭୪୪ | ୨୦.୨୫ | ୪.୪ |
| ୨୦୧୪-୧୫ | ୨୫ | ୧୦,୬୦୧ | ୨,୦୦୦ | ୧୮.୮୭ | ୪.୭ |
| ୨୦୧୫-୧୬ | ୩୦ | ୧୩,୧୮୧ | ୨,୨୧୭ | ୧୬.୮୧ | ୪.୦୬ |
| ୨୦୧୬-୧୭ | ୧୩ | ୮,୮୬୨ | ୧,୩୪୦ | ୧୫.୧୨ | ୭.୫୧ |
| ୨୦୧୭-୧୮ | ୨୨ | ୧୪,୧୭୮ | ୪,୦୦୦ | ୨୮.୨୧ | ୭.୭୬ |
| ୨୦୧୮-୧୯ | ୧୭ | ୯,୦୪୮ | ୧,୦୦୦ | ୨.୭୧ | ୧୩.୮୪ |
| ମୋଟ | ୧୫୪ | ୮୫,୮୮୦ | ୧୬,୭୭୭ | ୧୯.୫୪ | ୪୫.୫୨ |

## ଡାକ୍ତରଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ତତ୍ପରତା

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ପଶ୍ଚିମବଙ୍ଗରେ ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରାଯିବା ଘଟଣାର ପ୍ରଭାବ ସାରା ଦେଶରେ ଆନ୍ଦୋଳନ ସୃଷ୍ଟି କରିଥିଲା। ଆନ୍ଦୋଳନ ଏତେ ତୀବ୍ରତର ହୋଇଥିଲା ଯେ, ଦେଶର ପ୍ରତ୍ୟେକ ରାଜ୍ୟରେ ଡାକ୍ତରମାନେ ଏହି ଘଟଣାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ। ଏହି ସମୟରେ କେନ୍ଦ୍ର ସରକାର ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଘଟଣାକୁ ଦୃଷ୍ଟିରେ ରଖି ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ଲାଗି କେନ୍ଦ୍ର ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଚିଠି ଦିଆଯାଇଛି। ଅନ୍ୟପଟେ ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଭଲରେ ଦେଖି ଯାହା ଆବଶ୍ୟକ ତାକୁ କାର୍ଯ୍ୟକାରୀ କରିବୁ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତରମାନଙ୍କ ସୁରକ୍ଷା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଡାକ୍ତରମାନେ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣର ଶିକାର ହେଉଥିବାରୁ ସମ୍ବେଦନଶୀଳ ଡାକ୍ତରଖାନା ଓ କାର୍ଯ୍ୟରତ ଡାକ୍ତରମାନଙ୍କ ସୁରକ୍ଷା ଲାଗି ତାଲିମପ୍ରାପ୍ତ ସୁରକ୍ଷାବଳ ମୁତୟନ ଆବଶ୍ୟକ ହୋଇପଡ଼ିଛି। ତେଣୁ ଯେଉଁସବୁ ଡାକ୍ତରଖାନାକୁ ଅଧିକ ସଂଖ୍ୟାରେ ରୋଗୀ ଆସୁଛନ୍ତି ସେଠାରେ ସିସିଟିଭି ଲଗାଇବା, ଅତ୍ୟାଧୁନିକ ସୁରକ୍ଷା ସରଞ୍ଜାମ ସହ ୨୪ ଘଣ୍ଟିଆ କୁଇକ୍ ରିଆକ୍ସନ୍ ଟିମ୍ (କ୍ୟୁଆର୍‌ଟି) ମୁତୟନ ରଖିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ସେହିପରି ସୁରକ୍ଷା ବ୍ୟବସ୍ଥାର ମନିଟରିଂ ପାଇଁ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ କଣ୍ଟ୍ରୋଲ ରୁମ୍ ରହିବ। ରୋଗୀଙ୍କ ସମ୍ପର୍କୀୟଙ୍କ ଛଡା ଅନ୍ୟ କାହାରିକୁ ମେଡିକାଲ ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଡାକ୍ତରଖାନା କର୍ମଚାରୀଙ୍କୁ ଦୁର୍ବ୍ୟବହାର କଲେ ଡାକ୍ତରଖାନା ପକ୍ଷରୁ ଦୁର୍ବ୍ୟବହାରକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଚିକିତ୍ସା ଅବହେଳାର ତଦାରଖ ଲାଗି ନୋଡାଲ ଅଫିସର ନିଯୁକ୍ତି କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଖାଲି ପଡିଥିବା ଡାକ୍ତର ଏବଂ ଅନ୍ୟ ପଦବୀ ପୂରଣ ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ସମ୍ବେଦନଶୀଳ ଡାକ୍ତରଖାନାଗୁଡ଼ିକ ଲାଗି କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ ସହିତ ଏଠାରେ ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ରଖିବାକୁ କୁହାଯାଇଛି।

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ୭ ଗିରଫ

କେନ୍ଦୁଝର, ୧୪।୭ (ସ୍ୱ.ପ୍ର.)

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାର ଦୁର୍ଗମ ଅଞ୍ଚଳରେ ଆଜିବି ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ବସା ବାନ୍ଧି ରହିଛି। ଏହାକୁ ନେଇ ହତ୍ୟା ଭଳି ବିଭିନ୍ନ ଅପରାଧ ସଂଘଟିତ ହେଉଛି। ଶନିବାର ରାତିରେ ସଦର ଥାନା ଅଧୀନ ସେଣ୍ଡକାପ ଗ୍ରାମରେ ଗୁଣି ସନ୍ଦେହକୁ ନେଇ ଦୀନବନ୍ଧୁ ମୁଣ୍ଡା ନାମକ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ରବିବାର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ତଦନ୍ତ କରିବାପରେ ଘଟଣା ସହ ଜଡ଼ିତ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ଥାନାରେ ରଖି ପଚରାଉଚରା କରାଯାଉଛି।

ଘଟଣା ସମ୍ପର୍କରେ ପରିବାର ଲୋକେ କହିଛନ୍ତି ଯେ, ଶନିବାର ସନ୍ଧ୍ୟାରେ ୭ରୁ ଅଧିକ ଲୋକ ନିଶାସକ୍ତ ଅବସ୍ଥାରେ ଆସି ଦୀନବନ୍ଧୁଙ୍କୁ ଘରୁ କିଛି ଦୂରକୁ ଡାକି ନେଇଯାଇଥିଲେ। ସେମାନେ ଟାଙ୍ଗିଆ ଓ ଲାଠିରେ ତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଦୀନବନ୍ଧୁଙ୍କ ଝିଅ ସେଠାକୁ ଧାଇଁଯିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ଘଉଡାଇ ଦେଇଥିଲେ। ଆକ୍ରମଣକାରୀଙ୍କୁ ଡରି ଘଟଣାସ୍ଥଳକୁ ଆଉ କେହି ଯାଇ ନ ଥିଲେ। ରବିବାର ସକାଳେ ଦୀନବନ୍ଧୁଙ୍କ ମୃତଦେହ ଏକ ଘର ଭିତରେ ପଡ଼ିଥିବା ପରିବାର ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପୂର୍ବାହ୍ନରେ ପହଞ୍ଚି ମୃତଦେହ ଜବତ କରି ତନାଘନା ଆରମ୍ଭ କରିଥିଲା।

ଘଟଣାର ପ୍ରାଥମିକ ତଦନ୍ତ ପରେ ଗୁଣିଗାରେଡ଼ିକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସଦର ଏସଡିପିଓ ପି.ଜେ.ଟପୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରାଯିବ। ଅଭିଯୁକ୍ତମାନେ କହିଛନ୍ତି ଯେ, ଦୀନବନ୍ଧୁ ଗୁଣିଗାରେଡ଼ି କରୁଥିବାରୁ ମଶାଣିରୁ ହାଡ ଆଣି ଘରେ ରଖି ପୂଜାପାଠ କରୁଥିଲେ। ଏହି କାରଣରୁ ଗାଁର ଅନେକ ଲୋକ ଜ୍ୱର ଆଦି ରୋଗରେ ପଡୁଥିବା ସନ୍ଦେହ କରାଯାଉଥିଲା। ଏନେଇ ଆଗରୁ ମଧ୍ୟ ଗାଁରେ ବିବାଦ ଦେଖାଦେଇଥିଲା। ଦୀନବନ୍ଧୁ ପୂଜା ପାଠ ବନ୍ଦ ନ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିବା ପୋଲିସକୁ କହିଛନ୍ତି। ଅନ୍ୟପକ୍ଷେ ଦୀନବନ୍ଧୁଙ୍କ ପରିବାର ଅଭିଯୁକ୍ତଙ୍କ ଏଭଳି ଆରୋପକୁ ଅସ୍ୱୀକାର କରିଛନ୍ତି।

## ■ ମାଓବାଦୀ କହି ଟଙ୍କା ଆଦାୟ ମହଙ୍ଗା ପଡ଼ିଲା

# ବନ ଅଧିକାରୀଙ୍କ ସମେତ ୩ ଗିରଫ

ବରଗଡ଼ ଅଫିସ୍/ଭଟଲି, ୧୪।୭(ଡି.ଏନ.ଏ)



ଜବତ ଟଙ୍କା (ଇନ୍‌ସେଟ୍)। ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଅଭିଯୁକ୍ତଙ୍କୁ ହାଜର କରିଛି।

- ■ ୧ଲକ୍ଷ ୬୫ହଜାର ଟଙ୍କା ଜବତ
- ■ ୨୦୧୪ ମସିହାରୁ ସକ୍ରିୟ ଥିଲେ
- ■ ସରକାରୀ ଅଧିକାରୀ, ଠିକାଦାରଙ୍କୁ ଧମକ ଦେଉଥିଲେ

ବରଗଡ଼ ଜିଲା ଭଟଲି ପୋଲିସ ହାତରେ ୩ନକଲି ମାଓବାଦୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସମ୍ବଲପୁର ବନାଞ୍ଚଳର ଡେପୁଟି ରେଞ୍ଜର ତଥା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ତେରାଗାଁର ମୂଳ ବାସିନ୍ଦା ବଟକୃଷ୍ଣ ସେଠୀ(୫୯), ବରଗଡ଼ ଜିଲ ଭଟଲି ଗଡ଼ପଡ଼ାର ୨ଭାଇ ଦୋଳଗୋବିନ୍ଦ ସାହୁ ଓରଫ ବାବୁଲୁ(୪୦) ଓ ବଳରାମ ସାହୁ(୨୪)। ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୬୫ହଜାର, ୩ଟି ମୋବାଇଲ ଓ ୨ଟି ସ୍ପ୍ଲେଣ୍ଡର ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଭଟଲି ଥାନା ପୋଲିସ ଏକ ମାମଲା (ନଂ.୧୩୫/୧୯) ରୁଜୁ କରିଛି।

ରବିବାର ଅପରାହ୍ନ ପ୍ରାୟ ୧ଟା୩୦ରେ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇ କହିଥିଲେ, ଧରାପଡ଼ିଥିବା ନକଲି ମାଓବାଦୀ ଗତ ୨୦୧୪ମସିହାରୁ ଭଟଲି, ଅମ୍ବାଭୋନା ଅଞ୍ଚଳରେ ସରକାରୀ ଅଧିକାରୀ, ଠିକାଦାର ପ୍ରମୁଖଙ୍କୁ ହତ୍ୟା ଧମକ ଦେଇ ଟଙ୍କା ଅସୁଲ କରି ଆସୁଥିଲେ। ଅଶୋକ ଦାଶ ନାମକ ଜଣେ ଠିକାଦାର ଶୁକ୍ରବାର ଭଟଲି ଥାନାରେ ଏ ସମ୍ପର୍କରେ ଏତଲା ଦେବା ପରେ ପୋଲିସ ତନାଘନା ଚଳାଇଥିଲା। ଗିରଫ ଅଭିଯୁକ୍ତମାନେ ଭୟଭୀତ କରି ଇତିମଧ୍ୟରେ ବରଗଡ଼ ଡିଏଫଓଙ୍କଠାରୁ ୫୦ହଜାର, ଲଖନପୁର ରେଞ୍ଜରଙ୍କଠାରୁ ୯୦ହଜାର, ପଦ୍ମପୁର ଫରେଷ୍ଟରଙ୍କଠାରୁ ୧୦ହଜାର, ଠିକାଦାର ମୁନା ମହାପାତ୍ରଙ୍କଠାରୁ ୨ଲକ୍ଷ, ଶୁଭମ ସିଂଙ୍କଠାରୁ ୨ଲକ୍ଷ ୫୦ହଜାର, ପ୍ରଦୀପ ବିଶ୍ୱାଳଙ୍କଠାରୁ ୧ଲକ୍ଷ ୫୦ହଜାର, ବାଉଲସିଂହାରେ ନିର୍ମାଣାଧୀନ ବିପିସିଏଲ ଇଥାନଲ ପ୍ଲାଣ୍ଟର ଠିକାଦାରଙ୍କଠାରୁ ୯୦ହଜାର, ଭଟଲିର କାହ୍ନୁଙ୍କଠାରୁ ୨୫ହଜାର, ହେମନ୍ତଙ୍କଠାରୁ ୫୦ହଜାର, ଭୁକ୍ତାର ପ୍ରେମ ପଟେଲଙ୍କଠାରୁ ୪୦ହଜାର ଏବଂ ଠିକାଦାର ଅଶୋକ ଦାଶଙ୍କଠାରୁ ୨ଟି ପର୍ଯ୍ୟାୟରେ ୫୦ହଜାର ଟଙ୍କା ଲେଖାଏ ନେଇଥିବା ସ୍ୱୀକାର କରିଛନ୍ତି ବୋଲି ଏସପି ଭାମୁ ସୂଚନା ଦେଇଛନ୍ତି।

ଦୀର୍ଘ ୫ ବର୍ଷ ଧରି ଅଭିଯୁକ୍ତମାନେ ନିଜକୁ ମାଓବାଦୀ ପରିଚୟ ଦେଇ ଏଭଳି କାରବାର ଚଳାଇ ଆସୁଥିବାରୁ ସେମାନଙ୍କ ଜାଲରେ ଆଉ କେଉଁମାନେ ପଡ଼ିଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଥିବା ଏସ୍‌ପି କହିଥିଲେ। ସେହିପରି ଗିରଫ ଡେପୁଟି ରେଞ୍ଜର ସେଠୀ ପୂର୍ବରୁ ଭଟଲି, ଘେଁସ ବନ ବିଭାଗ ଅଞ୍ଚଳରେ କାର୍ଯ୍ୟରତ ଥିଲେ ଏବଂ ଅନ୍ୟ ୨ଅଭିଯୁକ୍ତଙ୍କ ସହିତ ସମ୍ପର୍କ ସ୍ଥାପନ କରି ସେଥିରେ ତାଙ୍କୁ ସହାୟତା କରି ଆସୁଥିଲେ। ଯେତେବେଳେ ଜିଲାରେ ମାଓବାଦୀ ଗତିବିଧି ପରିଲକ୍ଷିତ ଥିବା ଜଣାପଡ଼େ, ମୁଖ୍ୟତଃ ସେହି ସମୟରେ ଏହି ନକଲି ମାଓବାଦୀ ଠିକାଦାର, ସରକାରୀ ଅଧିକାରୀଙ୍କୁ ଭୟଭୀତ କରି ଏଭଳି ଠକାମୀ କରିଥାନ୍ତି ବୋଲି ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ କ୍ଷୀରସାଗର ନାଏକ, ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ, ଭଟଲି ଥାନା ଅଧିକାରୀ ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ, ୩ ଗୁରୁତର

**ଟାଙ୍ଗୀ,୧୪।୭(ଡି.ଏନ୍.ଏ.):** ଖୋର୍ଦ୍ଧାଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ୨ ଯୁବକଙ୍କ ମୃତ୍ୟୁ ହେବା ସହ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝରିଆ ଗ୍ରାମର ତୁଷାର ପଲେଇ(୧୯) ଓ ଟାଙ୍ଗୀ ଗ୍ରାମର ଚିତ୍ତରଞ୍ଜନ ରାଉତ(୩୮)। ଏଥିରେ ସୁଜିତ ସ୍ୱାଇଁ, ଦୀପକ ପଲେଇ ଓ ଅନିଲ ମହାନ୍ତି ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ରବି ଫସଲ ନିମନ୍ତେ ଜମିରେ ପାଣି ବନ୍ଧାଇବା କାମ କରୁଥିବାବେଳେ ଝରିଆର ତୁଷାର, ସୁଜିତ୍, ଦୀପକ ଓ ଟାଙ୍ଗୀର ଚିତ୍ତରଞ୍ଜନ ଓ ଅନିଲଙ୍କ ଉପରେ ବଜ୍ରପାତ ହେବାରୁ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତୁଷାର ଓ ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତରମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ଟାଙ୍ଗୀ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି। ଚିତ୍ତରଞ୍ଜନ ଜଣେ ଗରିବ ହୋଇଥିବାରୁ ସ୍ତ୍ରୀ ଓ ୨ଟି ଛୋଟଛୁଆଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବିକରିଛନ୍ତି।

## ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ନିର୍ମାଣ କରିଛି ଭୁବନେଶ୍ୱର ସିଟିଟିସି

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଭାରତର ବହୁ ପ୍ରତୀକ୍ଷିତ ମହାକାଶ ଅଭିଯାନ 'ଚନ୍ଦ୍ରୟାନ-୨' ମହାକାଶ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଥିବାବେଳେ ଏହା ଉପରେ ରହିଛି ସମଗ୍ର ବିଶ୍ୱର ନଜର। ତେବେ ଗର୍ବ ଓ ଗୌରବର ବିଷୟ ହେଲା 'ଚନ୍ଦ୍ରୟାନ-୨' ଅଭିଯାନ ସହ ଯୋଡ଼ିହୋଇଛି ଓଡ଼ିଶା ଲିଙ୍କ୍। 'ମଙ୍ଗଳୟାନ' ପରେ ଏବେ 'ଚନ୍ଦ୍ରୟାନ-୨'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି)। ସୋମବାର ଶ୍ରୀହରିକୋଟାରୁ ଉତ୍କ୍ଷେପଣ ହେବାକୁ ଥିବା ଏହି ବହୁ ପ୍ରତୀକ୍ଷିତ ମହାକାଶ ଯାନ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ତିଆରି କରିଛି ଭୁବନେଶ୍ୱରସ୍ଥିତ ଉକ୍ତ କେନ୍ଦ୍ରୀୟ ପ୍ରଶିକ୍ଷଣ ସଂସ୍ଥା।

ଚନ୍ଦ୍ରୟାନ ଅଭିଯାନରେ ସିଟିଟିସି ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ଚନ୍ଦ୍ରୟାନ-୨' ପାଇଁ ଏଠାରେ ବିଭିନ୍ନ କମ୍ପୋନେଟ୍ ବା ଉପାଦାନ ସହ ଲଞ୍ଚ୍ ଭେହିକିଲ୍ ପାଇଁ ୨୨ ପ୍ରକାରର ସାମଗ୍ରୀ ତିଆରି କରାଯାଇଛି। କେବଳ ଏତିକି ନୁହେଁ, ଏହି ମହାକାଶ ଯାନର ଫୁଏଲ୍ ଭାଲ୍‌ବ ମଧ୍ୟ ତିଆରି କରିଛି ସିଟିଟିସି। ଜିଏସ୍ଏଲ୍‌ଭି ରକେଟ୍‌ର କ୍ରାୟୋଜେନିକ୍ ଇଞ୍ଜିନର ବିଭିନ୍ନ ଅଂଶ ସହ ଇନର୍ସିଆଲ ମୋମେଣ୍ଟମ୍ ଏବଂ ନାଭିଗେସନ ଜାଣିବା ପାଇଁ ୭ଟି ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ଏଠାରେ ପ୍ରସ୍ତୁତ କରାଯାଇଛି। ଏହି ଜିଏସ୍ଏଲ୍‌ଭି ଏମ୍‌କେ-୩ ରକେଟ୍

### 'ଚନ୍ଦ୍ରୟାନ-୨'ର ଓଡ଼ିଶା ଲିଙ୍କ୍

ଏକ ଅର୍ବିଟର୍ ସହ ଲ୍ୟାଣ୍ଡର୍ 'ବିକ୍ରମ' ଓ ମୁନ୍‌ରୋଭର୍ 'ପ୍ରଜ୍ଞା' ନେଇ ଚନ୍ଦ୍ର ଅଭିମୁଖେ ଯିବ। ଭୁବନେଶ୍ୱରସ୍ଥ ସିଟିଟିସିର ପରିଚାଳନା ନିର୍ଦ୍ଦେଶକ ଶିବାଶିଷ ମାଇତିଙ୍କ ସୂଚନା ଅନୁଯାୟୀ, ୨୦୧୬ ମସିହାରୁ ଏଠାରେ 'ଚନ୍ଦ୍ରୟାନ-୨' ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର ଏବଂ ଅପରେଟର ଦିନରାତି ଏଥିପାଇଁ କାମ କରିଥିଲେ। ଇସ୍ରୋ ସହ ଏନେଇ ଆମେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲୁ। ମଙ୍ଗଳୟାନ ସମୟରେ ବି ଭୁବନେଶ୍ୱର ସିଟିଟିସି ଶାଖା ଗୁରୁ ଦାୟିତ୍ୱ ଗ୍ରହଣ କରିଥିଲା। ସେତେବେଳେ ମହାକାଶ ଯାନର ବହୁ ସାମଗ୍ରୀ ଏଠାରେ ତିଆରି ହୋଇଥିଲା। ମହାକାଶ ଯାନ ତିଆରି କରିବା ପାଇଁ ଆମପାଖରେ ବହୁ ଉଚ୍ଚ କ୍ଷମତାସମ୍ପନ୍ନ ଯନ୍ତ୍ରପାତି ରହିଛି। ଅଭିଜ୍ଞ ଅପରେଟରମାନେ ମଧ୍ୟ ଆମ ସହ ସାମିଲ ହୋଇଛନ୍ତି। ଯାହାବି ଏଠାରେ ତିଆରି ହୋଇଛି ତାହାକୁ ଇସ୍ରୋରେ ଥିବା ସିଟିଟିସି ୟୁନିଟକୁ ପଠାଯାଇଛି। ସେଠାରେ ପ୍ରାୟ ୫୦ଜଣ ବିଶେଷଜ୍ଞ ପୁଣି ଥରେ ସମସ୍ତ ଯନ୍ତ୍ରପାତିର ଯାଞ୍ଚ କରିଛନ୍ତି। ରକେଟ୍‌ର ଫୁଏଲ୍ କଣ୍ଟ୍ରୋଲ ବା ଇନ୍ଧନ ପରିଚାଳନା କରିବା ଲାଗି ଯେଉଁ ୨୨ ଭାଲ୍‌ଭ୍‌ସ ଲାଗିଛି ତାହାକୁ ଆମେ ପ୍ରସ୍ତୁତ କରିଛୁ। ଏଥିସହ ଜିଏସ୍ଏଲ୍‌ଭି ଏମ୍‌କେ-୩ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ତଥା ଅଂଶ ଏଠାରେ ତିଆରି କରାଯାଇଛି।

### 'ପ୍ରଜ୍ଞା'ର ଗୋଡ଼ ତିଆରି କରିବା ଚ୍ୟାଲେଞ୍ଜିଂ ଥିଲା

ମୁନ୍ ରୋଭର୍ 'ପ୍ରଜ୍ଞା' ପାଇଁ ଲିମ୍ବ୍‌ସ ବା ଗୋଡ଼ ତିଆରି କରିବା ସିଟିଟିସି ପାଇଁ ସବୁଠାରୁ ଅଧିକ ଚ୍ୟାଲେଞ୍ଜିଂ ଥିଲା। ପ୍ରତ୍ୟେକ ଲିମ୍ବ୍‌ରେ ଗୋଟିଏ ଲେଖାଏଁ ଚକ ଲଗାଯାଇଥିଲା, ଯାହାକି ଚନ୍ଦ୍ର ପୃଷ୍ଠରେ ଚଳାଚଳ କରିବାରେ ଏହା ରୋଭର୍‌କୁ ସାହାଯ୍ୟ କରିବ। ଏହି ଲିମ୍ବ୍‌ସକୁ ସ୍ୱତନ୍ତ୍ର ଜ୍ଞାନକୌଶଳ ଓ ଡିଜାଇନ୍‌ରେ ପ୍ରସ୍ତୁତ କରାଯାଇଛି। 'ପ୍ରଜ୍ଞା' ସଫଳତାର ସହ ଚନ୍ଦ୍ରରେ ଅବତରଣ କରିବା ପରେ ଆମକୁ ଖୁସି ଲାଗିବ ଯେ ଏଥିରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛୁ। ଏହା କେବଳ ସିଟିଟିସି ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏବେ ସିଟିଟିସି ସହ ରାଜ୍ୟର ୧୯ଟି ଏମ୍ଏସ୍ଏମ୍ଇ ସଂସ୍ଥା ଓ ଶିକ୍ଷାନୁଷ୍ଠାନ କାମ କରୁଛନ୍ତି। ସିଭି ରମଣ, ଗ୍ରାମ ତରଙ୍ଗ ଓ ଗ୍ରାମ ବିକାଶ ଭଳି ସଂସ୍ଥା ଏହାର ଅଂଶ ରହିଛନ୍ତି ବୋଲି ମାଇତି କହିଛନ୍ତି।

ଅର୍ବିଟର୍‌ର ନାଭିଗେସନ ବା ଦିଗ ଓ ଇନର୍ସିଆଲ ମୋମେଣ୍ଟମ୍ ବା ଗତିବିଧି ଜାଣିବା ପାଇଁ ଆବଶ୍ୟକ ୭ଟି ସୋଲାର୍ ଆରେ ଡ୍ରାଇଭ୍ ଆସେମ୍ବ୍ଲି (ଏସ୍ଏଡିଏ) ମୋଟର ଆମେ ପ୍ରସ୍ତୁତ କରିଛୁ ବୋଲି ମାଇତି କହିଛନ୍ତି।


## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁବାସଚନ୍ଦ୍ର ପଟ୍ଟନାୟକ
ନୂଆବଜାର, କଟକ
ତିରୋଧାନ: ୦୨।୦୭।୨୦୧୨
ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ (ନୀଳାଦ୍ରିବିଜେ)
ପାପା,
ସାତବର୍ଷ ଚାହୁଁ ଚାହୁଁ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, ନିତି, ଆଦର୍ଶ ଆମମାନଙ୍କର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ: ମନି, ପୁଅ: ବୁବୁ, ଶୁବୁ, ବୋହୂ: ବେବି, ପିଙ୍କି, ନାତି, ନାତୁଣୀ: ପୁପୁଲି, ରାହି, ରିଷି।
ଧ-୧୩୧୯୦

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ପ୍ରମିଳା ପାତ୍ର/ଶତପଥୀ (ପମି)
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ୦୧।୦୭।୨୦୧୫
ଆଜିର ତିଥିରେ ୪ ବର୍ଷ ତଳେ ତୁମେ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ। ସ୍ୱର୍ଗଦ୍ୱାରରେ ତୁମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ କାହିଁକି କେଜାଣିଗ୍ରହଣ କରିପାରୁନୁ। ଯେତିକି ଲୁହ ତୁମେ ଦେଇ ଚାଲିଗଲ ଆମ ସମସ୍ତଙ୍କ ପାଇଁ, ସାରା ଜୀବନ ବି କାନ୍ଦିଲେ ହୁଏତ ସରିବ ନାହିଁ। ଅଧାବାଟରେ ହାତ ଛାଡ଼ି ମାନ କରି ଚାଲିଗଲ। ଏମିତି କ'ଣ କିଏ କରେ? ସ୍ୱଶରୀରରେ ତୁମକୁ ଦେଖିବା ଏ ଜନ୍ମରେ ଅସମ୍ଭବ। କିନ୍ତୁ ତୁମର ତ୍ୟାଗ, କର୍ମ, ଆଦର୍ଶ ସ୍ମୃତିର ରୂପାଜନ୍ମ ହୋଇ ରହିଗଲା। ଯାହାକି ତୁମକୁ ଆମ୍ଭମାନଙ୍କ ନିକଟରେ ଚିର ସ୍ମରଣୀୟ କରି ରଖିବ।
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାର ଓ ବନ୍ଧୁବର୍ଗ, କିଟି, ଲିକୁ, ବବି, ମକର ଇତ୍ୟାଦି।
ଧ-୧୩୨୩୮

**ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ମଣିଚରଣ ସାହୁ
(ଦତ୍ତାତ୍ରେୟ ପ୍ରଭୁ ଆଶ୍ରିତ ବାନପ୍ରସ୍ଥୀ)
ଅପର୍ତ୍ତିବିନ୍ଧା, ଭଦ୍ରକ
ଆବିର୍ଭାବ: ୨୦।୦୯।୧୯୩୫
ତିରୋଧାନ: ୦୫।୦୭।୨୦୧୯
ଆଜି ଏକାଦଶାହ ଅବସରରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ଯେଉଁଠି ଥାଅ, ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୧୩୪୯୧

## ସଂକ୍ଷେପରେ

### ୨ ମଦ ବେପାରୀ ଗିରଫ

ବେତନଟୀ,୧୪।୭(ଡି.ଏନ୍.ଏ.): ବେତନଟୀ ଓ ବଡସାହି ଥାନା ଅଧୀନ ୨ ଗ୍ରାମରୁ ଜଣେ ମହିଳା ଓ ଜଣେ ଯୁବକଙ୍କୁ ଶନିବାର ଚୋରା ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଅବକାରୀ ପୋଲିସ୍ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଛଛିନାପଦା ଗ୍ରାମର କାମିନିକାନ୍ତ ବେହେରା ଓ କୁଲ୍‌ଡିହା ଗ୍ରାମର ମିନତୀ ବେହେରା। ବେତନଟୀ ଅବକାରୀ ଅଧିକାରୀ ଶ୍ରୀନିବାସ ସାହୁଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଚଢାଉ କରିଥିଲା। ସେମାନଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିନେଇ ୨ଟି ମାମଲା (ନଂ. ୫୪/୧୯ ଓ ୫୫/୧୯) ରୁଜୁ ହୋଇଛି।

### ମୋବାଇଲ, ଲାପ୍‌ଟପ୍ ଚୋରି

ବନ୍ତ, ୧୪।୭(ସ୍ୱ.ପ୍ର.): ଭଦ୍ରକ ଜିଲା ଆଗରପଡା ବଜାରରୁ ଶନିବାର ରାତିରେ ଏକ ମୋବାଇଲ ମରାମତି ଦୋକାନରୁ ୪୦ରୁ ଉର୍ଦ୍ଧ୍ୱ ମୋବାଇଲ ଓ ଏକ ଲାପଟପ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଉଗାରାମ ଗ୍ରାମର ସଞ୍ଜୀବ ନାୟକ ରବିବାର ତାଙ୍କ ଦୋକାନକୁ ଯାଇ ଚାବି ଭଙ୍ଗାଯାଇଥିବା ଏବଂ ଦୋକାନର ମୋବାଇଲ ଓ ଲାପଟପ୍ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

# ଅସରାଏ ବର୍ଷାରେ ରାସ୍ତା କାଦୁଅ

## ହିନସ୍ତା ଭୋଗିଲେ ଗ୍ରାମବାସୀ

ପାପଡାହାଣ୍ଡି,୧୪।୭(ଡି.ଏନ.ଏ)

ଅସରାଏ ବର୍ଷାରେ ରାସ୍ତା ସାରା କାଦୁଅ। ଚାଲିକି ଯିବା ବି ମୁସ୍କିଲ । ଖାଲଖମାରେ ପାଣି ଭର୍ତ୍ତି ହୋଇ ରହୁଥିବାରୁ ଯାନବାହାନ ଚଲାଚଳରେ ଦେଖାଦେଇଛି ଅସୁବିଧା । ବର୍ଷା ଦିନ ଆସିଲେ ଚିନ୍ତାରେ ପଡିଯାଆନ୍ତି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ସାତଖଣ୍ଡ ଗ୍ରାମବାସୀ।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ୨୬ ନଂ ଜାତୀୟ ରାଜପଥରୁ ଖାଡକୁସମୀ ଗ୍ରାମକୁ ସଂଯୋଗ କରୁଥିବା ଦୀର୍ଘ ୨ କି.ମି ରାସ୍ତା ପ୍ରାୟ ଦଶ ବର୍ଷ ତଳେ ମରାମତି ହୋଇଥିଲା । ଏହି ରାସ୍ତା ଉପରେ ଖାଡ଼କୁସମି, ବେତଝରଣ, ନୀଲାଦ୍ରୀଗୁଡା, ଦିସାରିଗୁଡା, ଗଡିଆଗୁଡା, ମୁଣ୍ଡାଗୁଡା, ନାକଟିଗୁଡା ଗ୍ରାମର ଲୋକେ ନିର୍ଭର କରନ୍ତି। ମରାମତି ଅଭାବରୁ ବର୍ତ୍ତମାନ ଏହି ରାସ୍ତା ସାରା ଖାଲ ଖମା ହୋଇପଡିଛି । ବର୍ଷା ଯୋଗୁଁ ରାସ୍ତା ସାରା କାଦୁଅ ହୋଇ ପଡିଥିବା ବେଳେ ରାସ୍ତାରେ ପାଣି ଜମି ରହୁଛି। କାଦୁଅ ଲାଗି ଦୈନିକ ଦୁର୍ଘଟଣା ଘଟି ଲୋକେ ହନ୍ତସନ୍ତ ହେଉଛନ୍ତି । ରାସ୍ତା ନିର୍ମାଣ ଲାଗି ଲୋକେ ଦାବି କରି ଆସୁଥିଲେ ସୁଦ୍ଧା ଲୋକଙ୍କ ଦାବି ପୂରଣ ହୋଇପାରିନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଶୀଘ୍ର ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବୁ ବୋଲି ଲୋକେ ଚେତାବନୀ ଦେଇଛନ୍ତି ।


ରାସ୍ତା କାଦୁଅରେ ଭର୍ତ୍ତି ହୋଇ ରହିଛି।

# ମଦ ବିରୋଧୀ ଶୋଭାଯାତ୍ରା

ବନ୍ତ, ୧୪।୭ (ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକରେ ମଦ ବିରୋଧୀ ଆନ୍ଦୋଳନ ଜେତିବାରେ ଲାଗିଛି। ରବିବାର ଭଦ୍ରକ ଜିଲା ବନ୍ତ ବ୍ଲକ 'ସମ୍ଭବ ଓଡ଼ିଶା' ଆନୁକୂଲ୍ୟରେ ମଦ ମୁକ୍ତି ଯୁବବାହିନୀ ପକ୍ଷରୁ ବନ୍ତଠାରେ ମଦ ବିରୋଧୀ ଜନସଚେତନତା ଶୋଭାଯାତ୍ରା କରାଯାଇଥିଲା। ସୁରଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ହାତରେ ତ୍ରିରଙ୍ଗା ପତାକା, ବ୍ୟାନର ଓ ପ୍ଲାକାର୍ଡ ଧରି ମଦ ବିରୋଧୀ ସ୍ଲୋଗାନ ଦେଇ ବନ୍ତ ବ୍ଲକ ଛକଠାରୁ ବାହାରି ବନ୍ତ, ଟିଲୋ ଓ ତରାପୁର ଆଦି ବଜାର ପରିକ୍ରମା କରିଥିଲେ। ବନ୍ତ ବ୍ଲକକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଏହି ଆନ୍ଦୋଳନର ମୂଳ ଲକ୍ଷ୍ୟ ବୋଲି ଯୁବବାହିନୀ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଡା. ମୁରଲୀଧର ସୁତାର, ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ଭଟ୍ଟରାୟ, ସମ୍ବିତ୍ କୁମାର ପଣ୍ଡା, ସୌଭାଗ୍ୟ କୁମାର ଦାଶ, ଅଶୋକ ବେହେରା, ହିମାଂଶୁ ସାହାଣୀ, କଳ୍ପନା ପଣ୍ଡା, ମନୋରମା ଦାଶ, ପୁଷ୍ପଲତା ଜେନା, ମୀନାରାଣୀ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବାକୁ ଦାନା ନାହିଁ,**
**ପିନ୍ଧିବାକୁ କନା ନାହିଁ ।**

ଗରିବ ହେଲେ ସବୁ ସହିବାକୁ ପଡ଼ିଥାଏ। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ। ଦୀନହୀନ ଦରିଦ୍ର ବ୍ୟକ୍ତି ବହୁ ଦୁଃଖକଷ୍ଟରେ ଜୀବିକା ନିର୍ବାହ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡକ୍ଷୀରି ପିଇ ଦଉଥା ।**
**ଘୋଡ଼ିଘାଡ଼ି ହୋଇ ଶୋଇଥା ।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ଏପରି ବ୍ୟକ୍ତି କୁଟା ଖଣ୍ଡିକ ଦି' ଖଣ୍ଡ କରିବାକୁ ଉଚିତ ମଣି ନ ଥାନ୍ତି। କାମଦାମ ନ କରି ଅଯସରେ ଦିନ ବିତାଇବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଆରାମରେ ଖାଇପିଇ ସମୟ ଅତିବାହିତ କରୁଥିବା ନିକମା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଇକ୍‌ରୁ ଖସି ୨ ଯୁବକ ଗୁରୁତର

ରାଇରଙ୍ଗପୁର,୧୪।୭(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଖନ୍ତ ଗ୍ରାମ ନିକଟସ୍ଥ ରାଇରଙ୍ଗପୁର-ବାରିପଦା ରାସ୍ତାରେ ରବିବାର ପୂର୍ବାହ୍ନରେ ଏକ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ବାଇକରୁ ଖସି ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ଦ୍ୱୟ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନଶୀଳା ଗ୍ରାମର ଲେବା ନାଏକ ଓ ହାଗୁଲୁ ନାଏକ ବୋଲି ଜଣାପଡିଛି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ରାଇରଙ୍ଗପୁର ହସପିଟାଲରେ ଭର୍ତ୍ତି କରିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ପଲିଥିନ ବିକ୍ରି ଉପରେ ଲଗାମ ନାହିଁ

କନିଷି,୧୪।୭(ଡି.ଏନ.ଏ.)

ଗୋଳନ୍ଥରା ଥାନା ହଳଦିଆପଦର, କନିଷି, ରଣ୍ଡା, ଗୋଳନ୍ଥରା, ମନ୍ଦିଡ଼ି ଆଦି ଅଞ୍ଚଳର ଦୋକାନଗୁଡ଼ିକରେ ଦିନକୁ ଦିନ ବେଆଇନ ଭାବେ ପଲିଥିନ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ସରକାର ପଲିଥିନ ବ୍ୟବହାରକୁ ବେଆଇନ ଘୋଷଣା କରିବା ପରେ କେତେକ ଦୋକାନ ମାଲିକଙ୍କ ଉପରେ ଜରିମାନା ଆଦାୟ କରାଯାଇଥିଲା । ବର୍ତ୍ତମାନ ରଣ୍ଡା, କନିଷିର ବଡ଼ ବଡ଼ ଦୋକାନ ମାଲିକମାନେ ଲକ୍ଷାଧିକ ଟଙ୍କାର ପଲିଥିନ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ କର୍ମଚାରୀ ଓ ଜନସାଧାରଣ।

# ଆମ ପୋଲିସ ସମିତି କାର୍ଯ୍ୟକ୍ରମ

କୋଡିଙ୍ଗା,୧୪।୭(ଡି.ଏନ.ଏ)

କୋଡିଙ୍ଗା ପୋଲିସ ତରଫରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ କୋଡିଙ୍ଗା ପଞ୍ଚାୟତର ଡୁମାଦେଇ ଗ୍ରାମରେ ଅନୁଷ୍ଠିତ ହୋଇଛି। କୋଡିଙ୍ଗା ଥାନା ଅଧିକାରୀ ଦିଲୀପ କୁମାର ପ୍ରଧାନ, ଏସଆଇ ଗଗନେଶ୍ୱର ମାଝି, ଏସଆଇ ନବୀନ କୁମାର ଟୋପ, ପ୍ରଭାସ ମାଲକା ଯୋଗ ଦେଇ ଥିଲେ। ଜନସାଧାରଣଙ୍କୁ ଏଟିଏମର ସୁରକ୍ଷିତ ବ୍ୟବହାର, ବାଲ୍ୟବିବାହକୁ କିପରି ବନ୍ଦ କରାଯାଇପାରିବ, ଟେଙ୍ଗ ଚିକିତ୍ସାରୁ କିପରି ନିବୃତ ରହିବେ, ବନ୍ୟଜନ୍ତୁଙ୍କ ଶିକାର ବନ୍ଦ କରିବା, ପୋଲିସର ଅନଲାଇନ ସେବାରୁ ଲାଭ ଉଠାଇବା, ସାମାଜିକ କୁସଂସ୍କାରଗୁଡିକରୁ କିପରି ଦୂରରେ ରହିବା ସେ ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡୁମାଦେଇ, ଜବାଗୁଡା, ସିଙ୍ଗଗୁଡାର ଗ୍ରାମବାସୀ ଯୋଗ ଦେଇଥିଲେ।


ପତ୍ର ସଂଖ୍ୟା: ୧୪୩୫ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚନ୍ଦାହାଣ୍ଡି** ତାରିଖ: ୧୧।୦୭।୨୦୧୯
ଜିଲ୍ଲା- ନବରଙ୍ଗପୁର, ଓଡ଼ିଶା, ପିନ୍ ନଂ- 764077

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୮-୧୯ର ଆର୍ଥିକ ବର୍ଷର (ଏପ୍ରିଲ ୨୦୧୮ରୁ ମାର୍ଚ୍ଚ ୨୦୧୯) ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥା ଯଥା- ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଏବଂ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥିବା ମନରେଗା (ଏମ୍.ଜି.ଏନ୍.ଆର୍.ଇ.ଜି.ଏ.) ପ୍ରକଳ୍ପ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମଗୁଡ଼ିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଗ୍ରାମରେ ସାମାଜିକ ସମୀକ୍ଷା ଜନିତ ଗ୍ରାମସଭା ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଅନୁଷ୍ଠିତ ହେବ। କ୍ଷେତ୍ର ତଦନ୍ତ ସହଯୋଗ ପୂର୍ବକ ଗ୍ରାମସଭାରେ ବହୁଳ ସଂଖ୍ୟାରେ ଯୋଗ ଦେବା ନିମନ୍ତେ ସମସ୍ତ ଲୋକପ୍ରତିନିଧି, ପଞ୍ଚାୟତରାଜ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ଅନୁରୋଧ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା: ଜାତୀୟ ସାମାଜିକ ସହାୟତ କାର୍ଯ୍ୟକ୍ରମ – ଆରମ୍ଭ ତାରିଖ | ଜାତୀୟ ସାମାଜିକ ସହାୟତ କାର୍ଯ୍ୟକ୍ରମ – ଶେଷ ତାରିଖ | ଏମ୍.ଜି.ଏନ୍.ଆର୍.ଇ.ଜି.ଏ. – ଆରମ୍ଭ ତାରିଖ | ଏମ୍.ଜି.ଏନ୍.ଆର୍.ଇ.ଜି.ଏ. – ଶେଷ ତାରିଖ | ଗ୍ରାମ ସଭା | ଜନଶୁଣାଣି ତାରିଖ (ବ୍ଲକ ସ୍ତରୀୟ) | ଗ୍ରାମ ସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର (ସମ୍ପୃକ୍ତ ଗ୍ରାମ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ/ JE/ GPTA/ GRS ଉପସ୍ଥିତ ରହିବେ) |
|---|---|---|---|---|---|---|---|---|
| ପ୍ରଥମ | ଧୋଡ଼ିପାଣି | 15.07.2019 | 18.07.2019 | 19.07.2019 | 31.07.2019 | 31.07.2019 | 16.10.2019 | ଶ୍ରୀ କାଳୁଚରଣ ନାୟକ (ଜି.ପି.ଇ.ଓ.) |
| | ଅନକାବେଡ଼ା | | | | | | | ଶ୍ରୀ ମନୋରଞ୍ଜନ ଦାଶ (ସହକାରୀ ନିର୍ବାହୀ ଯନ୍ତ୍ରୀ) |
| | ଫଟକି | | | | | | | ଶ୍ରୀ ଦେବେନ୍ଦ୍ର କୁମାର ବେହେରା (ଏ.ପି.ଓ.) |
| | ବେହେରାମୁଣ୍ଡା | | | | | | | ଶ୍ରୀ ଓମ ପ୍ରକାଶ ଟପ୍ପୋ (ଏ.ଓ.) |
| ଦ୍ୱିତୀୟ | ଗନ୍ଧାରୀଗୁଡ଼ା | 05.08.2019 | 08.08.2019 | 09.08.2019 | 26.08.2019 | 26.08.2019 | | ଶ୍ରୀ ମନୋରଞ୍ଜନ ଦାଶ (ସହକାରୀ ନିର୍ବାହୀ ଯନ୍ତ୍ରୀ) |
| | ଦଲବେଡ଼ା | | | | | | | ଶ୍ରୀ ସୋମନାଥ ବଣିଆ (ଯୋଗାଣ ନିରୀକ୍ଷକ) |
| | କୋଇଲିମୁଣ୍ଡା | | | | | | | ଶ୍ରୀ ଓମ ପ୍ରକାଶ ଟପ୍ପୋ (ଏ.ଓ.) |
| | ମାଲଗାଁ | | | | | | | ଶ୍ରୀ କାଳୁଚରଣ ନାୟକ (ଜି.ପି.ଇ.ଓ.) |
| | ପାଟଖଲିଆ | | | 09.08.2019 | 20.08.2019 | 20.08.2019 | | ଶ୍ରୀ ଦେବେନ୍ଦ୍ର କୁମାର ବେହେରା (ଏ.ପି.ଓ.) |
| ତୃତୀୟ | ମୋହରା | 28.08.2019 | 31.08.2019 | 05.09.2019 | 19.09.2019 | 19.09.2019 | | ଶ୍ରୀ ସୋମନାଥ ବଣିଆ (ଯୋଗାଣ ନିରୀକ୍ଷକ) |
| | ଚନ୍ଦାହାଣ୍ଡି | | | | | | | ଶ୍ରୀ ମନୋରଞ୍ଜନ ଦାଶ (ସହକାରୀ ନିର୍ବାହୀ ଯନ୍ତ୍ରୀ) |
| | କୁହୁଡ଼ି | | | | | | | ଶ୍ରୀ ଦେବେନ୍ଦ୍ର କୁମାର ବେହେରା (ଏ.ପି.ଓ.) |
| | କମାଦାରପଡ଼ା | | | | | | | ଶ୍ରୀ ଓମ ପ୍ରକାଶ ଟପ୍ପୋ (ଏ.ଓ.) |
| | ସରଧାପୁର | | | | | | | ଶ୍ରୀ ମନୋରଞ୍ଜନ ଦାଶ (ସହକାରୀ ନିର୍ବାହୀ ଯନ୍ତ୍ରୀ) |

ଏଣୁ ସର୍ବସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ ସମୀକ୍ଷା କମିଟି ଓ ସମସ୍ତ କାର୍ଯ୍ୟପତ୍ରଧାରୀ, ଅଣକୁଶଳୀ ଶ୍ରମିକମାନେ, ଗ୍ରାମ ସଂଯୋଜକ, ପ୍ରଧାନମନ୍ତ୍ରୀ ଆବାସ/ବିଜୁ ପକ୍କାଘର ହିତାଧିକାରୀ ଓ ଆଗ୍ରହୀ ଜନସାଧାରଣଙ୍କୁ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନା ତଥା ମଷ୍ଟର ରୋଲ ତନଖି ସତ୍ୟାସତ୍ୟ ପ୍ରତିପାଦନ ପୂର୍ବକ ନିଜର ମତାମତ ପ୍ରଦାନ କରିବାକୁ ଅନୁରୋଧ କରାଯାଉଅଛି।
ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ।
ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚନ୍ଦାହାଣ୍ଡି


# ଭାଜପା ସଦସ୍ୟତା ସଂଗ୍ରହ ଅଭିଯାନ

ଉମରକୋଟ,୧୪।୭(ଡି.ଏନ୍.ଏ.)

ଉମରକୋଟ ଭାଜପା କାର୍ଯ୍ୟାଳୟଠାରେ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଯୋଗ ଦେଇଥିଲେ। ନଗର ସଭାପତି ଦେବାଶିଷ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ତତଃ ପକ୍ଷେ ଜଣେ ବ୍ୟକ୍ତି ଭାଜପାର ସଦସ୍ୟ ଭାବେ ଚାରିଜଣଙ୍କୁ ସାମିଲ କରିବାକୁ କହିଥିଲେ । ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ ସମସ୍ତ ବୁଥ୍‌ର ପ୍ରମୁଖଙ୍କୁ ଯୋଗାଇ ଦେବା, ଫର୍ମ କିପରି ପୂରଣ ହେବ ଓ ମୋବାଇଲ ଦ୍ୱାରା କିପରି ସଦସ୍ୟତା ଗ୍ରହଣ କରାଯିବ ସେ ବିଷୟରେ ପି. ଚନ୍ଦ୍ରରାଓ, ଅଶୋକ କୁମାର ପାଢ଼ୀ, ଜିଲା ମହିଳା ସଂଗଠନର ସଭାପତି ପ୍ରବୀଣା କଲାର, ସୁରେଶ ଆଚାର୍ଯ୍ୟ ପ୍ରମୁଖ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଲୁ ପଣ୍ଡା, ଭଗବାନ କଲାର, ମିଲୁ ପଣ୍ଡା, ପାଟୁ ପଟ୍ଟନାୟକ, ରାମ ନାୟକ ଓ ଶ୍ରୀନିବାସ ମୂର୍ତ୍ତି ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଓ ଭାଜପା କର୍ମକର୍ତ୍ତାମାନେ।

■ ଚିକିତ୍ସାରେ ଅର୍ଥ ବାଧକ

# ଶିଶୁପୁତ୍ର ମୁଣ୍ଡର ଆକାର ବଢୁଛି

ପାପଡାହାଣ୍ଡି, ୧୪।୭(ଡି.ଏନ.ଏ.)

୨ ବର୍ଷର ଶିଶୁପୁତ୍ର ଚନ୍ଦନ ଗୌଡ। ଜନ୍ମରୁ ବଢ଼ି ଚାଲିଛି ମୁଣ୍ଡର ଆକାର । ଯନ୍ତ୍ରଣାରେ ଶିଶୁପୁତ୍ର ହେଉଛି ଛଟପଟ । ପୁଅର ଚିକିତ୍ସା ପାଇଁ ବାପା, ମା'ଙ୍କ ନିକଟରେ ନାହିଁ ଆର୍ଥିକ ସମ୍ବଳ। ପୁଅର ଚିକିତ୍ସା କରି ନ ପାରି ଭାଗ୍ୟକୁ ଆଦରି ରହିଛନ୍ତି ପରିବାର ଲୋକ। ପାପଡାହାଣ୍ଡି ବ୍ଲକ ନାକଟିଗୁଡା ପଞ୍ଚାୟତ ଝାଡ଼କୁସମି ଗ୍ରାମର ବଲଭ ଗୌଡ଼ ଓ ସୁରେନ୍ଦ୍ରୀ ଗୌଡ଼ଙ୍କ ପୁଅ ଚନ୍ଦନ। ବଲ୍ଲଭ କୁଲି ମଜୁରୀ କଲେ ପରିବାରର ଚୁଲି ଜଳେ । ଚନ୍ଦନ ଜନ୍ମ ହେବା ପରେ ପରିବାରରେ ଖୁସିର ଲହରୀ ଖେଳି ଯାଇଥିଲା । ହେଲେ ଖୁସି ବେଶି ଦିନ ରହିନଥିଲା । ଦିନକୁ ଦିନ ଚନ୍ଦନଙ୍କ ମୁଣ୍ଡର ଆକାର ବଢିଥିଲା। ଏହା ପରିବାର ଲୋକଙ୍କୁ ଚିନ୍ତାରେ ପକାଇ ଦେଇଥିଲା। ପରିବାର ଲୋକ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖାଇଥିଲେ। ପରେ ଜୟପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇ ଦେଖାଇଥିଲେ । ଚନ୍ଦନଙ୍କ ମୁଣ୍ଡର ଅପରେସନ କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଅପରେସନ ପାଇଁ ଆବଶ୍ୟକ ଟଙ୍କା ନ ଥିବାରୁ ଭାଗ୍ୟକୁ ଆଦରି ଘରେ ଶିଶୁପୁତ୍ରକୁ ଧରି ରହିଛନ୍ତି। ଚନ୍ଦନଙ୍କ ଚିନ୍ତାରେ ପରିବାର ଲୋକ ଭାଙ୍ଗି ପଡିଛନ୍ତି। ପୁଅର ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବା ଲାଗି ନିବେଦନ କରିଛନ୍ତି।


ମା' କୋଳରେ ଶିଶୁପୁତ୍ର ଚନ୍ଦନ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୂଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

See Color Display Classified on every Tuesday & Friday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବାଇକ୍ ଚାଳକଙ୍କୁ ମାଡମାରି ଲୁଟ୍ ଘଟଣା, ୪ ଗିରଫ

**ଶେରଗଡ,୧୪।୭(ଡି.ଏନ.ଏ.):** ଶେରଗଡ ପୋଲିସ ଏକ ଆକ୍ରମଣ ଓ ଲୁଟ୍ ମାମଲାରେ ୪ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶେରଗଡ ନିକଟସ୍ଥ ସାଗରପଲ୍ଲୀ ଗ୍ରାମର ଚିତ୍ରସେନ ସ୍ୱାଇଁ, ବି.ଯାତ୍ରା ପାତ୍ର, ଡି. ନିଳମଣି ପାତ୍ର, ଡି.ଶିବ ପାତ୍ର। ସେମାନଙ୍କଠାରୁ ୨ଟି ବାଇକ, ୨ ମୋବାଇଲ ଫୋନ ସହ ୨୧ହଜାର ଟଙ୍କା ଜବତ ହୋଇଛି।ପ୍ରକାଶ ଯେ, ଗତ ୨ ତାରିଖ ରାତିରେ ଭୁଷୁଣ୍ଡା ବାଇପାସ ରାସ୍ତାରେ ରାତି ପ୍ରାୟ ସାଢେ ୮ଟାରେ ହରିକୃଷ୍ଣପୁର ଗ୍ରାମର ଦିବାକର ଛଟେଇ ବାଇକରେ ଯାଉଥିଲେ। ପୁରୁଣା ମଦଦୋକାନ ନିକଟ ରାସ୍ତାରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ବାଇକ ରଖିବା ପରେ ଦୁର୍ବୃତ୍ତମାନେ ଦିବାକରଙ୍କ ମୁଣ୍ଡକୁ ବାଉଁଶରେ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବା ପରେ ତାଙ୍କ ପାଖରେ ଥିବା ୨୫ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ। ଦିବାକର ମରିଗଲେ ବୋଲି ଭାବି ଛାଡି ଚାଲି ଯାଇଥିଲେ। ଚେତା ଫେରିବା ପରେ ଦିବାକର ଶେରଗଡ ମେଡିକାଲରେ ପହଞ୍ଚି ଚିକିତ୍ସିତ ହୋଇଥିଲେ। ପରେ ଏନେଇ ଶେରଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସଆଇ ରଘୁନାଥ ମାଝି, ହରିହର ଗନ୍ତାୟତ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ରକ୍ତଭିଜା ବାଉଁଶ ଜବତ କରିବା ସହ ସାଗରପଲ୍ଲୀ ଗ୍ରାମରୁ ଦୁର୍ବୃତ୍ତ ବ୍ୟବହାର କରିଥିବା ୨ଟି ବାଇକ ଜବତ କରିଥିଲେ। ଏନେଇ ନଂ.୫୭/୧୯ରେ ମାମଲା ରୁଜୁ ହୋଇଥିଲା।

### ଆଇଆଇସିଙ୍କ ବଦଳିକୁ ବିରୋଧ

**ଶଙ୍କରାଖୋଲ,୧୪।୭(ଡି.ଏନ୍.ଏ.):** ଟିକାବାଲି ଆଇଆଇସି ଆଦିତ୍ୟ କୁମାର ସେଠୀଙ୍କୁ ବିଶିପଡା ସଦରଥାନାକୁ ବଦଳି କରାଯାଇଛି। ଟିକାବାଲି ଅଞ୍ଚଳବାସୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଏହାକୁ ବିରୋଧ କରିଛନ୍ତି। କନ୍ଧମାଳ ଏସ୍‌ପିଙ୍କୁ ସାକ୍ଷାତ କରି ବଦଳି ବାତିଲ ପାଇଁ ଅନୁରୋଧ କରାଯିବ ବୋଲି କହିଛନ୍ତି। ଆଇଆଇସି ସେଠୀ ଏଠାରେ ଯୋଗଦେବା ପରେ ଅଞ୍ଚଳରେ ଅପରାଧ କମିଛି। ତେଣୁ ଅଞ୍ଚଳବାସୀ ଆଉ କିଛିଦିନ ଆଇଆଇସି ସେଠୀ ଏଠାରେ ରୁହନ୍ତୁ ବୋଲି ଦାବି କରିଛନ୍ତି। ଯଦି ଏହି ଦାବିପ୍ରତି ଦୃଷ୍ଟି ଦିଆ ନ ଯାଏ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହିଛନ୍ତି ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ରଦନ ମଲିକ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରାମବିଶ ଦିଗାଲ, କୁଇ ସମାଜ ଯୁବ ଉପସଭାପତି ସୁଧୀର ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଦିଗାଲ, କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ଦାସ, ସରପଞ୍ଚ ରୁନିତା କହଁର ପ୍ରମୁଖ।

# ବିଷାକ୍ତ ଛତୁ କବଳରେ ଅବିଭକ୍ତ କୋରାପୁଟ

**ଜୟପୁର ,୧୪।୭ (ନି.ପ୍ର)**

### ପ୍ରଶାସନ ନୀରବ

- ସପ୍ତାହକ ମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ଅସୁସ୍ଥ
- ସଚେତନତାର ଅଭାବ
- ବଜାରରେ ବିକ୍ରି ହେଉଛି ବିଷାକ୍ତ ଛତୁ





ଆରମ୍ଭ ହୋଇଛି ବର୍ଷା ଋତୁ । ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଜଙ୍ଗଲରେ ୫୦ ପ୍ରକାରରୁ ଅଧିକ ଛତୁ ଫୁଟିଥାଏ। ଆଦିବାସୀମାନେ ଏହି ଛତୁ ଫୁଟିବା କ୍ଷଣି କିଛି ରୋଜଗାର କରିବା ଆଶାରେ ଜଙ୍ଗଲ ଜଙ୍ଗଲ ବୁଲି ଛତୁ ସଂଗ୍ରହ କରିଥାନ୍ତି । ତାହାକୁ ନେଇ ବଜାରରେ ବିକ୍ରି କରିଥାନ୍ତି। କିନ୍ତୁ କେତେକ ଛତୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାଜୁଛି । ବିଷାକ୍ତ ଛତୁ କବଳରେ ଅବିଭକ୍ତ କୋରାପୁଟ ଜିଲା ରହିଛି। ସପ୍ତାହକ ମଧ୍ୟରେ କୋରାପୁଟ, ନବରଙ୍ଗପୁର ଜିଲାରେ ପାଖା ପାଖି ୫୦ରୁ ଉର୍ଦ୍ଧ୍ୱ ଲୋକ ଛତୁ ଖାଇ ଅସୁସ୍ଥ ହୋଇଛନ୍ତି । ବଜାରରେ ବିଷାକ୍ତ ଛତୁ ବିକ୍ରି ହେଉଥିବାରୁ ସାଧାରଣ ଲୋକେ ଏହାକୁ ଖାଇ ଅସୁସ୍ଥ ହେଉଛନ୍ତି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଇ ନୀରବ ରହୁଛି। ଜିଲାରେ ଶ୍ରାବଣ ଛତୁ, ଡିଙ୍ଗିରା, ବୋଡା ଛତୁ, ପାଳ ଛତୁ, ଖୁଦ ଛତୁ, ବାସନି ଛତୁ. ବାଲିସରା ଛତୁ ମହାନୀଳ ଛତୁ,ସରଗି ଛତୁ ଭଳି ୧୦ ପ୍ରକାର ଛତୁ ଖାଇବା ଉପଯୋଗୀ । ହେଲେ ଅନ୍ୟ ଛତୁ ଖାଇବା ଅନୁପଯୋଗୀ ହୋଇ ଥିଲେ ମଧ୍ୟ ନିରୀହ ଆଦିବାସୀମାନେ ଏଥିପ୍ରତି ସଚେତନ ହୋଇପାରୁ ନାହାନ୍ତି । ଗତ ୭ ତାରିଖରେ ଜୟପୁର ବ୍ଲକର ଡଙ୍ଗରଛିଞ୍ଚି ପଞ୍ଚାୟତରେ ଛତୁ ଖାଇ ଗୋଟିଏ ପରିବାର ୪ ଜଣ ଗୁରୁତର ହୋଇଥିଲେ । ଦୁର୍ଗାଭଟା ଗ୍ରାମର ମଙ୍ଗୁଳି ପରଜା, ରଇଲା ପରଜା, ଶଶି ପରଜା ଓ ତାଙ୍କ ୫ ବର୍ଷର ପୁଅ ସୁନୀଲ ପରଜା ଛତୁ ତରକାରି ଖାଇଥିଲେ । କିଛି ସମୟ ପରେ ସେମାନଙ୍କର ଝାଡ଼ାବାନ୍ତି ହେବାରୁ ଅସୁସ୍ଥ ହୋଇ ପଡ଼ିଥିଲେ । ସେମାନଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଉକ୍ତ ଦିନ ନବରଙ୍ଗପୁର ଜିଲା ଉମରକୋଟ ଓ ଝରିଗାଁରେ ବିଷାକ୍ତ ଛତୁ ଖାଇ ୬ ଅସୁସ୍ଥ ହୋଇପଡିଥିଲେ । ସେହିପରି ଗତ ୮ ତାରିଖରେ କୋରାପୁଟ ଜିଲା ଲମତାପୁଟ ବ୍ଲକର କାକଲପଡା ଗ୍ରାମରେ ବିଷାକ୍ତ ଛତୁ ଖାଇ ୨ ପରିବାରର ୭ ଜଣ ଅସୁସ୍ଥ ହୋଇଥିବା ବେଳେ ୯ ତାରିଖରେ ନବରଙ୍ଗପୁର ବ୍ଲକ ମନ୍ତ୍ରୀଗୁଡୁ ପଞ୍ଚାୟତରେ ୬ ଅସୁସ୍ଥ ହୋଇଥିଲେ । ବଜାରରେ ବିଷାକ୍ତ ଛତୁ ବିକ୍ରି ଚାଲିଥିବା ବେଳେ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲାର ଜଙ୍ଗଲ, ରାସ୍ତା କଡ, ପାହାଡରେ ଛତୁ ଫୁଟୁଥିବା ବେଳେ ସଚେତନତା ଅଭାବରୁ ଆଦିବାସୀମାନେ ସଂଗ୍ରହ କରି ଏହାକୁ ଖାଉଛନ୍ତି । ତଥାପି ଆଦିବାସୀ ଅଧ୍ୟୁଷିତ ଜିଲାରେ ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ଛତୁ ବ୍ୟବସାୟ ଜୋରସୋରରେ ଚାଲୁଥିବା ଦେଖିବାକୁ ମିଳୁଛି । ବଜାରରେ ବିକ୍ରି ହେଉଥିବା ଛତୁ ଖାଇବା ଉପଯୋଗୀ କି ନୁହେଁ, ସଂଗ୍ରହର କେତେ ଦିନ ମଧ୍ୟରେ ଏହା ଖାଇବା ଉଚିତ୍, ସ୍ୱାସ୍ଥ୍ୟ ଉପରେ ଏହାର କେଉଁ କେଉଁ ପ୍ରଭାବ ପଡିବ ସେସବୁ ତଦାରଖ କରାଯାଉନାହିଁ । କୋରାପୁଟ ଜିଲାର ନିରୀହ ଆଦିବାସୀମାନେ ଦୁଇ ପଇସା ରୋଜଗାର କରିବା ପାଇଁ ଜଙ୍ଗଲରୁ ଛତୁ ଆଣି ବିକ୍ରି କରିଥାନ୍ତି । ଏ ନେଇ ଜିଲା ଚିକିତ୍ସାଧିକାରୀ ଦଧିବାମନ ତ୍ରିପାଠୀଙ୍କୁ ପଚାରିବାରୁ, କେଉଁ ଛତୁ ଖାଇବା ଦରକାର କେଉଁଟା ନୁହେଁ ତାହା ଏଠାକାର ଲୋକେ ଜାଣିପାରୁ ନାହାନ୍ତି । ଫଳରେ ବିଷାକ୍ତ ଛତୁ ଖାଇ ଝଡାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏଥିଲାଗି ସଚେତନତାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ।



ସୁଦର୍ଶନଙ୍କୁ ପହଣ୍ଡି କରି ନିଆଯାଉଛି।

# ଦାମନଯୋଡ଼ିରେ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ

**ଦାମନଯୋଡ଼ି,୧୪।୭(ଡି.ଏନ୍.ଏ.)**

କୋରାପୁଟ ଜିଲା ଦାମନଯୋଡ଼ିରେ ରବିବାର ଶ୍ରୀଜୀଉ ନିଳାଦ୍ରୀବିଜେ କରିଛନ୍ତି। ସେକ୍ଟର-୨ ଅସ୍ଥାୟୀ ମଣ୍ଡପ ନିକଟରୁ ରଥକୁ ଶ୍ରଦ୍ଧାଳୁମାନେ ଘଣ୍ଟ ଘଣ୍ଟା, ହରିବୋଲ, ହୁଳହୁଳି ସଂକୀର୍ତ୍ତନ ମଧ୍ୟରେ ମନ୍ଦିର ପର୍ଯ୍ୟନ୍ତ ଟାଣି ଆଣିଥିଲେ । ପରେ ସେଠାରେ ଅଧରପଣା ନୀତି ହୋଇଥିଲା । ଏହାପରେ ପହଣ୍ଡି କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରୀମନ୍ଦିରକୁ ନିଆଯାଇଥିଲା । ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା କ୍ଷଣି ମା' ଲକ୍ଷ୍ମୀଙ୍କ ସହ ଭେଟ କରାଯାଇଥିଲା । ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ପ୍ରଭୁ ରସଗୋଲା ବାଣ୍ଟିଥିଲେ । ପୂଜକ ସୁଶାନ୍ତ ଦାଶ, ଅଜୟ ପଣ୍ଡା, ବିଜୟ ପଣ୍ଡା, ପ୍ରଭାତ ରଥ, ଅମିୟ ମହାପାତ୍ର, କୈଳାସ ପଣ୍ଡା ଓ ଅଭିମନ୍ୟୁ ପଣ୍ଡା ପ୍ରମୁଖ ନୀତିକାନ୍ତି କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର କମିଟି କର୍ମକର୍ତ୍ତା ଅନାମଚରଣ ନାୟକ, ଶିଶିର ପରିଡା, ଲକ୍ଷ୍ମୀନାରାୟଣ ଦାଶ, ଖଦାଳ ନାୟକ, ଉପେନ୍ଦ୍ର ପାତ୍ର, ଜଳେନ୍ଦ୍ର ତ୍ରିପାଠୀ, ଖଗେଶ୍ୱର ପାତ୍ର, ସନ୍ତୋଷ କୁମାର ପଣ୍ଡା, ମଧୁସୂଦନ ପଣ୍ଡା ଓ ଅଶୋକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଦାମନଯୋଡ଼ି ଥାନାଧିକାରୀ ଗୌରହରି ସାହୁଙ୍କ ସହ ପୋଲିସ ଓ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ।

### କରାଟେ, ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

# ଉଲ୍ଲେଖନୀୟ ଅବଦାନ ପାଇଁ ୩୨ ସମ୍ମାନିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କୋରାପୁଟ,୧୪।୭(ସ୍ୱ.ପ୍ର)**

କୋରାପୁଟ ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାରଠାରୁ ଚାଲିଥିବା ଦୁଇଦିନିଆ କରାଟେ ଏବଂ ଆତ୍ମରକ୍ଷା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାର ୩୨ ଜଣଙ୍କୁ ପୁରସ୍କୃତ କରାଯାଇଥିଲା । କୋରାପୁଟସ୍ଥିତ ହନୁମାନ ସ୍ପୋଟିଂ କ୍ଲବ ଏବଂ ଏକାଡେମୀ ଅଫ ମାର୍ଶାଲ ଆର୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉଦ୍‌ଯାପନୀ ଦିବସରେ କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷା ସହିତ କ୍ରିଡାରେ ଅଂଶ ଗ୍ରହଣ କରିବା ପାଇଁ ଉପସ୍ଥିତ କରାଟେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ କୋରାପୁଟ ଜିଲାରେ ଅଧିକରୁ ଅଧିକ କରାଟେ ଆସୋସିଏଶନ ଗଠନ ହେବା ଦିଗରେ ଗୁରୁତ୍ୱରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପିଡି ଡିଆରଡିଏ ମହେଶ୍ୱର ନାୟକ, ଜିଲା କ୍ରିଡା ଅଧିକାରୀ ରାଜ କିଶୋର ଜେନା, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, କଟକସ୍ଥିତ ସିକୋକାଇ କରାଟେର ଷ୍ଟାଇଲ ଚିଫ ଡାଃ ମନୋରଞ୍ଜନ ସାମ୍ବଲ, କୋରାପୁଟ ଜିଲା ଆଥେଲଟିକ୍ସ ଆସୋସିଏଶନର ରବି ନାୟକ, ବିଶିଷ୍ଟ ଭାରୋତ୍ତୋଳନକାରୀ ଜି ସଞ୍ଜୀବ କୁମାର, କୋରାପୁଟ ବ୍ୟାଡ଼ମିଣ୍ଟନ ଆସୋସିଏଶନ ସଭାପତି ଶ୍ରୀ ଅହମ୍ମଦ, ଜାତୀୟ ଫୁଟବଲ ଖେଳାଳୀ ଜେ ହେମା ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜାତୀୟ ଦୃଷ୍ଟିହୀନ କ୍ରିକେଟର କୋଚ ଚନ୍ଦ୍ରଶେଖର ପଟ୍ଟନାୟକ, ଧରିତ୍ରୀର ଜିଲା ପ୍ରତିନିଧି ଅମିତାଭ ବେହେରା, ଡି ଶଙ୍କର ରାଓ, ସିଏଚ ସାନ୍ତାକାରଙ୍କ ସମେତ ଜାତୀୟ ଓ ଆର୍ନ୍ତଜାତିକସ୍ତରରେ ବିଭିନ୍ନ କ୍ରିଡାରେ କୃତିତ୍ୱ ଅର୍ଜନ କରିଥିବା ଜିଲାର ବହୁ କ୍ରୀଡାବିତ ଓ କୋଚଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୋରାପୁଟସ୍ଥିତ ଏକାଡେମୀ ଅଫ ମାର୍ଶଲ ଆର୍ଟର ମୁଖ୍ୟ ପ୍ରଶିକ୍ଷକ ଯୋଗେଶ୍ୱର ବେହେରା ପରିଚାଳନା କରିଥିଲେ। ହନୁମାନ ସ୍ପୋଟିଂ କ୍ଲବର ଏକାଦଶୀ ବେହେରା, ଜଗଦିଶ୍ୱର ରାଓ, କୁଶ ମୁଦୁଲି, ଗୁପ୍ତେଶ୍ୱର ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ଶ୍ରୀମନ୍ଦିରକୁ ଗଲେ ତିନିଠାକୁର

**କୋରାପୁଟ,୧୪।୭(ସ୍ୱ.ପ୍ର)**

ପ୍ରବଳ ଭକ୍ତଙ୍କ ଗହଣରେ ରବିବାର ରାତ୍ରିରେ ଶାବର ଶ୍ରୀକ୍ଷେତ୍ରରେ ତିନିଠାକୁରଙ୍କ ନିଳାଦ୍ରୀ ବିଜେ କରାଯାଇଛି। ଗତ ୪ ତାରିଖରୁ ତିନିଠାକୁର ଶ୍ରୀ ମନ୍ଦିର ଛାଡି ଶ୍ରୀ ଗୁଣ୍ଡିଚା ମନ୍ଦିରରେ ରହିବା ପରେ ଗତ ୧୨ ତାରିଖ ବାହୁଡା ଯାତ୍ରାରେ ଆସିଥିଲେ। ଶନିବାର ସନ୍ଧ୍ୟାରେ ୩ ରଥ ଉପରେ ତିନିଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ରବିବାର ରାତି ୮ ଟାରୁ ଶ୍ରୀ ଜିଉଙ୍କ ନିଳାଦ୍ରି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାକୁ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ପ୍ରଥମେ ସୁଦର୍ଶନଙ୍କୁ ପହଣ୍ଡି କରି ଶ୍ରୀ ମନ୍ଦିରକୁ ନିଆଯାଇଥିବାବେଳେ ପରେ ବଡଭାଇ ବଳଭଦ୍ରଙ୍କ ପହଣ୍ଡି ବିଜେ କରାଯାଇଥିଲା । ପରେ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ଶ୍ରୀ ମନ୍ଦିରକୁ ବିଜେ କରାଯାଇଥିଲା । କିନ୍ତୁ ସିଂହଦ୍ୱାର ନିକଟରେ ମହାଲକ୍ଷ୍ମୀ ବାଟ ଓଗାଳିବା ଯୋଗୁଁ ଜଗନ୍ନାଥ ସେଠାରେ ଅଟକି ରହିଥିଲେ । ପରେ ଲକ୍ଷ୍ମୀଙ୍କ ସହିତ ବଚନିକା ପରେ ପୋଡପିଠା ଓ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରି ରାତି ପ୍ରାୟ ସାଢେ ୧୦ଟା ବେଳେ ରତ୍ନ ସିଂହାସନକୁ ବିଜେ କରିଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରିଆଙ୍କ ନେତୃତ୍ୱରେ ବହୁ ପୋଲିସ ମୁତୟନ କରାଯାଇଥିଲା ।

# ନିଷ୍ଠାପର କାର୍ଯ୍ୟ ନେଇ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

**ଦଶମନ୍ତପୁର, ୧୪।୭ (ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଚିତ୍ତରଞ୍ଜନ ଜେନାଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି । ସେ ଗିର୍ଲିଗୁମ୍ମା ଭଳି ଦୁର୍ଗମ ଅଞ୍ଚଳର ପ୍ରତ୍ୟେକ ଗାଁକୁ ଚାଲି ଚାଲି ଯାଇ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି । ତାଙ୍କର ଏପରି ନିଷ୍ଠାପର କାର୍ଯ୍ୟ ନେଇ ଦିଲ୍ଲୀରେ ପ୍ରବାସୀ ଓଡ଼ିଆ ବିକାଶ ସମିତି ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ତାଙ୍କୁ ସମ୍ମାନିତ କରିଥିଲେ । ରବିବାର ସେ ଗିର୍ଲିଗୁମ୍ମାରେ ପହଞ୍ଚିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୀବନ ଜ୍ୟୋତି ଜେନାଙ୍କ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ନେଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ । ଏଥିସହ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପାଛୋଟି ନେଇ ସ୍ୱାଗତ କରିଥିଲେ । ଡ଼ାକ୍ତର ଜେନା କହିଛନ୍ତି ଯେ, ମୁଁ ଯେ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଅଛି ରୋଗୀଙ୍କ ପାଖକୁ ଯାଇ ଉଚିତ ସେବା ଯୋଗାଇବି।



ଡାକ୍ତର ଚିତ୍ତରଞ୍ଜନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବରିଷ୍ଠ ଆଇନଜୀବୀଙ୍କୁ ଗଙ୍ଗାଧର ସମ୍ମାନ ପ୍ରଦାନ



ବରିଷ୍ଠ ଆଇନଜୀବୀ ଟିଏନ ମୂର୍ତ୍ତିଙ୍କୁ ଗଙ୍ଗାଧର ସମ୍ମାନ ପ୍ରଦାନ କରାଯାଉଛି ।

**କୋରାପୁଟ,୧୪।୭(ସ୍ୱ.ପ୍ର)**

ଭୁବନେଶ୍ୱରସ୍ଥିତ ଗଙ୍ଗାଧର ମହାପାତ୍ର ଫାଉଣ୍ଡେଶସନ ପକ୍ଷରୁ ରବିବାର କୋରାପୁଟର ବରିଷ୍ଠ ଆଇନଜୀବୀ ଟିଏନ ମୂର୍ତ୍ତୀଙ୍କୁ ସମ୍ମାନିତ କରାଯାଇଛି । ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଗଙ୍ଗାଧର ମହାପାତ୍ରଙ୍କ ୧୦୫ ଜୟନ୍ତୀ ଅବସରରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ବିଶ୍ୱଭୁଷଣ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟି ନାରାୟଣ ମୂର୍ତ୍ତୀଙ୍କୁ ଚଳିତ ବର୍ଷର ଗଙ୍ଗାଧର ମହାପାତ୍ର ସମ୍ମାନ ପ୍ରଦାନ କରିଥିଲେ । ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ ଖବରଦାତା ବସନ୍ତ ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ୟବସାୟୀଙ୍କୁ ଛୁରାମାଡ଼

**କୋରାପୁଟ,୧୪।୭(ସ୍ୱ.ପ୍ର)**



କୋରାପୁଟ ସହରର ଅମଲାକୁଟିର ରୋଡରେ ରବିବାର ଜଣେ ବ୍ୟବସାୟୀଙ୍କୁ ଛୁରାମାଡ ହୋଇଛି । ଶାରଳା ଦାସ ଓ ତାଙ୍କ ଭାଇ ରାଜ କିଶୋର ଦାସ ନିଜ ଦୋକାନ ପାଇଁ କିଛି ସାମଗ୍ରୀ କ୍ରୟ କରିବାକୁ ଭାଣ୍ଡିସାହି ଯାଇଥିଲେ । ସେଠାରୁ ନିଜ ଦୋକାନକୁ ଫେରୁଥିବାବେଳେ ସହରର ଅମଲାକୁଟିର ରାସ୍ତାରେ ଏମ ବେଣୁଗୋପାଳ ଓ ଅନ୍ୟ ଜଣେ ବ୍ୟକ୍ତି ଏକ ଛୁରିରେ ଶାରଳାଙ୍କୁ ଆକ୍ରମଣ କରିଥିଲେ । ଏଥିର ତାଙ୍କର ଜଂଘ ଓ ଛାତି ତଳେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଛୁରାମାଡ ହୋଇଥିବା ଜଣାଯାଇଛି। କୋରାପୁଟ ଟାଉନ ପୋଲିସ ବେଣୁଗୋପାଳଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲିଥିବା ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରି ପ୍ରକାଶ କରିଛନ୍ତି ।

### ଜୟପୁର ସହରରେ ଚୋରି ବୃଦ୍ଧି

# ବନ୍ଦ ଘର, ଦୋକାନ ଦୁର୍ବୃତ୍ତଙ୍କ ଟାର୍ଗେଟ

**ଜୟପୁର,୧୪।୭ (ଡି.ଏନ.ଏ )**

କୋରାପୁଟ ଜିଲା ଜୟପୁର ସହରରେ ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ଦୁର୍ବୃତ୍ତମାନେ ସାଧାରଣତଃ ତାଲା ପଡ଼ିଥିବା ଘର ଓ ଦୋକାନକୁ ଟାର୍ଗେଟ କରୁଛନ୍ତି । ବାରମ୍ବାର ଚୋରି ନେଇ ଥାନାରେ ଅଭିଯୋଗ ହେଉଛି । ଏମିତି କି ଅଧିକାଂଶ ସମୟରେ ସିସିଟିଭି ଫୁଟେଜ ପୋଲିସ ହସ୍ତଗତ କରୁଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରୁନାହିଁ । ଫଳରେ ପୋଲିସ ଉପରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ପୋଲିସର ରାତ୍ରିକାଳୀନ ପଇଁତରା ସହରବାସୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି।

ଗତ ଶୁକ୍ରବାର ବିଳମ୍ବିତ ରାତିରେ ସ୍ଥାନୀୟ ପାରାବେଢା ଝାଙ୍କଡଦେଈ ମନ୍ଦିର ଲାଇନରେ ଭଡା ନେଇ ରହୁଥିବା ସହକାରୀ କୃଷି ଯନ୍ତ୍ରୀ ଲମ୍ବୋଦର ଗାଦବା ପରିବାର ସହିତ ଗାଁକୁ ଯାଇଥିଲେ। ତଳ ଘରେ ମାଲିକ ରହୁଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଆଲମାରିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଚେନ, ୩ଟି ସୁନା ମୁଦି, ୩ଟି ସୁନା ଲକେଟ ସମୁଦାୟ ୪ ତୋଳାରୁ ଉର୍ଦ୍ଧ୍ୱ ଅଳଙ୍କାର, ୨ ରୁପା ଚୁଡି, ପାଉଁଜି, କିଛି ଟଙ୍କା ଚୋରି କରି ନେଇଛନ୍ତି । ଏ ନେଇ ଯନ୍ତ୍ରୀ ଗାଦବା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେହିପରି ଗତ ରବିବାର ବିଳମ୍ବିତ ରାତିରେ ପାରାବେଢା ଷ୍ଟାଡିୟମ କମ୍ପ୍ଲେକ୍ସଠାରେ ଏକ ମୋବାଇଲ ଦୋକାନ କାନ୍ଥ କଣା କରି ଦୁର୍ବୃତ୍ତମାନେ ୧୮ଟି ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି । ଦୋକାନରେ ଲାଗିଥିବା ସିସି ଟିଭିରେ ଦୁର୍ବୃତ୍ତମାନେ ଦୃଶ୍ୟ ହେଉଥିବା ଫୁଟେଜ ପୋଲିସ ପାଇଛି। ହେଲେ ଇତିମଧ୍ୟରେ ଏକସପ୍ତାହ ବିତିଯାଇଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତଙ୍କ ଟେର୍ ପାଇନାହିଁ । ସେହିପରି ଗତ ଗୁରୁବାର ପୂର୍ବାହ୍ନରେ ଲିଙ୍ଗରାଜ ନଗର ଅଞ୍ଚଳର ଜଣେ ମହିଳା ଭୁବନେଶ୍ୱରରୁ ଫେରି ଘର ତାଲା ଖୋଲି ଭିତରକୁ ଯାଇଥିଲେ । ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କର ପିଛା କରିବା ସହିତ ଜୋରଜବରଦସ୍ତ ଘରେ ପଶି ଭ୍ୟାନିଟ୍ ଛଡ଼ାଇ ନେଇଥିଲେ । ଏଥିରେ ତାଙ୍କର ସୁନା ଅଳଙ୍କାର, ଏଟିଏମ କାର୍ଡ ଏବଂ ଟଙ୍କା ରହିଥିଲା । ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ସହିତ ନିଜ ପଡ଼ୋଶୀଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ ମଧ୍ୟ ପୋଲିସକୁ ପ୍ରଦାନ କରିଥିଲେ । କିନ୍ତୁ ପୋଲିସ ଏହି ଘଟଣାରେ ଦୁର୍ବୃତ୍ତମାନଙ୍କୁ ଧରିବାରେ ମଧ୍ୟ ବିଫଳ ହୋଇଛି । ଏହିପରି ସହରରେ ଚୋର ଓ ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ପୋଲିସ ଉପରେ ସାଧାରଣ ଲୋକଙ୍କ ଭରସା କମିବାରେ ଲାଗିଛି । ଏ ନେଇ ଏସଡିପିଓ ସାଗରିକା ନାଥଙ୍କୁ ପଚାରିବାରୁ, ଜୟପୁର ସହରରେ ଅପରାଧୀ, ଚୋର ଏବଂ ଲୁଟେରାଙ୍କୁ ଦମନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଥିନେଇ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଉଛି । ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ।



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।



ଭାରତରେ ୬୧ ପ୍ରତିଶତ ମୃତ୍ୟୁ ଅଣସଂକ୍ରାମକ ରୋଗ (ଏନ୍‌ସିଡି)ରୁ ହେଉଛି। ଏହାର ପ୍ରତିକାର ଲାଗି ଜାତୀୟ ସ୍ତରରେ ଆନ୍ଦୋଳନର ଆବଶ୍ୟକତା ରହିଛି।
-ଏମ୍. ଭେଙ୍କୟା ନାଇଡୁ, ଉପରାଷ୍ଟ୍ରପତି



# ଜୀବନ ନେଉଛି ଜଳପ୍ରଳୟ

## ଆସାମରେ ୧୧ ମୃତ, ୧୪ ଲକ୍ଷ ବିସ୍ଥାପିତ

ନୂଆଦିଲ୍ଲୀ/କାଠମାଣ୍ଡୁ/ଢାକା,୧୪।୭

ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। କିଛିଦିନ ତଳେ ମୌସୁମୀର ଆଗମନ ପୂର୍ବରୁ ପାଣି ପାଇଁ ହାହାକାର ହେଉଥିବା ଲୋକେ ଏବେ ଲଗାତର ବର୍ଷାରେ ଉବୁଟୁବୁ ହେଉଛନ୍ତି। ମହାରାଷ୍ଟ୍ରରେ ବର୍ଷାବିପ୍ଳବ ଅନେକ ଲୋକଙ୍କ ଘର ଉଜାଡ଼ି ଦେଇଥିବାବେଳେ ଉତ୍ତରରୁ ଉତ୍ତର-ପୂର୍ବ ଯାଏ ଏହାର କରାଳ ରୂପ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ଓ ବିହାର ସମେତ ଆସାମ, ତ୍ରିପୁରା ଏବଂ ମିଜୋରାମ ସବୁଠି ତାଣ୍ଡବ ରଚିଛି ପ୍ରଳୟଙ୍କରୀ ବନ୍ୟା। ଆସାମରେ ୭୨ ଘଣ୍ଟା ମଧ୍ୟରେ ଅନ୍ୟୁନ ୧୧ ଜଣଙ୍କ ଜୀବନ ଯାଇଥିବାବେଳେ ୧୪ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ିପଡ଼ିବାରୁ ୨୦ ଜଣ ଚାପି ହୋଇଯାଇଛନ୍ତି। ବିହାର, ଉତ୍ତରାଖଣ୍ଡ, ତ୍ରିପୁରା ଓ ମିଜୋରାମ କଥା ନ କହିବା ଭଲ। ସେପଟେ ପଡ଼ୋଶୀ ନେପାଳ ଓ ବାଂଲାଦେଶର ଅନେକ ଅଞ୍ଚଳକୁ ମଧ୍ୟ ବନ୍ୟାଜଳ ମାଡ଼ିଯାଇଥିବାରୁ ଚିନ୍ତା ବଢ଼ାଇଦେଇଛି।

ହିମାଳୟରୁ ପ୍ରବାହିତ ବ୍ରହ୍ମପୁତ୍ର ନଦୀରେ ପ୍ରବଳ ବନ୍ୟା ଆସିଛି।



ଆସାମସ୍ଥିତ ମୋରିଗାଓଁ ଜିଲାର ଜଳପ୍ଲାବିତ ଏକ ସ୍ଥାନରେ ବାଉଁଶ ଦେଇ ଘରୁ ବାହାରୁଛନ୍ତି ଜଣେ ମହିଳା।



ତ୍ରିପୁରାର ଅଗରତାଲାରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛି ଏନ୍‌ଡିଆର୍‌ଏଫ୍।

ବାଂଲାଦେଶରେ ଲଗାଣ ବର୍ଷା ବ୍ରହ୍ମପୁତ୍ରକୁ ଫୁଲେଇ ଦେଇଛି। ସେଠାରେ ବର୍ଷା ଓ ବନ୍ୟା ଯୋଗୁ ୫,୦୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହି ନଦୀ ଜଳ ପ୍ରବାହରେ ଆସାମର ୧,୮୦୦ରୁ ଉର୍ଦ୍ଧ୍ୱ ଗ୍ରାମ ଧୋଇ ହୋଇଯାଇଛି। ୩୨ ଜିଲାରୁ ୨୫ ଜିଲାର ବିଭିନ୍ନ ସ୍ଥାନରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ୩ ଦିନ ମଧ୍ୟରେ ୧୧ ଜଣ ଭାସିଯାଇ ପ୍ରାଣ ହରାଇଛନ୍ତି। ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଆସନ୍ତା ୩ ଦିନ ଧରି ଆହୁରି ପ୍ରବଳ ବର୍ଷା ହେବ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଅନେକ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଦିଆଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସ୍ଥିତି ସମୀକ୍ଷା କରି ଆସାମକୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ଘୋଷଣା କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜୋର୍‌ଦାର କରାଯାଇଥିବାବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ୬୮ଟି ରିଲିଫ୍ କ୍ୟାମ୍ପରେ ୨୦ ହଜାରରୁ ଉର୍ଦ୍ଧ୍ୱ ଆଶ୍ରୟ ନେଇଛନ୍ତି। ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ପଡ଼ୋଶୀ ତ୍ରିପୁରା ଓ ମିଜୋରାମରେ ବନ୍ୟା ଯୋଗୁ ୧୫ ହଜାର ଲୋକଙ୍କୁ ସୁରକ୍ଷିତ ଶିବିରକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ଅଧିକାରୀଙ୍କ ସୂଚନାନୁସାରେ ତ୍ରିପୁରାର ୩୮ ରିଲିଫ୍ କ୍ୟାମ୍ପରେ ୧୨,୦୦୦ରୁ ଉର୍ଦ୍ଧ୍ୱ ଆଶ୍ରୟ ନେଇଛନ୍ତି। ମିଜୋରାମରେ ଖାଓ୍ୱଥଲାଙ୍ଗଟୁଇପୁଇ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଯୋଗୁ ୪୦୦ ଲୋକ ବାସଚ୍ୟୁତ ହୋଇଛନ୍ତି। ଏସ୍‌ଡିଆର୍‌ଏଫ୍ ଟିମ୍ ଦୁଇଜଣ ଯୁବକଙ୍କ ମୃତଦେହ ଲାଓ୍ୱଙ୍ଗ୍ ନଦୀରୁ ଉଦ୍ଧାର କରିଛି।

ସେହିପରି ନେପାଳରେ ଲଗାଣ ବର୍ଷା ଓ ତଜ୍ଜନିତ ବନ୍ୟାରେ ୬୦ ଜଣଙ୍କ ଜୀବନ ଗଲାଣି। ବାଗମତୀ, କମଳା, ସପ୍ତକୋଶୀ ଓ ସୁନ୍‌ଖୋଇ ନଦୀରେ ଜଳସ୍ତର ବିପଦ ସଙ୍କେତ ଟପିଛି। ଏଥିରେ ୩୫ ଜଣ ନିଖୋଜ ହୋଇଯାଇଥିବାବେଳେ ୨୫ ଆହତ ହୋଇଛନ୍ତି। କାଠମାଣ୍ଡୁରେ ୧୮୫ ଜଣଙ୍କ ସମେତ ସାରା ଦେଶରେ ୧,୧୦୪ ଜଣଙ୍କୁ ସେନା ପକ୍ଷରୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ପ୍ରାୟ ୩୦ ହଜାର ପୋଲିସଙ୍କୁ ନିୟୋଜିତ କରାଯାଇଛି। ଗଙ୍ଗାନଦୀରେ ବନ୍ୟା ଯୋଗୁ ବିହାରର ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୬ ଜିଲାସ୍ଥିତ ୨୬ ବ୍ଲକ୍‌କୁ ବନ୍ୟା ପ୍ରଭାବିତ ଘୋଷଣା କରାଯାଇଛି। ପୂର୍ବ ଚମ୍ପାରନ୍, ସୀତାମଢ଼ି, ମଧୁବନୀ, କିଷନଗଞ୍ଜ, ଅରାରିଆ ଓ ଶିଓଧର ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବନ୍ୟା ସ୍ଥିତି ସମୀକ୍ଷା କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

- ବିହାର, ପଶ୍ଚିମବଙ୍ଗରେ ସଙ୍ଗିନ ସ୍ଥିତି
- ନେପାଳରେ ୬୦ ମୃତ
- ବାଂଲାଦେଶରେ ୫,୦୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଶିବିର ଧ୍ୱସ୍ତ

## ହିମାଚଳରେ କୋଠା ଭୁଶୁଡ଼ି ୩ ମୃତ

### ଭଗ୍ନାବଶେଷ ତଳେ ୧୯ ଫସିଛନ୍ତି

ସିମ୍‌ଲା,୧୪।୭(ପି.ଟି.)

ହିମାଚଳପ୍ରଦେଶ ସୋଲାନ ଜିଲାରେ ପ୍ରବଳ ବର୍ଷାରେ ଏକ ୩ ମହଲା ବିଲ୍ଡିଂ ଭୁଶୁଡ଼ି ୩ ଜଣଙ୍କର ମୃତ୍ୟୁ ହେବା ସହ ଭଗ୍ନାବଶେଷ ତଳେ ୧୯ରୁ ଉର୍ଦ୍ଧ୍ୱ ଲୋକ ରହିଯାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୧୨ ଜଣ ଯବାନ ରହିଛନ୍ତି। ଶିମଲାଠାରୁ ୫୫ କିମି ଦୂର କୁମାରକଟି-ନହାନ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ବିଲ୍ଡିଂରେ ଏକ ରେସ୍ତୋରାଁ ଚାଲୁଥିଲା। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହୋଇଛନ୍ତି। ୧୦ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଡେପୁଟି କମିଶନର କେ.ସି. ଚମନ୍ ଗଣମାଧ୍ୟମକୁ କହିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ଯବାନ ଅଛନ୍ତି।



## ପଞ୍ଜାବ ମନ୍ତ୍ରିମଣ୍ଡଳରୁ ସିଦ୍ଧୁଙ୍କ ଇସ୍ତଫା

ଚଣ୍ଡିଗଡ଼,୧୪।୭(ପି.ଟି.)



ପଞ୍ଜାବ ମନ୍ତ୍ରିମଣ୍ଡଳରୁ କଂଗ୍ରେସ ନେତା ନବଜୋତ୍ ସିଂ ସିଦ୍ଧୁ ଇସ୍ତଫା ଦେଇଛନ୍ତି। ଗତ କିଛିଦିନ ହେଲା ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ ତାଙ୍କର ଦ୍ୱନ୍ଦ୍ୱ ଲାଗି ରହିଥିଲା। ଜୁନ୍ ମାସରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କାଢ଼ିନେଇଥିଲେ। ଏହାର ୪ ଦିନ ପରେ ଜୁନ୍ ୧୦ରେ ସିଦ୍ଧୁ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ଇସ୍ତଫାପତ୍ର ପଠାଇଦେଇଥିଲେ, ଯାହାକୁ ସେ ରବିବାର ଟୁଇଟ୍ ମାଧ୍ୟମରେ ଖୁଲାସା କରିଛନ୍ତି।

ସୂଚନାଯୋଗ୍ୟ ଜୁନ୍ ୬ରେ ଅମରିନ୍ଦର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଥିବାବେଳେ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କାଢ଼ିନେଇ ତାଙ୍କୁ ଶକ୍ତି ବିଭାଗ ଦେଇଥିଲେ। ଏହାର ଦୁଇଦିନ ପରେ ସିଦ୍ଧୁଙ୍କୁ ବିଭିନ୍ନ ପରାମର୍ଶଦାତା କମିଟିରୁ ବାଦ୍ ଦିଆଯାଇଥିଲା। ଇସ୍ତଫା ସମ୍ପର୍କରେ ସେ ସର୍ବସାଧାରଣରେ ପ୍ରକାଶ ନ କରି ଦଳର ନିଷ୍ପତ୍ତି ଅପେକ୍ଷାରେ ରହିଥିଲେ। ସିଦ୍ଧୁ ଓ ଅମରିନ୍ଦରଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ବରିଷ୍ଠ ନେତା ଅହମଦ ପଟେଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରଠାରୁ ସିଦ୍ଧୁ ଓ ତାଙ୍କ ସ୍ତ୍ରୀ ନବଜୋତ୍ କୌର ଗଣମାଧ୍ୟମଠାରୁ ନିଜକୁ ଦୂରେଇ ରଖିଆସୁଥିଲେ।

ପୂର୍ବତନ ଭାଜପା ନେତା ସିଦ୍ଧୁ ୨୦୧୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସରେ ଯୋଗଦେଇଥିଲେ। ଗତ ଲୋକ ସଭା ନିର୍ବାଚନରେ ପଞ୍ଜାବ ସହରାଞ୍ଚଳରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାୟତ୍ତ ଶାସନ ବିଭାଗ ଦାୟିତ୍ୱରେ ଥିବା ସିଦ୍ଧୁଙ୍କୁ ଦୋଷ ଦେଇଥିଲେ।

## ଭାରତ-ପାକ୍ ମଧ୍ୟରେ ୮୦% ସହମତି: ଫୈଜାଲ

**ଲାହୋର,୧୪।୭:** କର୍‌ତାରପୁର ଚିଠା ରାଜିନାମା ସକେଶ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ୮୦% ସହମତି ପ୍ରକାଶ ପାଇଛି ବୋଲି ରବିବାର ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ ସୂଚନା ଦେଇଛନ୍ତି। ପାକିସ୍ତାନର ୧୩ ଜଣିଆ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ଫୈଜାଲ କହିଛନ୍ତି, ଓ୍ୱାଘାରେ ଦୁଇପକ୍ଷ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। କରିଡର ଚିଠା ରାଜିନାମା ନେଇ ୮୦% ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି। ପରବର୍ତ୍ତୀ ବୈଠକରେ ଅବଶିଷ୍ଟ ୨୦% ପ୍ରସଙ୍ଗ ନେଇ ସମାଧାନ ହେବ। ତେବେ ଚୂଡ଼ାନ୍ତ ଚିଠା ନେଇ ସହମତି ପ୍ରକାଶ ନ ପାଇବା ଯାଏ ମିଳିତ ବିବୃତି ଜାରି କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।



## ଇଣ୍ଡୋନେସିଆରେ ଭୂକମ୍ପ

ଜାକର୍ତ୍ତା,୧୪।୭(ଏଏଫ୍‌ପି):
ଇଣ୍ଡୋନେସିଆର ପୂର୍ବଭାଗ ମାଲୁକୁ ଦ୍ୱୀପରେ ରବିବାର ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ଥିଲା। ଭୟରେ ଲୋକମାନେ ଘରୁ ବାହାରି ରାସ୍ତାକୁ ପଳାଇଆସିଥିଲେ। ଉତ୍ତର ମାଲୁକୁ ପ୍ରଦେଶର ଟେର୍‌ନାଟେ ସହରର ଦକ୍ଷିଣ-ଦକ୍ଷିଣପଶ୍ଚିମ ଦିଗରେ ୧୬୫ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ଚିହ୍ନଟ କରାଯାଇଛି । ଇଣ୍ଡୋନେସିଆ ଭୂକମ୍ପର କିଛି ସମୟ ପୂର୍ବରୁ ପଶ୍ଚିମ ଅଷ୍ଟ୍ରେଲିଆରେ ୬.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା।

## ବାଂଲାଦେଶର ପୂର୍ବତନ ସାମରିକ ଶାସକ ଏର୍ଶାଦଙ୍କ ପରଲୋକ

ଢାକା,୧୪।୭(ପି.ଟି.)

ବାଂଲାଦେଶର ପୂର୍ବତନ ସାମରିକ ଏକଚ୍ଛତ୍ରବାଦୀ ଶାସକ ହୁସେନ୍ ମହମ୍ମଦ ଏର୍ଶାଦଙ୍କର ରବିବାର ସକାଳେ ଢାକାର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ ସ୍ତ୍ରୀ ରୌଶନ୍ ଏର୍ଶାଦ ଓ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ଏବଂ ଅନ୍ୟ ଦୁଇ ପୋଷ୍ୟସନ୍ତାନଙ୍କ ସହ ରହୁଥିଲେ। ଜାତୀୟ ପାର୍ଟି ମୁଖ୍ୟ ତଥା ପାର୍ଲାମେଣ୍ଟରେ ବିରୋଧୀ ଦଳ ନେତା ଏର୍ଶାଦଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜୁନ୍ ୨୨ରେ କମ୍ବାଇନ୍ଡ ମିଲିଟାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ପୂର୍ବତନ ସେନାମୁଖ୍ୟ ଏର୍ଶାଦ ୧୯୮୨ରେ ଏକ ସାମରିକ ବିଦ୍ରୋହ ବଳରେ ଦେଶର ଶାସନ କ୍ଷମତା ଅକ୍ତିଆର କରିଥିଲେ। ସେ ୮ ବର୍ଷ ଦେଶକୁ ଶାସନ କରିବା ପରେ ୧୯୯୦ରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଆନ୍ଦୋଳନ ଫଳରେ କ୍ଷମତାରୁ ଓହରିଯାଇଥିଲେ। ବିଭିନ୍ନ ଅଭିଯୋଗରେ ଜେଲ୍ ଯିବାକୁ ପଡିଥିଲା। ଏହା ସତ୍ତ୍ୱେ ସେ ୯୦ ଦଶକର ସବୁଠୁ କ୍ଷମତାଶାଳୀ ରାଜନେତା ଥିଲେ। ସେ ଏକାଧିକ ଥର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ।

## ଅପରେଶନ୍ ବିଜୟର ୨୦ତମ ବାର୍ଷିକୀ ‘ବିଜୟ ଜ୍ୟୋତି’ ଜଳାଇଲେ ରାଜନାଥ

ନୂଆଦିଲ୍ଲୀ,୧୪।୭(ପି.ଟି.)

ଅପରେଶନ୍ ବିଜୟର ୨୦ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଜାତୀୟ ଯୁଦ୍ଧ ସ୍ମାରକୀଠାରେ ‘ବିଜୟ ଜ୍ୟୋତି’ ଜଳାଇଛନ୍ତି। ଏହି ବିଜୟ ଜ୍ୟୋତିକୁ ସେନାର ଏକ ମୋଟରସାଇକ୍ଲିଷ୍ଟ ଟିମ୍ ୧୧ଟି ସହର ଓ ମହାନଗର ପରିକ୍ରମା କରାଇ ୨୬ ତାରିଖ ବିଜୟ ଦିବସରେ ଦ୍ରାସ୍‌ସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକସ୍ଥଳୀରେ ପହଞ୍ଚାଇବେ। ଯୁଦ୍ଧରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଯବାନମାନଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ଜୁଲାଇ ୨୬ରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଥାଏ। ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଥିବା ଅମର ଯବାନ ଜ୍ୟୋତିଠାରେ ରାଜନାଥ ଓ ସେନାଧ୍ୟକ୍ଷ ଜେନେରାଲ ବିପିନ୍ ରାଓ୍ୱତ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## କର୍‌ତାରପୁର କରିଡର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

## ଗୋପାଳ ଚାଓ୍ୱଲାଙ୍କୁ ବାଦ୍ ଦେଲା ପାକ୍

ଲାହୋର,୧୪।୭(ପି.ଟି.)

କର୍‌ତାରପୁର କରିଡର ନିର୍ମାଣ ସକଶେ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ଦ୍ୱିପାକ୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପାକିସ୍ତାନ ପକ୍ଷରୁ ଯୋଗଦେଇଥିବା ୧୦ ସଦସ୍ୟ ବିଶିଷ୍ଟ କମିଟିରୁ ବିବାଦୀୟ ଶିଖ୍ ନେତା ଗୋପାଳ ସିଂ ଚାଓ୍ୱଲାଙ୍କୁ ବାଦ୍ ଦିଆଯାଇଛି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ଗୋପାଳଙ୍କୁ ଉକ୍ତ ପ୍ରତିନିଧି ଦଳରେ ସାମିଲ ନ କରିବା ପାଇଁ ପୂର୍ବରୁ ନୂଆଦିଲ୍ଲୀ ଆପତ୍ତି ଉଠାଇଥିଲା।

କର୍‌ତାରପୁର କରିଡର ନେଇ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଗତ ଏପ୍ରିଲ ୨ରେ ହେବାର ଥିଲା। ପାକିସ୍ତାନ ଶିଖ୍ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ପିଏସ୍‌ଜିପିସି) ପକ୍ଷରୁ ୧୦ ଜଣିଆ କମିଟିରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀମାନଙ୍କୁ ସାମିଲ କରାଯିବା ପରେ ଭାରତ ପଟୁ ଆଲୋଚନାକୁ ବାତିଲ କରାଯାଇଥିଲା। କମିଟିରେ ଗୋପାଳଙ୍କ ଭଳି ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କ ଉପସ୍ଥିତି ହଟାଇବା ନେଇ ଇସ୍‌ଲାମାବାଦର ପ୍ରତିକ୍ରିୟାକୁ ନୂଆଦିଲ୍ଲୀ ଅପେକ୍ଷା କରିଥିଲା। ପିଏସ୍‌ଜିପିସିର ସାଧାରଣ ସମ୍ପାଦକ ଗୋପାଳଙ୍କୁ ଏହି କମିଟିରୁ ବାଦ୍ ଦିଆଯାଇଛି ବୋଲି ଇଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ (ଇଟିପିବି)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହାକୁ ଇମ୍ରାନ୍ ଖାନ୍ ସରକାରଙ୍କୁ ଡ୍ୟାମେଜ୍ କଣ୍ଟ୍ରୋଲ ପଦକ୍ଷେପ ବୋଲି ବିଚାର କରାଯାଉଛି।



### ଇତିହାସର ଆଇନାରେ

**ଜୁଲାଇ ୧୫ର ପ୍ରମୁଖ ଘଟଣା**

୨୦୦୬ ଜୁଲାଇ ୧୫ରେ ଟୁଇଟର ଲଞ୍ଚ୍ କରାଯାଇଥିଲା। ଏହା ହେଉଛି ବିଶ୍ୱର ଏକ ସର୍ବବୃହତ୍ ସୋସିଆଲ ମିଡିଆ ପ୍ଲାଟଫର୍ମ।

୧୯୯୮ ଜୁଲାଇ ୧୫ରେ ଶ୍ରୀଲଙ୍କାର ତାମିଲ ଏମ୍‌ପି ଏସ୍. ଷଣ୍ମୁଗନାଥନ୍‌ଙ୍କୁ ହତ୍ୟା କରାଯାଇଥିଲା। ଶ୍ରୀଲଙ୍କା ଗୃହଯୁଦ୍ଧ ଏକ ସଶସ୍ତ୍ର ବିପ୍ଳବ ଭାବରେ କୁଖ୍ୟାତ।

## କିନ୍ନରଙ୍କ ଭିକ୍ଷାବୃତ୍ତିକୁ ଅପରାଧୀକରଣ ବ୍ୟବସ୍ଥା ବିଲ୍‌ରୁ ହଟାଗଲା

ନୂଆଦିଲ୍ଲୀ,୧୪।୭(ପି.ଟି.)

କିନ୍ନର (ଅଧିକାର ସୁରକ୍ଷା) ବିଲ୍, ୨୦୧୯ ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରିଛି। ତେବେ କିନ୍ନରମାନଙ୍କ ଭିକ୍ଷାବୃତ୍ତିକୁ ଅପରାଧୀକରଣ କରିବା ଲାଗି ବିଲ୍‌ରେ ଥିବା ବିବାଦୀୟ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ସେହିପରି ସେମାନଙ୍କୁ କିନ୍ନର ଭାବେ ସ୍ୱୀକୃତି ଦେବା ପାଇଁ ଜିଲା ସ୍କ୍ରିନିଂ କମିଟି ପ୍ରମାଣପତ୍ର ଦେବାର ଯେଉଁ ପ୍ରସ୍ତାବ ଥିଲା ତାକୁ ମଧ୍ୟ ବାଦ୍ ଦିଆଯାଇଛି।

ବିଲ୍‌ର ଅନୁଚ୍ଛେଦ ୮ (ଅପରାଧ ଓ ଦଣ୍ଡ)ର ଧାରା ୧୯ ଅନୁଯାୟୀ କିନ୍ନରଙ୍କୁ ବଳପୂର୍ବକ ଭିକ୍ଷାବୃତ୍ତି କିମ୍ବା ଅନ୍ୟ ଅନୁରୂପ କାର୍ଯ୍ୟ କିମ୍ବା ଗୋଡିଶ୍ରମିକ ଭାବେ ନିୟୋଜିତ କଲେ, ଏଥିପାଇଁ ୬ ମାସ ଜେଲ୍‌ଦଣ୍ଡ ବ୍ୟବସ୍ଥା ଥିଲା ଯାହାକୁ ୨ ବର୍ଷକୁ ବଢ଼ାଇବା ସହ ଜରିମାନା ପ୍ରସ୍ତାବ ରହିଛି। ବିଲ୍‌ରୁ ଭିକ୍ଷାବୃତ୍ତି ଶବ୍ଦକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିବା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ବାହୁବଳୀ ରକେଟର ଉତ୍‌କ୍ଷେପଣ ଦେଖିବେ ଦର୍ଶକ

ଶ୍ରୀହରିକୋଟା,୧୪।୭

ଭାରତର ଚନ୍ଦ୍ର ମିଶନ ଅନ୍ତର୍ଗତ ଚନ୍ଦ୍ରୟାନ-୨ ଜୁଲାଇ ୧୪-୧୫ ୨ଟା ୫୧ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ‘ଇସ୍ରୋ’ର ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ଉତ୍‌କ୍ଷେପଣ କରାଯିବ। ଜିଏସ୍‌ଏଲ୍‌ଭି ମାର୍କ-୩ ବାହୁବଳୀ ରକେଟର ଉତ୍‌କ୍ଷେପଣ ଦେଖିବା ପାଇଁ ଦର୍ଶକମାନେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ଏଠାରେ ୧୦ ହଜାର ଦର୍ଶକ ବସିବାର ସୁବିଧା ରହିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି। ଚନ୍ଦ୍ରୟାନ-୨ର ୨୦ ଘଣ୍ଟିଆ କାଉଣ୍ଟ ଡାଉନ୍ ରବିବାର ସକାଳ ୬ଟା ୫୧ରୁ ଆରମ୍ଭ ହୋଇଛି। ଏହାର ଉଚ୍ଚତା ୪୪ ମିଟର ରହିଛି। ଯାହାକି ୧୫ ମହଲା କୋଠା ସହିତ ପ୍ରାୟ ସମାନ ହେବ ବୋଲି କୁହାଯାଉଛି। ଏଥିରେ ଥିବା ଅର୍ବିଟରର ଲମ୍ବ ୨.୫ ମିଟର। ଏହାର ଓଜନ ୩.୮ଟନ୍ ରହିଛି।

ଭାରତୀୟ ମହାକାଶ ବିଜ୍ଞାନର ଜନକ ଡ. ବିକ୍ରମ ଏ. ସରାଭାଇଙ୍କ ନାମାନୁସାରେ ନାମିତ ଲ୍ୟାଣ୍ଡର ‘ବିକ୍ରମ’ ରୋଭର ‘ପ୍ରଜ୍ଞା’କୁ ବହନ କରି ଚନ୍ଦ୍ରର ଦକ୍ଷିଣଭାଗରେ ପାଖାପାଖି ୭୦ଡିଗ୍ରୀ ଅକ୍ଷାଂଶରେ ଅବତରଣ କରିବ। ୨୭କିଲୋଗ୍ରାମ୍ ବିଶିଷ୍ଟ ‘ପ୍ରଜ୍ଞା’ର ସଂସ୍କୃତ ଅର୍ଥ ହେଉଛି ଜ୍ଞାନ। ଏଥିରେ ୬ ଚକ ବିଶିଷ୍ଟ ରୋବୋଟିକ୍ ଭେଇକିଲ ରହିଛି। ଏହା ଚନ୍ଦ୍ର ପୃଷ୍ଠରୁ ତଥ୍ୟ ସଂଗ୍ରହ କରିବ। ୫୨ ଦିନ ପରେ ଚନ୍ଦ୍ରପୃଷ୍ଠରେ ପହଞ୍ଚିବ ଉତ୍‌କ୍ଷେପଣର ୫୨ ଦିନ ପରେ ସେପ୍ଟେମ୍ବର ୬-୭ରେ ଏହା ଚନ୍ଦ୍ରପୃଷ୍ଠର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିବ। ପୃଥିବୀକୁ ଚନ୍ଦ୍ରର ଉତ୍ତର ପାର୍ଶ୍ୱ ଦେଖାଯାଇଥାଏ। ଏହାର ଦକ୍ଷିଣ ପାର୍ଶ୍ୱରେ କମ୍ ଆଲୋକ ପଡୁଥିବାରୁ ଏହା ଅନ୍ଧକାର ଦେଖାଯାଇଥାଏ। ଏହି ଅଞ୍ଚଳରେ ଜଳ ଥିବା ଅଧିକ ସମ୍ଭାବନା ଅଛି।




## ନାଗରାଜଙ୍କୁ ମନାଇବାରେ ମେଣ୍ଟ ବିଫଳ

ବେଙ୍ଗାଲୁରୁ/ମୁମ୍ବାଇ,୧୪।୭(ପି.ଟି.)

ବିଦ୍ରୋହୀ କଂଗ୍ରେସ ବିଧାୟକ ଏମ୍.ଟି.ବି. ନାଗରାଜଙ୍କୁ ମନାଇବାରେ କର୍ଣ୍ଣାଟକର ଶାସକ ମେଣ୍ଟ ନେତାମାନେ ବିଫଳ ହୋଇଛନ୍ତି। ରବିବାର ନାଗରାଜ ମୁମ୍ବାଇ ପଳାଇଯିବା ସହ ଇସ୍ତଫା ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁନାହିଁ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ପଦରୁ ଏଚ୍.ଡି. କୁମାରସ୍ୱାମୀ ତୁରନ୍ତ ଇସ୍ତଫା ଦେବା ପାଇଁ ଭାଜପା ଦାବି କରିଛି।

ନାଗରାଜ ଓ ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କୁ ମନାଇ ଦଳକୁ ଫେରାଇ ଆଣିବା ଲାଗି ଶନିବାର କଂଗ୍ରେସ ଓ ଜେଡିଏସ୍ ତରଫରୁ ଜୋରଦାର ଉଦ୍ୟମ ହୋଇଥିଲା। କେ. ସୁଧାକରଙ୍କ ସହ ଆଲୋଚନା ପରେ ନାଗରାଜ ତାଙ୍କ ଇସ୍ତଫା ସମ୍ପର୍କରେ ପୁନର୍ବିଚାର କରିବେ ବୋଲି ସୂଚନା ଦେଇଥିଲେ। ଏହାର କିଛି ସମୟ ପରେ ନାଗରାଜ ମୁମ୍ବାଇ ଯିବା ଲାଗି ଚାର୍ଟାର୍ଡ ବିମାନ ଧରିଥିଲେ। ମୁମ୍ବାଇରେ ପହଞ୍ଚିବା ପରେ ଇସ୍ତଫା ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଇସ୍ତଫା ଦେଇଥିବା ସବୁ ବିଧାୟକ ଏକାଠି ଅଛନ୍ତି ଏବଂ ସେମାନେ ନିଷ୍ପତ୍ତିରେ ଅଟଳ ବୋଲି ନାଗରାଜ କହିଛନ୍ତି। ତାଙ୍କ ସହିତ ଭାଜପାର ବରିଷ୍ଠ ନେତା ଆର୍. ଅଶୋକ ଆସିଥିବା ଖବରକୁ ସେ ଖଣ୍ଡନ କରିବା ସହ ସେମାନଙ୍କ ଇସ୍ତଫା ପଛରେ ଗୈରିକ ଦଳର କୌଣସି ଭୂମିକା ନ ଥିବା କହିଛନ୍ତି। ଦିଲ୍ଲୀରେ ଥିବା ସୁଧାକର ମୁମ୍ବାଇ ଆସି ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କ ସହ ଯୋଗଦେବେ ବୋଲି ନାଗରାଜ କହିଛନ୍ତି।

ରାଜ୍ୟର ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ କୁମାରସ୍ୱାମୀ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ କିମ୍ବା ସୋମବାର ଆସ୍ଥାଭୋଟ ଲୋଡନ୍ତୁ ବୋଲି ରାଜ୍ୟ ଶାଖା ଭାଜପା ପକ୍ଷରୁ ଦାବି କରାଯାଇଛି। ଯଦି ମୁଖ୍ୟମନ୍ତ୍ରୀ ସଙ୍କୋଚ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମର୍ଯ୍ୟାଦା ଦେଉଥାନ୍ତି ତେବେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ରାଜ୍ୟ ଭାଜପା ମୁଖ୍ୟ ବି.ଏସ୍. ୟେଦ୍ୟୁରପ୍ପା କହିଛନ୍ତି। କଂଗ୍ରେସ ଓ ଜେଡିଏସ୍‌ର ୧୬ ବିଧାୟକ ଇସ୍ତଫା ଦେଇସାରିଛନ୍ତି। ଏଥିସହିତ ଦୁଇ ସ୍ୱାଧୀନ ବିଧାୟକ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇ ଭାଜପାକୁ ସମର୍ଥନ ଜଣାଇଛନ୍ତି। ତେଣୁ କୁମାରସ୍ୱାମୀ ତୁରନ୍ତ ଆସ୍ଥାଭୋଟ ଲୋଡିବାକୁ ୟେଦ୍ୟୁରପ୍ପା ଆହ୍ୱାନ ଦେଇଛନ୍ତି। ଏହା ସତ୍ତ୍ୱେ ମେଣ୍ଟ ସରକାର ଆସ୍ଥାଭୋଟ ଜିତିବ ବୋଲି କଂଗ୍ରେସ ନେତା ଡି.କେ. ଶିବକୁମାର ଆଶାବାଦୀ ଅଛନ୍ତି। ବିଦ୍ରୋହୀ ବିଧାୟକମାନଙ୍କ ଦାବି ପୂରଣ କରିବା ଲାଗି କଂଗ୍ରେସ ଆଗ୍ରହୀ ଏବଂ ସେମାନେ ଦଳକୁ ଫେରିଆସିବେ ବୋଲି ଶିବକୁମାର କହିଛନ୍ତି। ବିଧାୟକମାନେ କଂଗ୍ରେସ ଟିକେଟରେ ଜିତିଥିଲେ। ସେମାନେ ଆସ୍ଥାଭୋଟ ବିପକ୍ଷରେ ଭୋଟ ଦେଲେ ଗୃହର ସଦସ୍ୟତା ହରାଇବେ ବୋଲି ଶିବକୁମାର ସତର୍କ କରାଇଦେଇଛନ୍ତି।



କର୍ଣ୍ଣାଟକ: କୁମାରସ୍ୱାମୀଙ୍କ ଇସ୍ତଫା ଦାବିକଲା ଭାଜପା



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଆରଏସ୍‌ଏସ୍‌ର ଗୁରୁ ପୂଜନ



ଗୁଣପୁର,୧୪।୭(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁରରେ ଆର୍‌ଏସ୍‌ଏସ୍ ପକ୍ଷରୁ ଗୁରୁ ପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ସମ୍ମାନିତ ଅତିଥି, କଳାହାଣ୍ଡି ବିଭାଗ ଶାରୀରିକ ପ୍ରମୁଖ ମୁରଲୀଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଗୌରିକ ଧ୍ୱଜା କୁ କାହିଁକି ପୂଜନ କରାଯାଏ ଏବଂ ସଂଘରେ ଏହାର ପରମ୍ପରା ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସ୍ୱୟଂ ସେବକମାନେ ଗୌରିକ ଧ୍ୱଜାକୁ ପୂଜନ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ସୁନାବେଶରେ ଭଜନ ସମାରୋହ



ଜେକେପୁର, ୧୪।୭(ଡି.ଏନ୍.ଏ.): ଜେକେପୁର ନାଗାବଳୀ ଶ୍ରୀକ୍ଷେତ୍ରରେ ଶନିବାର ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଭଜନ ସମାରୋହ କରାଯାଇଥିଲା। ମୁନିଗୁଡ଼ା ରେଞ୍ଜର ତଥା ଏସିଏଫ୍ ଅନୀଲ ରଏ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଲୋକେ ଏକ ଭକ୍ତିମୟ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଜଗନ୍ନାଥ ମନ୍ଦିରର ଆଜୀବନ ସଦସ୍ୟ ଓ ସ୍ଥାନୀୟ ଖବରଦାତାଙ୍କୁ କାର୍ଯ୍ୟକ୍ରମରେ ସମ୍ମାନୀତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କୁ ମଧ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ମାନୀତ କରାଯାଇଥିଲା। ସଭାପତି ଛବିଲ ବେହେରା, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ଲକ୍ଷ୍ମୀ ନାରାୟଣ ଦଳପତି ରାଏ, ମୁଖ୍ୟ ଉପଦେଷ୍ଟା କେ.ଟି ନାୟକ, ପ୍ରୀୟବ୍ରତ ମହାନ୍ତି ଓ ରାଜେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦୁର୍ଗମ ଅଞ୍ଚଳରେ ମୋବାଇଲ ସେବା ଅପହଞ୍ଚ

ଏମଭି-୭୯,୧୪।୭: ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ମୋବାଇଲ ସେବା ଅପହଞ୍ଚ ହୋଇପଡିଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେବା ସହ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ୨୦୧୪ରେ କେନ୍ଦ୍ରରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଭାରତରେ ସବୁ ସରକାରୀ ଯୋଜନା ଓ ହିତାଧିକାରୀମାନଙ୍କୁ ଡିଜିଟାଲ ପ୍ଲାଟଫର୍ମ ସହ ଯୋଡାଗଲା। ମୋବାଇଲ ଓ ଇଣ୍ଟରନେଟ ସେବାର ଗୁରୁତ୍ୱ ବହୁ ଭାବରେ ବୃଦ୍ଧି ପାଇଥିବା ସରକାରଙ୍କ ପକ୍ଷରୁ କୁହାଗଲା। ମାତ୍ର ମାଲାକାନଗିରି ଜିଲାର ୫୫ ପ୍ରତିଶତ ଗ୍ରାମରେ ଏଯାଏ ମୋବାଇଲ ସେବା କଣ ଲୋକେ ଜାଣନ୍ତିନାହିଁ। ଜିଲାରେ ମୋଟ ୯୯୪ଟି ରାଜସ୍ୱ ହାମଲେଟ୍ ଗ୍ରାମ ଥିବା ବେଳେ ପ୍ରାୟ ୬ଶହ ଗ୍ରାମରେ ମୋବାଇଲ ଯୋଗେ କଥା ହେବା ସମ୍ଭବ ହୋଇପାରି ନାହିଁ। କେବଳ ଜିଲା ସଦର ମହକୁମା ଓ ବ୍ଲକ କାର୍ଯ୍ୟାଳୟରେ ବିଏସଏନଏଲ ୩ଜି ସେବା ଉପଲବ୍‌ଧ ଥିବା ବେଳେ କାଲିମେଳା ଯାଏ ଏୟାରଟେଲ ସେବା ରହିଛି। ଇଣ୍ଟରନେଟ୍ କ୍ଷେତ୍ରରେ ଜିଓର ଫୋନ ସେବା ସୀମିତ ରହିଛି। ଏହି ସେବା ଜିଲା ମୁଖ୍ୟାଳୟରେ ଏବେ ଯୋଡି ହୋଇଥିବା ବେଳେ ଗ୍ରାମାଞ୍ଚଳରେ କେବଳ ନେଟୱାର୍କ ପାଇଁ ଖୁଣ୍ଟ ପୋତାଯାଇଛି। ଜିଲାରେ ୯୯୪ ଗ୍ରାମ ପାଇଁ ୮୦୦ରୁ ଅଧିକ ନେଟୱାର୍କ ଆବଶ୍ୟକ ରହିଛି। ତେବେ ବିଭିନ୍ନ ସେବା ପ୍ରଦାନକାରୀ ସଂସ୍ଥା ଏହି ସଂଖ୍ୟା ଛୁଇଁ ପାରିନାହାନ୍ତି। ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କେନ୍ଦ୍ର ସରକାର ଏଲୱାଇ ଯୋଜନାରେ ମୋବାଇଲ ଟାୱାର ବସାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାର ବିଭିନ୍ନ ଥାନା, ଫାଣ୍ଡି ଓ କ୍ୟାମ୍ପ ପରିସରରେ ୨୯ଟି ଟାୱାର ବସାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୧୨୧ଟି ଟାୱାର ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା ଏଯାବତ୍ କାର୍ଯ୍ୟକାରୀ ହୋଇପାରିନାହିଁ। ଏମଭି- ୭୯ ପରି ଅଞ୍ଚଳରେ କେବଳ ମାତ୍ର ବିଏସଏନଏଲ ଟାୱାର ରହିଛି। ଏଠାରେ ବିଏସଏନଏଲ ସେବା ମଧ ବେଳେ ବେଳେ ବନ୍ଦ ରହିଛି। ମାଓବାଦୀ ଉପଦ୍ରୁତ ଏହି ଅଞ୍ଚଳରେ ମୋବାଇଲ ସେବାରେ ଉନ୍ନତି ଆଣିବା ଲାଗି ସାଧାରଣରେ ଦାବି ହେଉଛି।

■ ବୁଲିବାକୁ ଆସି ନଦୀରେ ବୁଡ଼ିଗଲେ ଯୁବକ

# ନାଗାବଳୀରେ ପର୍ଯ୍ୟଟକଙ୍କ ସଲିଳ ସମାଧି

ରାୟଗଡା ଅଫିସ୍, ୧୪।୭

ସାଙ୍ଗସାଥୀଙ୍କ ସହ ବୁଲି ସୁନ୍ଦର ସ୍ମୃତି ସାଉଁଟିବାକୁ ରାୟଗଡ଼ାକୁ ଆସିଥିଲେ ପଡୋଶୀ ଆନ୍ଧ୍ରପ୍ରଦେଶର ୨୦ ଜଣ ପର୍ଯ୍ୟଟକ। ହଠାତ୍ ଘଟିଲା ଏକ ଦୁର୍ଘଟଣା। ରାୟଗଡ଼ା ସହର ଉପକଣ୍ଠସ୍ଥ ନାଗାବଳୀ ନଦୀରେ ଗାଧୋଇଲା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ବୁଡ଼ି ଯାଇଥିଲେ। ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଦେଖୁଦେଖୁ ଆନ୍ଧ୍ରପ୍ରଦେଶ ବିଜୟନଗର ଜିଲା ନାଇଡୁପେଟାର କେ.ନାଗେଶ(୧୮) ପାଣିରେ ବୁଡ଼ି ଯାଇଥିଲେ। ଦୀର୍ଘ ଘଣ୍ଟାର ପରିଶ୍ରମ ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି।



ଉଦ୍ଧାର କାର୍ଯ୍ୟ ଚାଲିଛି।

ସୂଚନାନୁଯାୟୀ, ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଦର୍ଶନ ପାଇଁ ରବିବାର ୫ଟି ଗାଡିରେ ଆନ୍ଧ୍ରପ୍ରଦେଶର ନାଇଡୁପେଟା ଅଞ୍ଚଳରୁ ୨୦ଜଣ ରାୟଗଡା ଆସିଥିଲେ। ସକାଳେ ରାୟଗଡାରେ ପହଞ୍ଚିବା ପରେ ପ୍ରଥମେ ମା' ମଝିଘରିଆଣୀଙ୍କ ଦର୍ଶନ କରିଥିଲେ। ପରେ ନାଗାବଳୀ ନଦୀର ଝୁଲା ପୋଲ ବୁଲିଥିଲେ। କିଛି ସମୟ ଝୁଲା ପୋଲରେ ବିତାଇବା ପରେ ସମସ୍ତେ ନାଗାବଳୀରେ ଗାଧୋଇବାକୁ ତଳକୁ ଯାଇଥିଲେ। ଏହି ସମୟରେ ନାଗେଶ ନଦୀର ଗଭୀରତା ଜାଣି ନ ପାରି ଭିତରକୁ ଚାଲି ଯାଇଥିଲେ। ଫଳରେ ସେ ବୁଡି ଯାଇଥିଲେ। ସାଥିରେ ଥିବା ସମ୍ପର୍କୀୟମାନେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ସେଠାରେ ପହଞ୍ଚି ଦୀର୍ଘ ୨ ଘଣ୍ଟାଧରି ଖୋଜିବାପରେ ମଧ ନାଗେଶଙ୍କୁ ପାଇ ନ ଥିଲେ। ତେବେ କିଛି ସମୟ ପରେ ସ୍ଥାନୀୟ ଚେକାଗୁଡା ଓ ମାରିଗୁଡା ଗ୍ରାମର ୪ଜଣ ଯୁବକ ନଦୀକୁ ଯାଇ ଖୋଜାଖୋଜି କରିଥିଲେ। ଘଟଣାସ୍ଥଳରୁ ପ୍ରାୟ ୩୦୦ମିଟର ଦୂରରେ ନାଗେଶଙ୍କ ମୃତଦେହକୁ ଏକ ପଥର ତଳୁ ସେମାନେ ଉଦ୍ଧାର କରିଥିଲେ। ସେଠାରୁ ମୃତଦେହ ନଦୀକୂଳକୁ ଅଣାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଗୋଷ୍ଠୀ ସଂଘର୍ଷ ଘଟଣାର ସମାଧାନ

■ ଗ୍ରାମରେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଗଠନ ହେଲା ଶାନ୍ତି କମିଟି

■ ଆଗକୁ ଗଣ୍ଡଗୋଳ କରିବେ ନାହିଁ ବୋଲି ଲିଖିତ ଭାବେ ଜଣାଇଲେ ଦୁଇଗୋଷ୍ଠୀ

■ ସମାଧାନ ପରେ ଅଟକଙ୍କୁ ଛାଡିଲା ପୋଲିସ

ରାୟଗଡା ଅଫିସ୍, ୧୪।୭

ନିର୍ବାଚନ ବେଳର ଶତ୍ରୁତାରୁ ଶୁକ୍ରବାର ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାର ଶନିବାର ବିଳମ୍ବିତ ରାତିରେ ସମାଧାନ ହୋଇଛି। ରାୟଗଡା ଥାନାରେ ଦୀର୍ଘ ୪ଘଣ୍ଟା ଧରି ଆଲୋଚନା କରାଯାଇଥିଲା। ପୋଲିସ ଏକ ଶାନ୍ତି କମିଟି ଗଠନ କରି ଉଭୟ ସାହିରେ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିଛି। ସମାଧାନ ପରେ ଅଟକ ଥିବା କଂଗ୍ରେସ ନେତା ଆପୁଲସ୍ୱାମୀ କାଡ୍ରାକା ଓ ବିପକ୍ଷ ଗୋଷ୍ଠୀର ୫ଜଣଙ୍କୁ ପୋଲିସ ଛାଡି ଦେଇଛି। ତଥାପି ପରିସ୍ଥିତି ଉପରେ ନଜର ରଖାଯିବା ସହ ପାଟ୍ରୋଲିଂକୁ କଡାକଡି କରାଯାଇଥିବା ଏସ୍‌ପି ଡ. ଶର୍ବଣା ବିବେକ ଏମ୍ କହିଛନ୍ତି। ଉଭୟ ଗୋଷ୍ଠୀ ନିଜ ଭିତରେ ଆଲୋଚନା କରି ଭବିଷ୍ୟତରେ ଆଉ ଗଣ୍ଡଗୋଳ ନକରିବାକୁ ଲିଖିତ ଭାବେ ପୋଲିସକୁ ଜଣାଇବା ପରେ ଘଟଣାର ସମାଧାନ ହୋଇଥିଲା। ଏବେ ନୂଆସାହି ଓ ଆଞ୍ଜିୟାପେଟାରେ ଶାନ୍ତି ଫେରିଛି। ପ୍ରକାଶ ଯେ, ନିର୍ବାଚନ ବେଳର ଶତ୍ରୁତାରୁ ଗତ ଶୁକ୍ରବାର ରାତିରେ ସହରର ନୂଆସାହି ଓ ଆଞ୍ଜିୟାପେଟା ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆଞ୍ଜିୟାପେଟାର ହରିଶ ପଟ୍ଟନାୟକ ଓ ନୂଆସାହିର ଉମେଶ ଚନ୍ଦ୍ର ହିଆଲ ରାୟଗଡା ଥାନାରେ ମାମଲା ରୁଜୁ କରିଥିଲେ। ତେବେ ଉମେଶଙ୍କ ସପକ୍ଷରେ ଶତାଧିକ ବ୍ୟକ୍ତି ଶନିବାର ବାହାରି ଥାନା ଘେରାଉ କରିବା ସହିତ ପୋଲିସ ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଏସ୍‌ପିଙ୍କ ସମେତ ଜଣେ ମହିଳା କନେଷ୍ଟବଳ ଓ ୫ଜଣ ଆଇଆରବି ଯବାନ ଆହତ ହୋଇଥିଲେ। ଥାନା ସମ୍ମୁଖ ଅଞ୍ଚଳ ରଣକ୍ଷେତ୍ର ପାଲଟିଥିଲା। ପୋଲିସ କଂଗ୍ରେସ ନେତା ଆପୁଲସ୍ୱାମୀ କାଡ୍ରାକାଙ୍କୁ ଅଟକ ରଖିଥିଲା। ଏହାର ପ୍ରତିବାଦରେ ୩୨୬ନମ୍ବର ଜାତୀୟ ରାଜପଥରେ ରାସ୍ତାରୋକ କରାଯାଇଥିଲା। ତେବେ ସହରର ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଏହାର ଆଲୋଚନା କରାଯାଇ ମୀମାଂଶା ହୋଇଛି।

■ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ

# ବରିଷ୍ଠ ଜିଡିଏସ୍‌ଙ୍କ ବେତନ ବୃଦ୍ଧି କରାଯାଉ




ବାର୍ଷିକ ସମ୍ମିଳନୀରେ ଅତିଥିମାନେ।

ରାୟଗଡା ଅଫିସ୍, ୧୪।୭

ଜିଡିଏସ୍ ମାନଙ୍କ ଉପରେ ବିଭାଗୀୟ ଉଚ୍ଚ ପଦସ୍ଥ କର୍ମଚାରମୀାନେ ଜୁଲୁମ ଓ ଶୋଷଣ କରୁଛନ୍ତି ବୋଲି ରାୟଗଡାସ୍ଥିତ ଅଭିନନ୍ଦନ କମ୍ୟୁନିଟି ହଲ୍‌ରେ ରବିବାର ଅନୁଷ୍ଠିତ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ଦ୍ୱିତୀୟ ବାର୍ଷିକ ସମ୍ମିଳନୀରେ ଅତିଥିମାନେ କହିଛନ୍ତି। ନୂଆଦିଲ୍ଲୀର ଏସ୍.ଏସ୍ ମହାଦେବେୟା ମୁଖ୍ୟ ଅତିଥି, ଅନିଲ ନାଏକ ସମ୍ମାନିତ ଅତିଥି, କଳ୍ପବଟ ପଟ୍ଟନାୟକ ନିମନ୍ତ୍ରିତ ଅତିଥି, ପର୍ଶୁରାମ ଦାଶ ମୁଖ୍ୟବକ୍ତା, ନାରାୟଣ ଚୌଧୁରୀ, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡା ଜିଲା ଗ୍ରାମାଞ୍ଚଳରେ କାର୍ଯ୍ୟରତ ଡାକ କର୍ମଚାରୀ ନିମନ୍ତେ ଗଜପତି ଜିଲା ଓ ରାୟଗଡା ଜିଲାକୁ ନେଇ ଏକ ନୂତନ ଡିଭିଜନ ଏପ୍ରିଲ ୧ତାରିଖ ଦିନ ଗଠନ କରାଯାଇଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ରାୟଗଡା ଜିଲାରେ ଅବସ୍ଥିତ। ଏଠାରେ ରାୟଗଡା ଡାକ ଅଧୀକ୍ଷକଙ୍କ ନିକଟରେ ଜିଡିଏସ୍‌ମାନେ ସେମାନଙ୍କ ଦାବି ଉପସ୍ଥାପନା କରି ସମାଧାନ କରିପାରିବେ ବୋଲି ଅତିଥିମାନେ କହିଛନ୍ତି। ଉକ୍ତ ଅଧିବେଶନରେ ୪ଟି ଦାବି ଉପସ୍ଥାପନ କରାଯାଇଥିଲା। ସପ୍ତମ ବେତନ କମିଶନର ସୁପାରିସ ଅନୁଯାୟୀ ଜିଡିଏସ୍‌ମାନଙ୍କୁ ଦରମା ପ୍ରଦାନ, ସିନିୟର ଜିଡିଏସ୍‌ମାନଙ୍କ ବେତନ ବୃଦ୍ଧି, ଜିଡିଏସଙ୍କ ପିଲାମାନଙ୍କୁ ଶିକ୍ଷା ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଥିଲା। ଏକାଧିକ କାର୍ଯ୍ୟରତ ଜିଡିଏସ୍ ସାଥୀମାନଙ୍କୁ କମ୍ବାଇନ୍ ଡ୍ୟୁଟି ଭତ୍ତା, ଅଫିସ୍ ମେଣ୍ଟେନାନ୍ସ ଭତ୍ତା ପ୍ରଦାନ କରିବାକୁ ମଧ ବୈଠକରେ ଦାବି ଉପସ୍ଥାପନ କରାଯାଇ ଥିଲା। ଏହି ସମ୍ମିଳନୀରେ ଗୁଣପୁର ସବ୍‌ଡିଭିଜନ, ରାୟଗଡା ସବ୍‌ଡିଭିଜନ ଓ ଗଜପତିର ୨ଟି ସବ୍‌ଡିଭିଜନର ଜିଡିଏସ୍‌ମାନେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଓଡ଼ିଶାର ୧୭ ଡିଭିଜନର ଡିଭିଜନ ସମ୍ପାଦକମାନେ ମଧ ଉପସ୍ଥିତ ଥିଲେ।

### ଉମ୍ବରକୁ ଧକ୍କା ଦେଲା ଅଟୋ, ୬ ଆହତ

ଦିଗପହଣ୍ଡି,୧୪।୭(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ଉମ୍ବରକୁ ଶନିବାର ରାତି ପ୍ରାୟ ସାଢ଼େ ୯ଟାରେ ଏକ ଯାତ୍ରୀବାହୀ ଅଟୋ ଧକ୍କା ଦେବାରୁ ୬ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପାଟପୁର ଥାନା ସାହସପୁର ଗ୍ରାମର ଭାସିନୀ ବେହେରା, ଗୁଡୁ ବେହେରା, ସୁଦୁରୁ ବେହେରା, ମୀନତି ବେହେରା, ଆଦିସା ବେହେରା ଓ ଅଟୋ ଚାଳକ ପି. ରବି ଦୋରା। ସୁଦୁରୁଙ୍କ ଝିଅ ସପନାଙ୍କ ଗ୍ରାମର ଜଣେ ଯୁବକଙ୍କ ସହ ବିବାହ ହୋଇଥିଲା। ସବୁଦିନ ନିଶାସକ୍ତ ହୋଇ ସପନାଙ୍କୁ ତାଙ୍କ ସ୍ୱାମୀ ମାରପିଟ କରୁଥିଲେ। ଯାହାକୁ ନେଇ ଜ୍ୱାଇଁ ଓ ଶ୍ୱଶୁର ମଧ୍ୟରେ ଶନିବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜ୍ୱାଇଁର ଆକ୍ରମଣରେ ସୁଦୁରୁ ଆହତ ହୋଇଥିଲେ। ଏ ନେଇ ସୁଦୁରୁ ଓ ପରିବାର ଲୋକେ ପାଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପରିବାର ଲୋକେ ସୁଦୁରୁଙ୍କୁ ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ପରେ ନିଜ ଗ୍ରାମକୁ ଫେରିବା ବେଳେ ମହାନଳା ଗ୍ରାମ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟ ରାସ୍ତା କଡ଼ରେ ଥିବା ଉମ୍ବରକୁ ଅଟୋଟି ଧକ୍କା ଦେଇଥିଲା। ଆହତଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଭାସିନୀ ଓ ଗୁଡୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ପଠାଯାଇଥିଲା। ପାଟପୁର ପୋଲିସ ପକ୍ଷରୁ ତଦନ୍ତ ଚାଲିଛି।

■ ଭାରତୀୟ ଡାକ କର୍ମଚାରୀ ମହାସଂଘ

# ବାର୍ଷିକ ସମ୍ମିଳନୀ, କର୍ମକର୍ତ୍ତା ଚୟନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାୟଗଡା ଅଫିସ୍, ୧୪।୭

ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍) ଦ୍ୱାରା ପରିଚାଳିତ ଭାରତୀୟ ଡାକ କର୍ମଚାରୀ ମହାସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବି.ନାରାୟଣ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀରୁ ଆସିଥିବା ସୁବାନ୍ଧି କୁମାର ମିଶ୍ର ଯୋଗ ଦେଇଥିଲେ। ବିଏମ୍‌ଏସ୍ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ମୁଖ୍ୟବକ୍ତା, ମହାସଂଘର ରାଜ୍ୟ ସମ୍ପାଦକ ରାଜକିଶୋର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଗାୟତ୍ରୀନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ଶ୍ରମିକ ସଙ୍ଗୀତ ଗାନ କରିଥିଲେ। ବିଏମ୍‌ଏସ୍ ଏକ ଅଣରାଜନୈତିକ ଶ୍ରମିକ ସଙ୍ଗଠନ। ଏହା ସବୁବେଳେ ଶ୍ରମିକଙ୍କ ହିତକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛି ବୋଲି ମୁଖ୍ୟବକ୍ତା କହିଥିଲେ। ଡାକ କର୍ମଚାରୀମାନଙ୍କୁ ଅନେକ ସମୟରେ ଅବହେଳା ଓ ଶୋଷଣ କରାଯାଉଛି। ଏହାଛଡ଼ା ବିଭିନ୍ନ ପ୍ରକାର ଆଳରେ ସରକାର ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ଦେଖାଉଛନ୍ତି। ଏହାକୁ ମୁଖ୍ୟ ଅତିଥି ଦୃଢ଼ ବିରୋଧ କରିଥିଲେ। ସମ୍ମିଳନୀର ଶେଷ ପର୍ଯ୍ୟାୟରେ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ, ପୋଷ୍ଟମ୍ୟାନ ଏବଂ ଗ୍ରାମୀଣ ଡାକ ସେବକମାନଙ୍କର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ଖଗେଶ୍ୱର ସିଂ, କୋଷାଧ୍ୟକ୍ଷ ଉଷାରାଣୀ ଦାସ, ଅବିଭକ୍ତ କୋରାପୁଟ ଡିଭିଜନର ରାଜ୍ୟ ସମ୍ପାଦକ ପି.ସୁରେଶ କୁମାର, ଅବିଭକ୍ତ କୋରାପୁଟର ସମସ୍ତ ଶ୍ରେଣୀର କର୍ମକର୍ତ୍ତା ଯୋଗ ଦେଇଥିଲେ। ସମ୍ମିଳନୀକୁ ରାଜେଶ କୁମାର ରାୟପାଲୀ, ପ୍ରଶାନ୍ତ ଗୌଡ, ଭକ୍ତବତ୍ସଳ ପଟ୍ଟନାୟକ ପରିଚାଳନା କରିଥିଲେ। ସନ୍ତୋଷ କୁମାର ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ଅସହାୟ ଦହନା, ତାଙ୍କ ଝିଅଙ୍କୁ ମିଳିବ ସରକାରୀ ସହାୟତା

ମାଥିଲି,୧୪।୭)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡ଼ା ସଦରରେ ରହୁଥିବା ଅସହାୟ ବୃଦ୍ଧା ଦହନା ପାଙ୍ଗି ଓ ତାଙ୍କ ବିଧବା ଝିଅଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ । ଏ ନେଇ ପରିବାର ଲୋକଙ୍କୁ ଭେଟି ପିଇଓ ଅଶୋକ ମହାରଣା ପ୍ରତିଶ୍ରୁତି ଦେଇଛନ୍ତି। ତୁରନ୍ତ କିଛି ଦିନ ଭିତରେ ଦହନାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ କରାଯିବ। ଏହାସହିତ ଦହନାଙ୍କ ବିଧବା ଝିଅ ସୁଭଦ୍ରା ପାଙ୍ଗିଙ୍କୁ ବିଧବା ଭତ୍ତା ମିଳିବ ବୋଲି ମହାରଣା କହିଛନ୍ତି। ସୂଚନାଯୋଗ୍ୟଯେ, ଦହନା ଓ ତାଙ୍କ ଝିଅ ଅସହାୟ ଅବସ୍ଥାରେ ରହି ଆସୁଛନ୍ତି। ସେମାନଙ୍କୁ ସରକାରୀ ଯୋଜନାରେ ତାଙ୍କୁ ସାମିଲ କରାଯାଉ ନ ଥିବା ନେଇ ଅଭିଯୋଗ ହୋଇଥିଲା। ପରେ ଏ ନେଇ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ମଧ ଅବଗତ କରାଯାଇଥିଲା। ପରେ ବିଧାୟକ ବାକାଙ୍କ ନିର୍ଦ୍ଦେଶକ୍ରମେ ଅସହାୟ ବୃଦ୍ଧା ଦହନା ଓ ତାଙ୍କ ଝିଅଙ୍କୁ ସରକାରୀ ଯୋଜନାରେ ସାମିଲ କରି ସମସ୍ତ ସହାୟତା ଯୋଗାଇ ଦେବାକୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ସଂସ୍ଥାର ରାମଗୋବିନ୍ଦ ପଣ୍ଡା, ନାଏବ ସରପଞ୍ଚ ସନିଆ ଭୂମିଆ, ଯୋଗାଣ ସହାୟକ ସୁଶାନ୍ତ ପ୍ରଭୁ ପ୍ରମୁଖ ଉପସ୍ଥିତ ଥିଲେ ।



ଅସହାୟ ପରିବାରକୁ ପିଇଓ ଭେଟୁଛନ୍ତି।

■ ଛାତ୍ରୀଛାତ୍ରଙ୍କ ଅଭିନବ ପଦକ୍ଷେପ

# କାଦୁଅ ରାସ୍ତାରେ ଧାନତଳି ରୋଇ ଜଣାଇଲେ ପ୍ରତିବାଦ

ମାଲକାନଗିରି,୧୪।୭
(ଡି.ଏନ.ଏ./ସ୍ୱ.ପ୍ର.)

ସତୀଗୁଡା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ୫ କିଲୋମିଟର ରାସ୍ତା ବିଭାଗ ମରାମତି ନ କରିବାରୁ ଗ୍ରାମବାସୀମାନେ ରାସ୍ତା ଉପରେ ଧାନ ତଳି ରୋଇ ଏହାର ପ୍ରତିବାଦରେ ଜଣାଇଥିଲେ। ପରେ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇଥିଲା। ପ୍ରଶାସନିକ ଅଧିକାରୀମାନେ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ଏହାର ମାତ୍ର ଗୋଟିଏ ସପ୍ତାହ ପରେ ଏବେ ଛାତ୍ରୀଛାତ୍ରମାନେ ଏପରି ପନ୍ଥା ଆପଣାଇଛନ୍ତି। ସେମାନେ ଚାଲି ଚାଲି ସ୍କୁଲକୁ ଯାଉଥିବା ନିତିଦିନିଆ ରାସ୍ତା ମରାମତି ହେଉ ନ ଥିବାରୁ ହଇରାଣ ହେଉଛନ୍ତି। ବିଶେଷ କରି ବର୍ଷା ଦିନେ ସେମାନେ କାଦୁଅ ଭିତରେ ପଶି ଯାତାୟାତ କରୁଛନ୍ତି। ଏବେ ସେମାନେ ଏହି କାଦୁଅ ରାସ୍ତାରେ ଧାନତଳି ରୋଇ ପ୍ରଶାସନ ନିଷ୍କ୍ରିୟତାର ପ୍ରତିବାଦ କରିଛନ୍ତି। ଏପରି ଘଟଣା ଘଟିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକର ମାଡ଼କାପଦର ପଞ୍ଚାୟତରେ।



ଛାତ୍ରୀଛାତ୍ରମାନେ ରାସ୍ତାରେ ଧାନ ରୋଉଛନ୍ତି।

ଖବରୁ ଜଣାପଡିଛି ମାଡକାପଦର ପଞ୍ଚାୟତ ସ୍କୁଲରେ କନ୍ଧଗୁଡା, ଧଉତାକୁଟ, ବାଘଖଦ୍ରା ଗ୍ରାମର ଛାତ୍ରୀଛାତ୍ରମାନେ ପଢନ୍ତି। ବର୍ଷା ଦିନ ଆସିଲେ ସେମାନଙ୍କ ଚିନ୍ତା ବଢେ। ସ୍କୁଲ ଯିବା ରାସ୍ତା ମରାମତି ହୋଇ ନ ଥିବାରୁ ବର୍ଷା ହେଲେ ଏହି ରାସ୍ତା କାଦୁଅ ହୋଇଯାଏ। ସେମାନଙ୍କୁ କାଦୁଅ ଭିତରେ ପଶି ଯାତାୟାତ କରିବାକୁ ପଡେ। ଏବେ ଛାତ୍ରୀଛାତ୍ରମାନେ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ଏହି କାଦୁଅ ରାସ୍ତାରେ ସେମାନେ ଧାନ ତଳି ରୋଇ ନିଜ ଅସନ୍ତୋଷ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀ ଏବଂ ଅଭିଭାବକ ସମର୍ଥନ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ରାସ୍ତା ମରାମତି ଲାଗି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ବର୍ଷା ଆସିଯିବାରୁ କାର୍ଯ୍ୟ ହୋଇପାରି ନ ଥିବା କୁହାଯାଉଛି।

# କୋଲୋନ୍ କ୍ୟାନ୍‌ସର ଓ ଭେଣ୍ଡି




କୋଲୋନ୍ କ୍ୟାନ୍‌ସରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଭେଣ୍ଡି ଉପକାରୀ ସାବ୍ୟସ୍ତ ହୋଇଥାଏ। ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଭେଣ୍ଡିର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ ଗବେଷଣା କରିବା ସମୟରେ ଏ ସମ୍ପର୍କରେ ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ସମ୍ପାଦିତ ସଦ୍ୟ ଗବେଷଣାରୁ ଏହା ଜଣାପଡ଼ିଛି। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଭେଣ୍ଡି ଖାଆନ୍ତି ତେବେ ସେ କୋଲୋନ୍ କ୍ୟାନ୍‌ସରଠାରୁ ନିଜକୁ ଦୂରେଇ ରଖିପାରିବେ। ତା'ସହ ଏଥିରେ ଆକ୍ରାନ୍ତ ବ୍ୟକ୍ତି କେତେକାଂଶରେ ଉପଶମ ଲାଭ କରିବେ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ଚର୍ବି ଅଂଶ କମିଥାଏ।

# ଯନ୍ତ୍ରଣାରୁ ଉପଶମ ଦେବ ଡିଭାଇସ

କାଲିଫର୍ନିଆରେ ଥିବା ମେଡ୍‌ଟେକ୍ କମ୍ପାନୀ ଅଧୀନ ମାୟୋସାଇନ୍ସ ନାମକ ସଂସ୍ଥାର ଗବେଷକମାନେ ଏକ ଆୟୋଭେରା-ସି କ୍ରାୟୋଆନାଲଜେସିଆ ଡିଭାଇସ ପ୍ରସ୍ତୁତ କରିଛନ୍ତି। ଏହା ଯନ୍ତ୍ରଣା ଲାଘବ କରିବାରେ ଅନେକାଂଶରେ ସହାୟକ ହୋଇପାରିବ। ବିଶେଷଭାବରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା କ୍ଷେତ୍ରରେ ଏହା ଉପକାରୀ ସାବ୍ୟସ୍ତ ହେବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ଡିଭାଇସ୍‌କୁ ଯନ୍ତ୍ରଣା ସ୍ଥାନରେ ବାନ୍ଧିବା ପରେ ସେଥିରେ ସଂଯୁକ୍ତ ସୂକ୍ଷ୍ମ ଛୁଞ୍ଚି କାମ କରିବା ଆରମ୍ଭ କରିଥାଏ। ଯନ୍ତ୍ରଣା ଦ୍ୱାରା ଆକ୍ରାନ୍ତ ସ୍ନାୟୁଗୁଡିକ ଚାରିପଟରେ ଏକ ଥଣ୍ଡା ବଳୟ ସୃଷ୍ଟି କରିଥାଏ। ତା'ପରେ ଛୁଞ୍ଚିରେ ଥିବା ଔଷଧୀୟ ଗୁଣ ଯନ୍ତ୍ରଣା ଲାଘବ କରିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଭାରତର ଦ୍ୱିତୀୟ ଚନ୍ଦ୍ରାଭିଯାନ



କମଳାକାନ୍ତ ଜେନା





ଯେତେବେଳେ ଆକାଶର ରୁପାଜହ୍ନକୁ ଦେଖେଇ ମାଆ କହେ - 'ଆ ଜହ୍ନମାମୁ ସରଗଶଶୀ, ମୋ କାହ୍ନୁ ହାତରେ ପଡରେ ଖସି', ସେତେବେଳେ ଶିଶୁଟି ଆକାଶକୁ ଅନେଇ ଜହ୍ନକୁ ଛୁଇଁବାର ସ୍ୱପ୍ନ ଦେଖେ। ସେଇ ମୁହୂର୍ତ୍ତରୁ ଚନ୍ଦ୍ର ସହିତ ସମ୍ପର୍କ ସ୍ଥାପନ କରିବାର ପ୍ରୟାସ ଜାରିରହେ। କିଏ ଦେବତା ରୂପରେ ବନ୍ଦନା କରି ଚନ୍ଦ୍ରକୁ ନିଜର କରିବାକୁ ଉଦ୍ୟମ କରେ ତ କିଏ ପୁଣି ଏହି ଖଗୋଳୀୟ ପିଣ୍ଡକୁ ଉପଗ୍ରହର ମାନ୍ୟତା ଦେଇ ତା' ନିକଟରେ ପହଞ୍ଚିବା ପାଇଁ ମହାକାଶଯାନ ନିର୍ମାଣ କରେ। ଚନ୍ଦ୍ରକୁ ଛୁଇଁବାରେ ପ୍ରଥମ ସଫଳ ପୃଥିବୀବାସୀ ହେଉଛନ୍ତି ଆମେରିକାର ନୀଲ ଆର୍ମଷ୍ଟ୍ରଙ୍ଗ୍। ସେ ୧୯୬୯ ମସିହା ଜୁଲାଇ ୨୧ ତାରିଖରେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପାଦ ଦେଇଥିଲେ । ତା' ପରେ ଅର୍ଦ୍ଧ-ଶତାବ୍ଦୀ ବିତିଯାଇଥିଲେ ବି କୌଣସି ଭାରତୀୟ ଚନ୍ଦ୍ରପୃଷ୍ଠରେ ପାଦ ଦେଇନାହାନ୍ତି । କିନ୍ତୁ ଚନ୍ଦ୍ରାଭିଯାନ ପ୍ରକ୍ରିୟାରେ ଭାରତ କିଛି ପାଦ ଆଗକୁ ବଢେଇ ସାରିଛି । ଆଜିକୁ ଏଗାର ବର୍ଷ ତଳେ ଚନ୍ଦ୍ର ନିକଟକୁ ନିଜର ମହାକାଶଯାନ ପଠେଇ ପାରିଛି।

୧୯୫୯ ମସିହା ସେପ୍ଟେମ୍ବର ୧୩ ତାରିଖରେ ରୁଷିଆର 'ଲୁନା-୨' ମହାକାଶଯାନ ପ୍ରଥମେ ଚନ୍ଦ୍ରପୃଷ୍ଠକୁ ଛୁଇଁଥିଲା । ଦୀର୍ଘ ୪୫ ବର୍ଷ ପରେ ୨୦୦୩ ମସିହା ଅଗଷ୍ଟ ୧୫ ତାରିଖରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭାରତର ଚନ୍ଦ୍ରାଭିଯାନ ସମ୍ପର୍କରେ ଘୋଷଣା କଲେ। ୨୦୦୮ ମସିହାରେ 'ଚନ୍ଦ୍ରଯାନ-୧' ମହାକାଶଯାନରୁ ଭାରତୀୟ ଚନ୍ଦ୍ରାଭିଯାନ ଆରମ୍ଭ ହେଲା। ଏହି ପ୍ରକଳ୍ପରେ ସମୁଦାୟ ୩୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ୨୦୦୮ ମସିହା ଅକ୍ଟୋବର ୨୨ ତାରିଖରେ ଭାରତ ନିଜର ପ୍ରଥମ ମହାକାଶ ଯାନ 'ଚନ୍ଦ୍ରଯାନ-୧' କୁ ପୃଥିବୀର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ଅଭିମୁଖେ ପ୍ରେରଣ କରିଥିଲା । ଏହା ଥିଲା ଏକ ଅର୍ବିଟର ବା ଅନୁସନ୍ଧାନକାରୀ ମହାକାଶଯାନ। ଏହା ଚନ୍ଦ୍ରପୃଷ୍ଠରେ ଅବତରଣ କରି ନ ଥିଲା । ବରଂ ଚନ୍ଦ୍ରପୃଷ୍ଠରୁ ମାତ୍ର ୧୦୦ କି.ମି. ଉଚ୍ଚତାରେ ରହି ଚନ୍ଦ୍ରକୁ ପରିକ୍ରମା କରିଥିଲା । ୧୩୮୦ କେଜିର ଏହି ଚନ୍ଦ୍ରଯାନକୁ 'ଇସ୍ରୋ' ନିର୍ମିତ ୪୪ ମିଟର ଲମ୍ବ ପିଏସ୍‌ଏଲ୍‌ଭି-ଏକ୍ସଏଲ-ସି-୧୧ ରକେଟ ଦ୍ୱାରା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀସ୍ ଧାୱନ ସ୍ପେଶ୍ ସେଣ୍ଟରରୁ ଉତ୍କ୍ଷେପଣ କରାଯାଇଥିଲା । ଆମର ପ୍ରଥମ ଚନ୍ଦ୍ରଯାନ ନଭେମ୍ବର ୮ ତାରିଖରେ ସେଠାରେ ପହଞ୍ଚି ଚନ୍ଦ୍ରକୁ ପରିକ୍ରମା କରିବା ଆରମ୍ଭ କରିଥିଲା । ନଭେମ୍ବର ୧୪ ତାରିଖରେ 'ମୁନ୍ ଇମ୍ପାକ୍ଟ ପ୍ରୋବ୍' ନାମକ ଗୋଟିଏ ଛୋଟ ଯନ୍ତ୍ର ଅର୍ବିଟରରୁ ଅଲଗା ହୋଇ ଚନ୍ଦ୍ରପୃଷ୍ଠରେ ପଡିଲା । ଯୋଜନା ମୁତାବକ ତାହା ଚନ୍ଦ୍ରର ଦକ୍ଷିଣ ମେରୁକୁ ସ୍ପର୍ଶ କରିଥିଲା ଏବଂ ଚନ୍ଦ୍ରପୃଷ୍ଠରେ ଭାରତର ତ୍ରିରଙ୍ଗା ପତକାକୁ ପୋତିଥିଲା । ଏହି 'ଇମ୍ପାକ୍ଟ ପ୍ରୋବ୍' ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ସମ୍ପର୍କରେ ଆମକୁ ସୂଚନା ଦେଇଥିଲା । ଯୋଜନା ଥିଲା ଆମର ପ୍ରଥମ ଚନ୍ଦ୍ରଯାନଟି ଦୁଇ ବର୍ଷ ଚନ୍ଦ୍ର ଚାରିପଟେ ବୁଲି ବୁଲି ତଥ୍ୟ ସଂଗ୍ରହ କରିବ । କିନ୍ତୁ ଦୁଃଖର କଥା, ୧୦ ମାସ ୬ ଦିନ ପରେ ୨୦୦୯ ମସିହା ଅଗଷ୍ଟ ୨୮ ତାରିଖରେ ତାହା ଅକାମୀ ହୋଇଗଲା । ତେବେ ଅକାମୀ ହେବା ପୂର୍ବରୁ ଚନ୍ଦ୍ରପୃଷ୍ଠରେ ରହିଥିବା ଜଳ ସମ୍ପର୍କରେ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଦେଇଥିଲା । ଏହି ସୂଚନାକୁ 'ଚନ୍ଦ୍ରଯାନ-୧'ର ବିଶେଷ ସଫଳତା ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଓ ୟୁରୋପର ଗବେଷଣା ସଂସ୍ଥା 'ଇସା' ମଧ୍ୟ ସ୍ୱୀକାର କରିଛି। ପ୍ରଥମ ଚନ୍ଦ୍ରଯାନରୁ ଆମର ଯୋଜନା ମୁତାବକ ସମସ୍ତ ସୂଚନା ମିଳିପାରି ନ ଥିଲା । ତେଣୁ ଆଉ ଥରେ ଚନ୍ଦ୍ରଯାନ ପଠେଇବାର ଯୋଜନା ଚାଲିଥିଲା । ଏହାର ନାମ 'ଚନ୍ଦ୍ରଯାନ-୨' । ଏହାର ଖର୍ଚ୍ଚ ଅଟକଳ ରହିଛି ପାଖାପାଖି ୯୭୮ କୋଟି ଟଙ୍କା, ଯାହାକୁ ୨୦୧୯ ଜୁଲାଇ ୧୫ ତାରିଖ ସୋମବାର ରାତି ୨ଟା ୫୧ ମିନିଟ୍‌ରେ ମହାକାଶକୁ ପଠାଇବାର ଚୂଡାନ୍ତ ପ୍ରସ୍ତୁତି ସରିଛି । ମହାକାଶଯାନ ପାଇଁ ୬୦୩ କୋଟି ଓ ଏହାକୁ ବୋହି ନେଉଥିବା ରକେଟ୍ ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେଉଛି । ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା । ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା । କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇପାରିଲା ନାହିଁ । ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି । ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରିଛି । ଏଥିରେ ଅର୍ବିଟର (୨୩୭୯ କେଜି) ରହିବ । ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ । ରୋଭରର ନାମ 'ପ୍ରଜ୍ଞା' ଓ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଉଛି। ସମୁଦାୟ ୩୮୯୦ କେଜିର ଦ୍ୱିତୀୟ ଚନ୍ଦ୍ରଯାନକୁ ଶ୍ରୀହରିକୋଟାର ସତୀଶ ଧାୱନ ଉତ୍କ୍ଷେପଣ କେନ୍ଦ୍ରରୁ ଚନ୍ଦ୍ର ନିକଟକୁ ବୋହିନେବା ପାଇଁ ଭାରତୀୟ ବିଶାଳ ରକେଟ 'ଜିଏସ୍‌ଏଲ୍‌ଭି-ଏମ୍‌କେ-୩' ବ୍ୟବହୃତ ହେବ । ଏହା ସେଠାରେ ପହଞ୍ଚିବା ପରେ ଗତଥର ପରି ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ । ଚନ୍ଦ୍ରପୃଷ୍ଠରୁ ଏହାର ଦୂରତା ରହିବ ୧୦୦ କିଲୋମିଟର । ତେବେ ଗତ ଥର ୨ ବର୍ଷ ବୁଲିବାର ଯୋଜନା ଥିଲା । କିନ୍ତୁ ଏଥର ୧ ବର୍ଷ ପାଇଁ ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ । ଏଥରର ରୋଭର ଓ ଲ୍ୟାଣ୍ଡର ବ୍ୟବସ୍ଥା ଭାରତ ପାଇଁ ନୂତନ ପଦକ୍ଷେପ । ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କୁ ସମ୍ମାନ ଜଣାଇ ଲ୍ୟାଣ୍ଡର ନାମ 'ବିକ୍ରମ' ରଖାଯାଇଛି । ଏହା ପ୍ରଥମେ ଅର୍ବିଟରଠାରୁ ଅଲଗା ହୋଇ ଚନ୍ଦ୍ରକୁ ପରିକ୍ରମା କରିବ ଏବଂ ନିଜର ସବୁ ଉପକରଣ ଠିକ୍‌ଠାକ୍ ଅଛି କି ନାହିଁ ପରୀକ୍ଷା କରିବ । ତା'ପରେ ଧୀରେ ଧୀରେ ଚନ୍ଦ୍ରପୃଷ୍ଠକୁ ଛୁଇଁବ । ଆସନ୍ତା ସେପ୍ଟେମ୍ବର ୬ କିମ୍ବା ୭ ତାରିଖରେ ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଓହ୍ଲାଇବାର ଯୋଜନା ରହିଛି । ୨୦୧୬ ମସିହାରେ କର୍ଣ୍ଣାଟକର ଚିତ୍ରଦୁର୍ଗା ଜିଲାରେ ୧୦ଟି ବଡ ବଡ ଗାତ ଥିବା ଅଞ୍ଚଳରେ ଲ୍ୟାଣ୍ଡରରେ ସେନ୍‌ସର ଲଗେଇ ୫୧୩ ସେକେଣ୍ଡ ପାଇଁ ଏହାର ଓହ୍ଲାଇବା ପରୀକ୍ଷା କରାଯାଇଥିଲା । ଏହା ଚନ୍ଦ୍ରର ଦକ୍ଷିଣମେରୁ ନିକଟରେ ମଞ୍ଜିନସ୍-ସି ଓ ସିମ୍ପେଲିୟସ୍-ଏନ୍ ନାମକ ଦୁଇଟି ବିରାଟ ଖାଲୁଆ ଅଞ୍ଚଳ ମଝିରେ ଥିବା ଉଚ୍ଚ ଭୂଇଁ ଉପରେ ଓହ୍ଲେଇବ । ଏଯାଏ କୌଣସି ଦେଶର ଯାନ ସେଠାରେ ଅବତରଣ କରିନାହିଁ । ସେଠାରେ ରହି ଏହା ୧୪ ଦିନ ବିଭିନ୍ନ ଗବେଷଣା କରିବ। ତା' ସହିତ ୬-ଚକିଆ ରୋଭରକୁ ମଧ୍ୟ ସେଇ ୧୪ ଦିନ ସେହି ଅଞ୍ଚଳରେ ବୁଲି ବୁଲି ପରୀକ୍ଷା କରିବ । ଏସବୁ କଥା ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ବୁଝୁଛି । ଏହି ଅଭିଯାନ ଚନ୍ଦ୍ରର ଉତ୍ପତ୍ତି ଓ ପୃଥିବୀ ସହିତ ତାହାର ସମ୍ପର୍କ ବିଷୟରେ ଅନେକ ସୂଚନା ଦେଇ ପାରିବ । ତା ସହିତ ଚନ୍ଦ୍ରର ମେରୁ ଅଞ୍ଚଳରେ ବରଫ ରୂପରେ ରହିଥିବା ଜଳ ବିଷୟରେ ଜଣେଇବ।

ଭାରତ ପ୍ରଥମ ଚନ୍ଦ୍ରଯାନକୁ ପଠେଇବା ପରେ ୧୦ ବର୍ଷ ବିତିଗଲାଣି । ତେବେ ଏହାର ଆଂଶିକ ସଫଳତା ପରେ ଆମେ ସମସ୍ତେ ଦ୍ୱିତୀୟ ଚନ୍ଦ୍ରଯାନର ପୂର୍ଣ୍ଣ ସଫଳତାକୁ ଅପେକ୍ଷା କରିରହିଛୁ । କିନ୍ତୁ ଦୁଃଖର କଥା, ବିଭିନ୍ନ ଅସୁବିଧା ସକାଶେ ଦ୍ୱିତୀୟ ଚନ୍ଦ୍ରଯାନର ଉତ୍କ୍ଷେପଣ ନିର୍ଘଣ୍ଟ ଘୁଞ୍ଚି ଘୁଞ୍ଚି ଯାଉଥିଲା । ଅନେକ ବିଚାରବିମର୍ଶ ପରେ ୨୦୧୮ ମାର୍ଚ୍ଚ ମାସରେ ଏହାକୁ ପଠେଇବା କଥା ଥିଲା । ପୁଣି କେତେକ ଅସୁବିଧା ହେତୁ ଅକ୍ଟୋବର ମାସରେ ପଠାହେବାର ଯୋଜନା ହେଲା । ପରେ ୨୦୧୯ ଜାନୁୟାରୀ ମାସରେ ଏହାକୁ ପଠାଯିବାର ଆଶା କରାଯାଉଥିଲା । କିନ୍ତୁ ତାହା ମଧ୍ୟ ସମ୍ଭବ ହେଲା ନାହିଁ । ଆଜି ଆମ ଅପେକ୍ଷାର ଅନ୍ତ ହେବ । ଆଜି (୧୫।୦୭।୨୦୧୯) ଭୋରରୁ ଜହ୍ନମାମୁ ଅଭିମୁଖେ ଭାରତର 'ଚନ୍ଦ୍ରଯାନ-୨' ଯାତ୍ରା କରିବ । ୧୯୬୯ ମସିହା ଜୁଲାଇ ୨୦ ତାରିଖରେ ପୃଥିବୀରୁ ମଣିଷ ଯାଇ ଚନ୍ଦ୍ରରେ ପ୍ରଥମେ ପାଦ ଦେଇଥିଲା । ଏହି ଦିବସକୁ ୫୦ ବର୍ଷ ପୂରିବାର ମାତ୍ର ୫ ଦିନ ପୂର୍ବରୁ ଭାରତର ଚନ୍ଦ୍ରଯାନ-୨ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ । ଏହା କିଛି କମ୍ କଥା ନୁହେଁ । ଏହି ମାନବବିହୀନ ଚନ୍ଦ୍ରାଭିଯାନର ସଫଳ ଉତ୍କ୍ଷେପଣ ମହାକାଶ ଇତିହାସରେ ଏକ ଅଧ୍ୟାୟ ଯୋଡିବ ।

-ଓଡ଼ିଶା ଶିକ୍ଷା ସେବା (ଏ), ସଦସ୍ୟ,
ଓଡ଼ିଶା ବିଜ୍ଞାନ ଏକାଡେମୀ, ସହକାରୀ
ପ୍ରଫେସର, ଭଦ୍ରକ ସ୍ୱୟଂଶାସିତ
ମହାବିଦ୍ୟାଳୟ
ମୋ : ୯୪୩୯୫୦୧୬୫୧

''ମହାକାଶଯାନ ପାଇଁ ୬୦୩ କୋଟି ଓ ଏହାକୁ ବୋହି ନେଉଥିବା ରକେଟ୍ ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେଉଛି । ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା । ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା । କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇ ପାରିଲା ନାହିଁ । ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି । ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରିଛି । ଏଥିରେ ଅର୍ବିଟର (୨୩୭୯ କେଜି) ରହିବ । ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ । ରୋଭରର ନାମ 'ପ୍ରଜ୍ଞା' ଓ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଇଛି । ''

# ଫୁଡ୍ ପଏଜନିଂ



**ଏବେ ବର୍ଷାଦିନ। ଏଣୁତେଣୁ ଖାଦ୍ୟ ଏବଂ ଦୂଷିତପାଣି ସଂସ୍ପର୍ଶରେ ଆସିଲେ ଫୁଡ୍ ପଏଜନିଂ ପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏପରି କି ଏହି ସମସ୍ୟା ଗୁରୁତର ହେଲେ ହସ୍ପିଟାଲରେ ଆଡମିଶନ ହୋଇ ଚିକିତ୍ସିତ ହେବାକୁ ପଡ଼ିପାରେ। ଏହାଠାରୁ ନିଜକୁ କିପରି ଦୂରେଇ ରଖିବେ ସେ ସମ୍ପର୍କରେ ଟିପ୍ସ...**

- କୌଣସି ଖାଦ୍ୟପଦାର୍ଥ ଖାଇବା ପୂର୍ବରୁ ଭଲ ଭାବରେ ହାତ ଧୁଅନ୍ତୁ। ବାହାରକୁ ହାତ ଯେତେ ପରିଷ୍କାର ଦେଖାଯାଉଥିଲେ ମଧ ହାତର ଉପରିଭାଗରେ ଜୀବାଣୁ ଲୁଚି ରହିଥାଆନ୍ତି। ଅପରିଷ୍କାର ହାତରେ ଖାଦ୍ୟ ଖାଇଲେ ତାହା ଫୁଡ୍ ପଏଜନିଂ ସୃଷ୍ଟି କରିବାର ଆଶଙ୍କା ଅଧିକ ଥାଏ।
- ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡିକୁ ପ୍ରଥମେ ଭଲ ପାଣିରେ ପରିଷ୍କାର ଭାବରେ ଧୁଅନ୍ତୁ।
- ଖାଦ୍ୟପଦାର୍ଥକୁ ପରିଷ୍କାର ସ୍ଥାନରେ ଘୋଡ଼ାଇ ରଖନ୍ତୁ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ।
- ବାହାରେ ବୁଲିବା ସମୟରେ ଅନେକ ମନଲୋଭା ଖାଦ୍ୟ ଦେଖି ସେଗୁଡ଼ିକୁ ଖାଇବାକୁ ଅନେକେ ଆଶା କରିଥାଆନ୍ତି। ତେବେ ସେଗୁଡିକୁ ଖାଇବା ପୂର୍ବରୁ ତାହାର ଗୁଣବତ୍ତା ସମ୍ପର୍କରେ ଭଲ ଭାବରେ ଅବଗତ ହୁଅନ୍ତୁ।
- ଯଦି ଖାଦ୍ୟ ଅଳ୍ପ ସମୟ ମଧ୍ୟରେ ଖରାପ ହୋଇଯିବ ବୋଲି ଜାଣିପାରୁଛନ୍ତି ତେବେ ସେପରି ଖାଦ୍ୟକୁ ସାଇତି ନ ରଖି ଫୋପାଡ଼ି ଦିଅନ୍ତୁ।
- ଯଦି ଫୁଡ୍ ପଏଜନିଂର ଲକ୍ଷଣ ଜାଣିବାକୁ ପାଉଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ଶରୀର ସକ୍ରିୟ ରହିଲେ ଇନ୍‌ଫେକ୍‌ଶନ ଆଶଙ୍କା କମ୍ ଥାଏ

ଆମେ ଯଦି ସନ୍ତୁଳିତ ଖାଦ୍ୟ ଖାଇବା ସହ ଉପଯୁକ୍ତ ବିଶ୍ରାମ ନେବା, ତେବେ ଆମେ ଅନେକାଂଶରେ ସୁସ୍ଥ ରହିପାରିବା। ବେଳେବେଳେ ଶରୀରର କାର୍ଯ୍ୟଧାରାରେ ଶିଥିଳତା ପରିଲକ୍ଷିତ ହୋଇଥାଏ। ଏହାଦ୍ୱାରା ଆମକୁ କେତେକ ଶାରୀରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶରୀର ସବୁବେଳେ ସକ୍ରିୟ ନ ରହିଲେ ଇନ୍‌ଫେକ୍‌ଶନ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। ଏପରି ବିଷୟବସ୍ତୁକୁ



ନେଇ ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଶରୀର ଅଧିକାଂଶ ସମୟ ଶିଥିଳ ରହୁଥିଲା, ସେମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତିଙ୍କଠାରେ ଇନ୍‌ଫେକ୍‌ଶନର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସୁନିଦ୍ରା ପାଇଁ ସ୍ମାର୍ଟ ପାଇଜାମା

ଆଜିକାଲି ଅନେକେ ନିଦ୍ରାଜନିତ ସମସ୍ୟା ସହ ଜଡ଼ିତ। ଆମେ ଆବଶ୍ୟକ ସମୟ ମୁତାବକ ନିଦ୍ରା ନ ଗଲେ ବିଭିନ୍ନ ପ୍ରକାର ଶାରୀରିକ ଅସୁବିଧାର ସମ୍ମୁଖୀନ ହୋଇଥାଉ। ସୁନିଦ୍ରାର ଏକ ସହଜ ଉପାୟ ବିଷୟରେ ନିକଟରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ମାସାଚ୍ୟୁଟ୍‌ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ବିଶ୍ୱବିଦ୍ୟାଳୟର ଗବେଷକ ତ୍ରିଶା ଆଣ୍ଡ୍ରୀ ଓ ତାଙ୍କ ସାଥୀ ଗବେଷକମାନେ ସ୍ମାର୍ଟ ପାଇଜାମା ଓ ଶାର୍ଟ ପ୍ରସ୍ତୁତ କରିଛନ୍ତି, ଯାହାକୁ ପିନ୍ଧିଲେ ଭଲ ନିଦ ହୋଇଥାଏ। ଏଥିରେ ସ୍ୱୟଂଚାଳିତ ୫ଟି ସେନ୍‌ସର ଲଗାଯାଇଛି



ଯାହା ହୃତ୍‌ସ୍ପନ୍ଦନ,ଶ୍ୱାସକ୍ରିୟା ଓ ଶୋଇବାର ଶୈଳୀକୁ ନିରୀକ୍ଷଣ କରିବା ସହ ମାନସିକ ଶାନ୍ତି ଆଣିଥାଏ। ଏହାଫଳରେ ସମ୍ପୃକ୍ତ ବ୍ୟକ୍ତି ଆରାମରେ ଶୋଇପାରିଥାଏ। ତେବେ ଏହି ସ୍ମାର୍ଟ ପାଇଜାମା ଏବଂ ଶାର୍ଟକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କରାଯାଇପାରିବ ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ଗବେଷକମାନେ ଚେଷ୍ଟା ଜାରି ରଖିଛନ୍ତି ବୋଲି ପ୍ରକାଶିତ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ଦୃଷ୍ଟିବାଧିତଙ୍କ ପାଇଁ ଆର୍‌ବିଆଇର ନୂଆ ଆପ୍
#### ନୋଟ ଚିହ୍ନିବା ହେବ ସହଜ

**ନୂଆଦିଲ୍ଲୀ,୧୪-୭:** ନୋଟ ଚିହ୍ନିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ନୂଆ ଆପ୍ଲିକେଶନ ଶୀଘ୍ର ଆଣିବ। ଏହା ଦ୍ୱାରା ଦୃଷ୍ଟିବାଧିତ ଲୋକମାନେ ବିଶେଷ ଭାବେ ଲାଭବାନ ହୋଇପାରିବେ। ବର୍ତ୍ତମାନ ନେଣଦେଣ କ୍ଷେତ୍ରରେ କ୍ୟାଶ ସିଂହଭାଗ ହାସଲ କରିଛି। ୧୦,୨୦,୫୦,୧୦୦, ୨୦୦,୨୦୦, ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ ବର୍ତ୍ତମାନ ପ୍ରଚଳନରେ ରହିଛି। ଏହା ବାଦ ଟଙ୍କାକିଆ ନୋଟ କେନ୍ଦ୍ର ସରକାର ଜାରି କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଦୃଷ୍ଟିବାଧିତ ଲୋକମାନେ ଲାଭବାନ ହେବେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ବର୍ଗର ଲୋକଙ୍କ ସୁବିଧା ଲାଗି ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ନୋଟରେ ଇଣ୍ଟାଗ୍ଲିଓ ପ୍ରିଣ୍ଟ ଭିତ୍ତିକ ମାର୍କ ରହିଛି। ବିମୁଦ୍ରୀକରଣ ପରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ପ୍ରଚଳନରୁ ହଟାଗଲା ପରେ ନୂଆ ଡିଜାଇନ ଏବଂ ସାଇଜର ନୋଟ ବ୍ୟବସ୍ଥା ମଧ୍ୟକୁ ଆସିଛି। ଦୃଷ୍ଟିବାଧିତ ଲୋକମାନେ ବିଭିନ୍ନ ନୋଟକୁ ନେଇ ଚ୍ୟାଲେଞ୍ଜ ସାମ୍ନା କରିବା ପରେ ମୋବାଇଲ ଆପ୍ଲିକେଶନ ଆଣିବା ନେଇ ରହିଥିବା ଆବଶ୍ୟକତାକୁ ରିଜର୍ଭ ବ୍ୟାଙ୍କ ଉପଲବ୍ଧି କରିଥିଲା। ପ୍ରସ୍ତାବିତ ମୋବାଇଲ ଆପରେ ମହାତ୍ମା ଗାନ୍ଧୀ ସିରିଜ ଏବଂ ନୂଆ ମହାତ୍ମା ଗାନ୍ଧୀ ସିରିଜକୁ ଚିହ୍ନିବା ସହଜ ହେବ। ଏହା ଦ୍ୱାରା ଦେଶର ୮୦ ଲକ୍ଷ ଦୃଷ୍ଟିବାଧିତ ଲୋକ ଲାଭବାନ ହୋଇ ପାରିବେ। ଏଭଳି ଏକ ଆପ୍ଲିକେଶନ ଆଣିବା ନେଇ ଆର୍‌ବିଆଇ ୨୦୧୮ ଜୁନରେ ପ୍ରଥମେ କହିଥିଲା।

### ଏଫ୍‌ପିଆଇଙ୍କ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି

**ନୂଆଦିଲ୍ଲୀ,୧୪-୭:** ଜୁଲାଇରେ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୯୫୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ଚଳିତ ମାସ ୧ରୁ ୧୨ ତାରିଖ ମଧ୍ୟରେ ଏମାନେ ଇକ୍ୱିଟିରୁ ଏହି ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। କିନ୍ତୁ ଡେଟ୍ ବଜାରରେ ଏମାନେ ୮,୫୦୪.୭୮ କୋଟି ନିବେଶ କରିଛନ୍ତି। ଏହାକୁ ବିଚାର କଲେ, ବିଦେଶୀ ନିବେଶକମାନେ ମୋଟାମୋଟି ଭାବେ ଦେଶର ପୁଞ୍ଜି ବଜାରରେ ୩,୫୫୧ କୋଟି ଟଙ୍କା ନିବେଶ କରିଛନ୍ତି। ଚଳିତ ମାସ ୫ ତାରିଖ ପରଠାରୁ ନିବେଶକମାନେ ୫ଟି ସେସନରେ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରଖିଛନ୍ତି। ଧନୀ ବ୍ୟକ୍ତିଙ୍କ ଉପରେ ସରକାରଙ୍କ ସରଚାର୍ଜ ଲାଗୁ ପ୍ରସ୍ତାବ ରହିଛି। ସେହିଭଳି ବିଦେଶୀ ପୁଞ୍ଜି ଯାହା ଟ୍ରଷ୍ଟ ଏବଂ ଏଓପି ଭାବେ ନିବେଶ ହୋଇଥିବ ତାହା ମଧ୍ୟ ଟିକସ ପରିସରରେ ଆସୁଛି।

### ଜଳ, ପରିମଳ କ୍ଷେତ୍ରରେ ୬.୩ ଲକ୍ଷ କୋଟିର ନିବେଶ ସମ୍ଭାବନା

**ନୂଆଦିଲ୍ଲୀ,୧୪-୭:** 'ନଲ୍ ସେ ଜଲ୍' ଯୋଜନା ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ବେଳେ ସାରା ଦେଶରେ ଆଗାମୀ ୫ ବର୍ଷରେ ୬.୩ ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜେଏମ୍ ଫାଇନାନ୍‌ସିଆଲ ଇନଷ୍ଟିଚ୍ୟୁଶନ ପ୍ରଦାନ କରିଥିବା ରିପୋର୍ଟ ମୁତାବକ ନଲ୍ ସେ ଜଲ୍ ଯୋଜନାରେ ସରକାର ୨୦୨୪ ସୁଦ୍ଧା ପ୍ରତିଘରକୁ ପାଇପ ଜଳ ଯୋଗାଇବା ନେଇ ଲକ୍ଷ୍ୟ ରଖିଛନ୍ତି। ଏହି ଆଧାରରେ ପାଇପ, ଇପିସି, ଜଳ ପରିଚାଳନା, ଭଲ୍‌ଭ, ସିମେଣ୍ଟ ଭଳି ବର୍ଗରେ ଅନ୍ୟ ବର୍ଗରେ ବୃହତ୍ ପରିମାଣର ନିବେଶ ନେଇ ସମ୍ଭାବନା ସୃଷ୍ଟି ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

### ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ନୂଆ ଉତ୍ପାଦ

**ଭୁବନେଶ୍ୱର,୧୪-୭:** ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡ ପକ୍ଷରୁ ଡିଟରଜେଣ୍ଟ ସେଗମେଣ୍ଟରେ ନୂଆ ପ୍ରଡକ୍ଟ ଭୂମ ବଜାରକୁ ଆସିଛି। ଏହାକୁ ଫ୍ୟାଶନ ବିଶେଷଜ୍ଞଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଫ୍ୟାବ୍ରିକ କେୟାର ଏବଂ ଲଣ୍ଡ୍ରି ବ୍ରାଣ୍ଡ ବର୍ଗରେ ଉପସ୍ଥିତିକୁ ଦୃଢ କରିବା ଲକ୍ଷ୍ୟରେ କମ୍ପାନୀ ପକ୍ଷରୁ ନୂଆ ପ୍ରଡକ୍ଟକୁ ପ୍ରସ୍ତୁତ କରାଯାଇଛି। ଏହା କପଡାର ଯତ୍ନ କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ। ଏହି ପ୍ରଡକ୍ଟକୁ ଗୁଣବତ୍ତା ବିଶେଷଜ୍ଞଙ୍କ ଦ୍ୱାରା ୧୦୦ ଫ୍ୟାବ୍ରିକ ଉପରେ ପରୀକ୍ଷଣ କରାଯାଇଛି। ଏହା ଫ୍ରଣ୍ଟ ଲୋଡ, ଟପଲୋଡ, ବକେଟ ୱାସ ବର୍ଗରେ ଲିକ୍ୱିଡ ମ୍ୟାଟ୍ରିକରେ ଆସୁଛି। ଏହି ପ୍ରଡକ୍ଟର ପ୍ୟାକ ୧୧୯ରୁ ୧୪୯ ଟଙ୍କା ରହିଛି। ଏହା କପଡାର ରଙ୍ଗ ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। ଏହି ପ୍ରଡକ୍ଟକୁ ବଜାର ପ୍ରବେଶ କରାଇ ଖୁସି ବୋଲି ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ଏମ୍‌ଡି ଆଶନି ବିୟାନୀ କହିଛନ୍ତି।




> ବିଦେଶରେ ସରକାରୀ ବଣ୍ଡ ବିକ୍ରି ହେଲେ ଲାଭ କମ୍ ବେଶି କ୍ଷତି ହେବ।
> – ମଣ୍ଟେକ ସିଂ ଆହଲୁୱାଲିଆ, ପୂର୍ବତନ ଉପାଧ୍ୟକ୍ଷ, ଯୋଜନା ଆୟୋଗ



> ଆୟକର ଅଧିକାରୀ କୌଣସି ବ୍ୟକ୍ତି ବିଶେଷଙ୍କ ସୋସିଆଲ ମିଡିଆ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି ଏହା ଭାବିବା ଭ୍ରମାତ୍ମକ।
> – ପି.ସି. ମୋଦି, ଅଧ୍ୟକ୍ଷ, ସିବିଡିଟି



# ମାର୍ଚ୍ଚ ସୁଦ୍ଧା ସବୁ ରେଳ ଇଞ୍ଜିନରେ ଜିପିଏସ୍

ଭୁବନେଶ୍ୱର,୧୪-୭(ବ୍ୟୁରୋ)

**ରେଳ ବୋର୍ଡ ଅଧ୍ୟକ୍ଷଙ୍କ ଭୁବନେଶ୍ୱର ଗସ୍ତ**



- ଭୁବନେଶ୍ୱର ରେଳ ଷ୍ଟେଶନର ବିକାଶ ହେବ
- ଯୋଡି ହେବ ଆଉ ୨ ପ୍ଲାଟଫର୍ମ
- ରେଳ ପ୍ରକଳ୍ପ ଲାଗି ପାଣ୍ଠି ଅଭାବ ରହିବନି
- ପ୍ରକଳ୍ପ ଆଗେଇବାରେ ଜମି ଅଧିଗ୍ରହଣ ବାଧକ
- ରାଜ୍ୟ ସହ ମିଳିତ ହୋଇ କାର୍ଯ୍ୟ କରିବାକୁ ଗୁରୁତ୍ୱ
- ଭୁବନେଶ୍ୱର-କଟକ ବାଏପାସ ଲାଇନ ସର୍ଭେକୁ ମଞ୍ଜୁରୀ

ରେଳ ମନ୍ତ୍ରଣାଳୟ, ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସହ ମିଳିତ ହୋଇ ନୂଆ ପ୍ରକଳ୍ପ ରିୟଲ ଟାଇମ୍ ଟ୍ରେନ ଇନ୍‌ଫରମେଶନସିଷ୍ଟମ (ଆର୍‌ଟିଆଇଏସ୍) ଆରମ୍ଭ କରିଛି। ଏହା ଦ୍ୱାରା ରେଳୱେ ଏହାର ଇଞ୍ଜିନରେ ଜିପିଏସ୍ ଡିଭାଇସ୍ ଲଗାଇଛି। ବର୍ତ୍ତମାନ ସୁଦ୍ଧା ୪,୨୦୦ ଇଞ୍ଜିନରେ ଏହାର ବ୍ୟବହାର ହୋଇଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ରେଳ ଇଞ୍ଜିନରେ ଜିପିଏସ୍ ଲଗାଯିବ ବୋଲି ରେଳ ବୋର୍ଡ ଅଧ୍ୟକ୍ଷ ଭିନୋଦ କୁମାର ଯାଦବ ରବିବାର ସୂଚନା ଦେଇଛନ୍ତି। ୮,୦୦୦ରୁ ୯,୦୦୦ ଇଞ୍ଜିନରେ ଏହି ପଦ୍ଧତି ଲାଗୁ ହେବ। ଏହା ଦ୍ୱାରା ଠିକ୍ ସମୟରେ ଟ୍ରେନ ଚଳାଚଳ କରିବ ଏବଂ ଟ୍ରେନ ଅବସ୍ଥିତି ଜଣା ପଡିବ ବୋଲି ସେ କହିଛନ୍ତି।

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଫନୀରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ରେଳ ଷ୍ଟେଶନ ଏବଂ କୋଚିଂ ଡିପୋକୁ ସେ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସେହିଭଳି ଭୁବନେଶ୍ୱର ରେଳ ଷ୍ଟେଶନର କ୍ଷୟକ୍ଷତି ତଦାରଖ କରି ଏହାର ଉନ୍ନତୀକରଣ ତଥା ରେଳୱେ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଭୁବନେଶ୍ୱର ରେଳ ଷ୍ଟେଶନର ମୁଖ୍ୟ ଦ୍ୱାରରେ ନୂଆ ବିଲଡିଂ ସ୍ଥାପନ କରାଯିବ। ଏଠାରେ ଏକ ଉନ୍ନତ ମାନର ଷ୍ଟେଶନ ପ୍ରତିଷ୍ଠା ଲାଗି ଲକ୍ଷ୍ୟ ରଖାଯାଇଛି। ଏଥି ଲାଗି ଭାରତୀୟ ରେଳପଥ ପକ୍ଷରୁ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେବ। ସମସ୍ତ ପ୍ରକାରର ବୈଷୟିକ ଆବଶ୍ୟକତା ପୂରଣ ହୋଇଥିବା ବେଳେ ଶୀଘ୍ର ଏମ୍‌ଓୟୁ କରାଯିବ। ସେହିଭଳି ଏଠାରେ ଆଉ ୨ ପ୍ଲାଟଫର୍ମ ଯୋଡି ହେବ। ଷ୍ଟେଶନର ଦ୍ୱିତୀୟ ପ୍ରବେଶ ଦ୍ୱାରକୁ ପୁନଃନବୀକରଣ ଏବଂ ଏହାର ଚତୁଃପାର୍ଶ୍ୱରେ ରାସ୍ତା ସଂଯୋଗୀକରଣ ପାଇଁ ପାଣ୍ଠି ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ୨୦୦ ନିୟୁତ ଟନ୍ ମାଲ ପରିବହନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏହାଠାରୁ ଅଧିକ ମାଲ ପରିବହନ ନେଇ ପୂର୍ବତଟ ରେଳପଥ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ସେହିଭଳି ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଶେଷ କରିବା ଉଦ୍ୟମ ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି। ଏଥି ଲାଗି ପାଣ୍ଠିର କୌଣସି ଅଭାବ ରହିବ ନାହିଁ। ରେଳ ପ୍ରକଳ୍ପ ଆଗେଇବାରେ ଜମି ଅଧିଗ୍ରହଣ ଏକ ସମସ୍ୟା ଭାବେ ଉଭା ହେଉଛି। ଏଥି ଲାଗି ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି। ଗତବର୍ଷ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଅନେକ ପାଣ୍ଠି ଖର୍ଚ୍ଚ ହୋଇ ପାରିନାହିଁ। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପଗୁଡିକୁ ଅଧିକ ପାଣ୍ଠି ଯୋଗାଇ ଦିଆଯାଇଛି। ବିଭିନ୍ନ ସମସ୍ୟାର ସମାଧାନ ସହ ପାଣ୍ଠିର ପୂର୍ଣ୍ଣ ବିନିଯୋଗ ପାଇଁ ଉଦ୍ୟମ ଜାରି ରହିବ। ସେହିଭଳି ଭୁବନେଶ୍ୱରରୁ କଟକକୁ ଅଧିକ ଟ୍ରେନ ଚଳାଚଳ ନେଇ ହୋଇ ଆସୁଥିବା ଦାବିକୁ ଧ୍ୟାନରେ ରଖାଯାଇଛି। ଏହି ଦୁଇ ସ୍ଥାନ ମଧ୍ୟରେ ଏକ ବାଇପାସ ରେଳ ଲାଇନ ପାଇଁ ସର୍ଭେ କାର୍ଯ୍ୟ ଅନୁମୋଦନ କରାଯାଇଛି। ଏହା ହେଲେ ମାଲ ପରିବହନ ସୁଗମ ହେବା ସହ ଯାତ୍ରୀ ସୁବିଧା ତ୍ୱରାନ୍ୱିତ ହେବ ବୋଲି ଯାଦବ କହିଛନ୍ତି।

ଟ୍ରେନ୍ ଟ୍ରାଫିକ ବୃଦ୍ଧି ଯୋଗୁ ଭିତ୍ତିଭୂମି ବିକାଶର ଆବଶ୍ୟକତା ଉପରେ ଯାଦବ ଗୁରୁତ୍ୱାରୋପ କରିଛନ୍ତି। ଯାତ୍ରୀ ସୁବିଧାକୁ ଅଗ୍ରାଧିକାର, ସେପ୍ଟେମ୍ବର ମାସ ସୁଦ୍ଧା ସବୁ ଷ୍ଟେଶନରେ ୱାଇଫାଇ, ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ମୁଖ୍ୟ ଷ୍ଟେଶନ, ପ୍ରମୁଖ ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନଗୁଡିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଇ-କ୍ୟାଟରିଂ ଆପ୍, ଇ-ଦୃଷ୍ଟି ଇନ୍ ୱେବସାଇଟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ୱେବସାଇଟ ଦ୍ୱାରା ଟ୍ରେନର ସମୟ ସାରଣୀ ଓ ଟ୍ରେନରେ ମିଳୁଥିବା ଖାଦ୍ୟର ଗୁଣବତ୍ତା ଓ ମାନ ବିଷୟରେ ଯାତ୍ରୀ ଜାଣି ପାରିବେ।



## ସାରିକାଙ୍କୁ ବେଷ୍ଟ ଫାଇନାନ୍‌ସିଆଲ୍ ଆଡଭାଇଜର ଆୱାର୍ଡ

ଭୁବନେଶ୍ୱର,୧୪-୭(ବ୍ୟୁରୋ)

ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ଏବଂ ସିଏନ୍‌ବିସି ଟିଭି ୧୮ ପକ୍ଷରୁ ମୁମ୍ବାଇରେ ଅନୁଷ୍ଠିତ ୧୦ ସଂସ୍କରଣ ଫାଇନାନ୍‌ସିଆଲ ଆଡଭାଇଜର ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ସାରିକା ଅରୁଣ ସାହୁଙ୍କୁ ବେଷ୍ଟ ଫାଇନାନ୍‌ସିଆଲ ଆଡଭାଇଜର ଆୱାର୍ଡ ପ୍ରଦାନ କରାଯାଇଛି। ପୂର୍ବାଞ୍ଚଳର ମହିଳା ବର୍ଗରେ ଏଭଳି ପୁରସ୍କାର ଜିତିବାକୁ ସାରିକା ସକ୍ଷମ ହୋଇଛନ୍ତି। ଉକ୍ତ ଆୱାର୍ଡ ଲାଭ କରି ଅତ୍ୟନ୍ତ ଖୁସି ଏବଂ ଏହା ଆଗକୁ ବଢିବାରେ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ସାରିକା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ମିଣ୍ଟବକ୍ସ ଆଡଭାଇଜରି ଏଲ୍‌ଏଲ୍‌ପିର ପାର୍ଟନର ଭାବେ କାର୍ଯ୍ୟରତ। ନିବେଶକଙ୍କ ଲାଗି ଭାଲ୍ୟୁ ସୃଷ୍ଟି ସହ ପୁଞ୍ଜି ବଜାରରେ ନୂତନ ଧାରା, କୌଶଳ ଏବଂ ସୁଯୋଗ ଦିଗରେ କାର୍ଯ୍ୟ କରୁଥିବା ଆର୍ଥିକ ପରାମର୍ଶଦାତାଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ଏଭଳି ଆୱାର୍ଡର ପରିକଳ୍ପନା କରାଯାଇଛି। ସେହିଭଳି ଆର୍ଥିକ ସାକ୍ଷରତା ଦିଗରେ ଯୋଗଦାନ ରଖୁଥିବା ପରାମର୍ଶଦାତାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏଭଳି ଆୱାର୍ଡ ପରିକଳ୍ପନା କରାଯାଇଛି। ମୋଟ ୩୨ ଶୃଙ୍ଖଳାରେ କାର୍ଯ୍ୟକ୍ରମରେ ଆୱାର୍ଡ ପ୍ରଦାନ କରାଯାଇଛି। ଏଥି ଲାଗି ସାରା ଦେଶରୁ ୪୪ ଆବେଦନପତ୍ର ହସ୍ତଗତ ହୋଇଥିଲା। ପୁଞ୍ଜି ବଜାର ମାଧ୍ୟମରେ ସମ୍ପତ୍ତି ସୃଷ୍ଟି ଦିଗରେ ଫାଇନାନ୍‌ସିଆଲ ଆଡଭାଇଜରମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ଶିଳ୍ପର ଅଭିବୃଦ୍ଧି ଦିଗରେ ଆଡଭାଇଜରଙ୍କର ରହୁଥିବା ପ୍ରଚେଷ୍ଟାକୁ ସମ୍ମାନ ଜଣାଇ ଆୱାର୍ଡର ପରିକଳ୍ପନା କରାଯାଇଛି ବୋଲି ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ଆକ୍ଟିଂ ସିଇଓ ଇମତିୟାଜୁର ରହେମାନ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)ର ପୂର୍ବତନ ଅଧ୍ୟକ୍ଷ ୟୁ.କେ.ସିହ୍ନା, ଇକ୍ରା ସିଇଓ ନରେଶ ଥକର, ସିଏନ୍‌ବିସି ଟିଭି ୧୮ କାର୍ଯ୍ୟନିର୍ବାହୀ ସମ୍ପାଦକ ଲତା ଭେଙ୍କଟେଶ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆନ୍ ଅଏଲର ସ୍ୱଚ୍ଛତା ପକ୍ଷ

ଭୁବନେଶ୍ୱର,୧୪-୭




ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ ପକ୍ଷରୁ ପୁରୀ ବଡ ଦାଣ୍ଡରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଅବସରରେ କମ୍ପାନୀ ପକ୍ଷରୁ ଗୁଣ୍ଡିଚା ମନ୍ଦିର, ବଡଦାଣ୍ଡକୁ ସ୍ୱଚ୍ଛ ରଖିବାକୁ ପ୍ରୟାସ କରାଯାଇଥିଲା। କମ୍ପାନୀର ମାନବ ସମ୍ବଳ ଏବଂ ସିଏସ୍‌ଆର୍ ମହାପ୍ରବନ୍ଧକ ଦେବୀ ପ୍ରସାଦ ଶତପଥୀଙ୍କ ତୈଳ ଉଦ୍ୟୋଗର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। କମ୍ପାନୀର ଏହି ପ୍ରୟାସକୁ ବିଧାୟକ ପ୍ରଶଂସା କରିଥିଲେ। ତେଲ ଉଦ୍ୟୋଗର ଡିଲର, ବିତରକଙ୍କ ସମେତ ୨୦୦ ସ୍ୱେଚ୍ଛାସେବୀଙ୍କ ମହାପ୍ରବନ୍ଧକ ଶତପଥୀ ପରିବେଶ ସ୍ୱଚ୍ଛତାର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆସିବ ଜାତୀୟ ରିଟେଲ ନୀତି

ନୂଆଦିଲ୍ଲୀ,୧୪-୭

ସରକାର ଆଗାମୀ ଦିନରେ ଏକ ଜାତୀୟ ରିଟେଲ୍ ଆଣିବା ଦିଗରେ ଅଗ୍ରସର ହେଉଛନ୍ତି। ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃ ବାଣିଜ୍ୟ ବିଭାଗ ପକ୍ଷରୁ ଏ ନେଇ ଶୀଘ୍ର ଏକ ଡ୍ରାଫ୍ଟ ପେପର ପ୍ରସ୍ତୁତ କରାଯିବା ସହ ଅଂଶୀଦାରଙ୍କ ମତାମତ ଲୋଡାଯିବା ନେଇ ଯୋଜନା ପ୍ରସ୍ତୁତ ହୋଇଛି। ଦେଶର ୬୫ ନିୟୁତ କ୍ଷୁଦ୍ର ବ୍ୟବସାୟୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଥିବା ଜଣା ପଡିଛି। ଖୁଚୁରା ବ୍ୟବସାୟକୁ ଉତ୍ସାହିତ କରାଯିବା ସହ ଏହି କ୍ଷେତ୍ରରେ ଇଜ ଅଫ୍ ଡୁଇଂ ବିଜନେସକୁ ବଢାଇବା ଦିଗରେ ନୂଆ ନୀତି ସହାୟକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଲାଇସେନ୍ସ ପ୍ରଦାନ, ପ୍ରତ୍ୟକ୍ଷ ବିକ୍ରି ଏବଂ ହାଇପର ମାର୍କେଟ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗକୁ ନୂଆ ନୀତିରେ ସରକାର ବିଚାର କରିବେ।

ରିଟେଲ କ୍ଷେତ୍ରର ଅଭିବୃଦ୍ଧି, ଡିଜିଟାଲ କାରବାର ଏବଂ ଭିତ୍ତିଭୂମି ଅସୁବିଧାକୁ କମ୍ କରିବା ଉପରେ ଏଥିର ଗୁରୁତ୍ୱ ଦିଆଯିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ବିଚାରବିମର୍ଷ ଶେଷ ହୋଇଥିବା ବେଳେ ନୀତିର ଡ୍ରାଫ୍ଟ ପ୍ରକ୍ରିୟା ଚାଲୁ ରହିଛି। ଯାହା ଶୀଘ୍ର ଅଂଶୀଦାରଙ୍କ ମତାମତ ଲାଗି ଜାରି କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ୧୦୦ ଦିନିଆ ଆକ୍ସନ ପ୍ଲାନର ଏହା ଏକ ଅଂଶବିଶେଷ।

## ସୋନି ଆଣିଲା ନୂଆ ସାଉଣ୍ଡବାର

ଭୁବନେଶ୍ୱର,୧୪-୭




ସୋନି ଇଣ୍ଡିଆ ପକ୍ଷରୁ ଡଲବି ଆଟମସ ସୁବିଧା ଥିବା ନୂଆ ସାଉଣ୍ଡବାର ଏଚ୍‌ଟି-ଜେଡ୍‌୯ଏଫ୍ ଏବଂ ଏସ୍‌ଏଜେଡ ୯ ବଜାରକୁ ଆସିଛି। ଏହି ପ୍ରଡକ୍ଟ ସାରା ଦେଶରେ ଥିବା ସୋନି ସେଣ୍ଟର, ଗୁରୁତ୍ୱପୂର୍ଣ୍ଣ ଇଲେକଟ୍ରୋନିକ୍ସ ଷ୍ଟୋର ଏବଂ ଇ-କମର୍ସ ଷ୍ଟୋରଗୁଡିକରେ ଉପଲବ୍ଧ ହେବ। ଏଥିଲାଗି ପ୍ରି ବୁକିଂ ଅଫର ମଧ୍ୟ କମ୍ପାନୀ ପ୍ରଦାନ କରିଛି। ଏହି ପ୍ରଡକ୍ଟଗୁଡିକ ସିନେମା ବିଭାଗ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ସୋନି ଇଣ୍ଡିଆର ଏମ୍‌ଡି ସୁନୀଲ ନାୟାର କହିଛନ୍ତି। ବର୍ତ୍ତମାନ ଘରେ ଡଲବୀର ଅନୁଭବ ପାଇବା ସହଜ ହେବ ବୋଲି ଡଲବି ଲାବରୋଟୋରିଜର ଆଞ୍ଚଳିକ ବାଣିଜ୍ୟ ନିର୍ଦ୍ଦେଶକ ଅସୀମ ମାଥୁର କହିଛନ୍ତି।

## ବ୍ରାଣ୍ଡ୍ ଫ୍ୟାକ୍ଟ୍ରିରେ ରେଡ ଜୋନ ସେଲ୍

ଭୁବନେଶ୍ୱର,୧୪-୭

BRAND FACTORY
BEST BRANDS • SMART PRICES

ବ୍ରାଣ୍ଡ୍ ଫ୍ୟାକ୍ଟ୍ରି ପକ୍ଷରୁ ରେଡ୍ ଜୋନ୍ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଷ୍ଟୋରରେ ସାରା ବର୍ଷ ବିଭିନ୍ନ ଅଫର ପ୍ରଦାନ କରାଯାଉଛି। ରେଡ୍ ଜୋନ୍ ସେଲ୍ ମାଧ୍ୟମରେ ଗ୍ରାହକମାନେ ଗୋଟିଏ ପୋଷାକ କ୍ରୟରେ ଆଉ ୨ଟି ବ୍ରାଣ୍ଡେଡ ପୋଷାକ ମାଗଣାରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଷ୍ଟୋରରେ ଲିକୁପର, ଲିଭାଇସ, ସ୍ୱାଏକର, ରେମଣ୍ଡ, ବୁଫାଲୋ, ନାଇକ, ଆଡିଦାସ, କନ୍‌ଭର୍ସ ଏବଂ ଭିଆଇପି ଭଳି ବ୍ରାଣ୍ଡ ପାଇପାରିବେ। ଗ୍ରାହକଙ୍କୁ କ୍ରୟର ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ଲାଗି ଗୋଲ୍ଡ ଜୋନ ଏବଂ ପର୍ପଲ ଜୋନ ସେକ୍ସନ ଖୋଲାଯାଇଛି। ଏହି ଜୋନଗୁଡିକରୁ ଆକର୍ଷଣୀୟ ମୂଲ୍ୟରେ ଗ୍ରାହକ ପୋଷାକ କ୍ରୟ କରିବାକୁ ସକ୍ଷମ ହେବେ। ଏହି ସେଲ୍ ଦ୍ୱାରା ଫ୍ୟାସନ ଉତ୍ସବର ଅନୁଭୂତି ଗ୍ରାହକଙ୍କୁ ପ୍ରଦାନ କରିବା ଲାଗି ପଦକ୍ଷେପ ନେଇଥିବା ବ୍ରାଣ୍ଡ ଫ୍ୟାକ୍ଟ୍ରିର ସିଇଓ ସୁରେଶ ସାଧୱାନି କହିଛନ୍ତି। ବର୍ତ୍ତମାନ ବ୍ରାଣ୍ଡ ଫ୍ୟାକ୍ଟ୍ରି ୪୫ ସହରରେ ୯୭ ଷ୍ଟୋର ସହ ସେବା ଯୋଗାଉଛି। ଷ୍ଟୋରଗୁଡିକରେ ପୁରୁଷ, ମହିଳା, ଶିଶୁଙ୍କ ପୋଷାକ ସମେତ ହ୍ୟାଣ୍ଡବ୍ୟାଗ, ଲଗେଜ, ଟ୍ରଲି, ବ୍ୟାକ୍ ପ୍ୟାକ ଏବଂ ଅନ୍ୟାନ୍ୟ ଫ୍ୟାଶନ ସାମଗ୍ରୀ ଲାଭ କରିପାରିବେ।

## ଅନ୍ତର୍ଜାତୀୟ ଉଡାଣ ଉପରେ ଏୟାର ଏସିଆର ରିହାତି

ଭୁବନେଶ୍ୱର,୧୪-୭




ଏୟାର ଏସିଆ ପକ୍ଷରୁ ଅନ୍ତର୍ଜାତୀୟ ଉଡାଣ ଉପରେ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଭୁବନେଶ୍ୱରରୁ ଯାତ୍ରୀମାନେ ବ୍ୟାଙ୍କକ, କୁଆଲାଲମ୍ପୁର ଭଳି ସ୍ଥାନଗୁଡିକୁ ୭୦% ପର୍ଯ୍ୟନ୍ତ ରିହାତିରେ ବିମାନ ଯାତ୍ରା କରିପାରିବେ। ଏବେ ବିମାନ ଯାତ୍ରା ପାଇଁ ଆଗୁଆ ବୁକିଂ କରୁଥିବା ଗ୍ରାହକଙ୍କ ସଂଖ୍ୟା ବଢୁଛି। ଏହି ସେଲ ଦ୍ୱାରା ଯାତ୍ରୀମାନେ ନିଜ ପସନ୍ଦର ସ୍ଥାନକୁ ସୁଲଭ ବଜେଟରେ ଚୟନ କରିପାରିବେ ବୋଲି ଏୟାର ଏସିଆ ଇଣ୍ଡିଆ ସିଓଓ ସଞ୍ଜୟ କୁମାର କହିଛନ୍ତି। ଅଗ୍ରିମ ବୁକିଂ ଯୋଜନା ଏବଂ ଏୟାର ଏସିଆରେ ଯାତ୍ରା ନେଇ ଗ୍ରାହକଙ୍କୁ ଉତ୍ସାହିତ କରାଯାଉଥିବା ସିଓଓ କୁମାର କହିଛନ୍ତି। ଏହି ସେଲ ଚଳିତ ମାସ ୧୫ରୁ ୨୧ ଯାଏ ଚାଲିବ। ଚଳିତବର୍ଷ ଜୁଲାଇ ୨୨ରୁ ୨୦୨୦ ଫେବୃୟାରୀ ଯାଏ ଯାତ୍ରୀ ଏଠାରେ ଯାତ୍ରା ସୁବିଧା ପାଇ ପାରିବେ। ଏୟାର ଏସିଆ ବର୍ତ୍ତମାନ ଦେଶର ୧୯ଟି ସ୍ଥାନକୁ ସେବା ସଂଯୋଗ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ରାଜ୍ୟରେ ରାସାୟନିକ ଶିଳ୍ପ ପାର୍କ ବିକାଶ ସମ୍ଭବ: ନାଲ୍‌କୋ ସିଏମ୍‌ଡି

ଭୁବନେଶ୍ୱର,୧୪-୭




ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇସିଟି) ଭୁବନେଶ୍ୱର କ୍ୟାମ୍ପସ ଦ୍ୱାରା ପ୍ରେରିତ ରାସାୟନିକ ଶିଳ୍ପ କ୍ଲଷ୍ଟର ରାଜ୍ୟର ଶିଳ୍ପାୟନକୁ ଇନ୍ଧନ ଯୋଗାଣ ଦିଗରେ କାର୍ଯ୍ୟକରିବ। ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ଶନିବାର ଏହା କହିଛନ୍ତି। ଆଇସିଟି ଭୁବନେଶ୍ୱର କ୍ୟାମ୍ପସରେ ପ୍ରକ୍ରିୟାକରଣ ଇଞ୍ଜିନିୟରିଂରେ ଏକଜିକ୍ୟୁଟିଭ ଏମ୍‌ଟେକ୍ ପ୍ରୋଗ୍ରାମର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ଡ.ଚାନ୍ଦ ଶିଳ୍ପ କାର୍ଯ୍ୟନିର୍ବାହୀଙ୍କ ପ୍ରଥମ ବ୍ୟାଚ୍‌କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଉଦ୍ୟୋଗ ଭିତ୍ତିକ ନିଯୁକ୍ତି ଲାଗି ଆଗଭର ହେବାକୁ ଏଥିରେ ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି।

ଚାନ୍ଦ କହିଛନ୍ତି, ସାରା ଦେଶରେ ଏଭଳି ପାଠ୍ୟକ୍ରମ ପ୍ରଥମଥର ଲାଗି ଆରମ୍ଭ ହୋଇଛି। ରାସାୟନିକ ଶିଳ୍ପ କ୍ଲଷ୍ଟର ସ୍ଥାପନକୁ ଆଇସିଟି ଭୁବନେଶ୍ୱର ପ୍ରୋତ୍ସାହନ କରୁଛି। ଏହା ରାଜ୍ୟର ଶିଳ୍ପ କ୍ଷେତ୍ର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ବିଶେଷ ଭାବେ ସହାୟକ ହୋଇ ପାରିବ। ସେହିଭଳି ରାଜ୍ୟରେ ରାସାୟନିକ ଶିଳ୍ପ ପାର୍କର ବିକାଶ ସମ୍ଭବ ବୋଲି ଚାନ୍ଦ କାର୍ଯ୍ୟକ୍ରମରେ ମତ ରଖିଛନ୍ତି।

ଉଦ୍ୟମଶୀଳତା ଅଭିଯାନ ଉପରେ ଏଥିରେ ଆଇସିଟି କୁଳପତି ପ୍ରଫେସର ଜି.ଡି. ଯାଦବ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଆଇସିଟି ଆଇଓସି ଭୁବନେଶ୍ୱର ନିର୍ଦ୍ଦେଶକ ବି.ଏନ୍. ଥୋରାଟ, ଆଇଓସିର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପିଏନ୍‌ବି ପରେ ଆଲ୍ଲାହାବାଦ ବ୍ୟାଙ୍କକୁ ଠକିଛି ଭୂଷଣ ପାୱାର

ନୂଆଦିଲ୍ଲୀ,୧୪-୭

ପିଏନ୍‌ବି ପରେ ଆଉ ଏକ ରାଷ୍ଟ୍ରାୟତ୍ତ ଆଲ୍ଲାହାବାଦ୍ ବ୍ୟାଙ୍କକୁ ଠକିଛି ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍। ଏହି କମ୍ପାନୀ ୧୭୭୫ କୋଟି ଟଙ୍କାର ଋଣ ଠକେଇ କରିଥିବା ନେଇ ବ୍ୟାଙ୍କ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିକଟରେ ଅଭିଯୋଗ କରାଯାଇଛି। ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ନିୟାମକୀୟ ସୂଚନାରେ ଆଲ୍ଲାହାବାଦ୍ ବ୍ୟାଙ୍କ ଦର୍ଶାଇଛି ଯେ, ଏହା ଫରେନ୍ସିକ ଅଡିଟ୍ ଯାଞ୍ଚର ନିଷ୍କର୍ଷ ଏବଂ ସିବିଆଇ ଦ୍ୱାରା ଦରଜ ହୋଇଥିବା ଏତଲା ଭିତ୍ତିରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ୧୭୭୪.୮୨ କୋଟି ଟଙ୍କାର ଋଣ ଠକେଇ କରିଥିବା ଜଣାପଡିଛି। ବ୍ୟାଙ୍କିଙ୍ଗ ପ୍ରଣାଳୀର ଦୁରୁପଯୋଗ କରି ଏହା ନେଇଥିବା ଋଣ ଅର୍ଥକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇଛି ବୋଲି ବ୍ୟାଙ୍କ ଅଭିଯୋଗ କରିଛି।

MCL
Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

GENERAL TENDER NOTICE FOR e-PROCUREMENT

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of MCL (https://coalindiatenders.nic.in) as well as on the Central Public Procurement portal of Govt. of India (http://eprocure.gov.in). Bids are to be submitted ONLINE on the above e- Procurement portal of MCL by enrolled Bidders. EMD can also be submitted online. Enrollment of Bidders on the e-Procurement portal of MCL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of MCL for enrollment and participation in Tenders.[Contact details: Tel.-0663-2542264/2542230/ 2542695 (available during office hours only); email- hlp-eproc.mcl@nic.in] R-4923

Give a missed call on toll free number 1800 200 3004 to get our Apps.

"Har sapne ke liye ek SIP sahi hai."
• Start an SIP for each goal
• Bigger the goal, more the monthly amount and time
MUTUAL FUNDS Sahi Hai
Visit mutualfundssahihai.com for more information | Follow Mutual Funds Sahi Hai on:
Mutual Fund investments are subject to market risks, read all scheme related documents carefully.
1102.2019B

# ଫାଇନାଲରେ ବୋଲର ପ୍ରଭାବୀ

**ଲଣ୍ଡନ,୧୪।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ଓ ଗତଥରର ରନର୍ସଅପ୍ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଛନ୍ତି। ଦୁଇ ଦଳ ପ୍ରଥମଥର ପାଇଁ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଟାଇଟଲ ମୁକାବିଲାରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଇଂଲଣ୍ଡ କ୍ୱାଲିଟି ବୋଲିଂର ସାମ୍ନା କରି ନ ପାରି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନମାନେ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ ଓ ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରିପାରି ନ ଥିଲା। ଫଳରେ ଓପନର ହେନରି ନିକୋଲ୍ସ ଅର୍ଦ୍ଧଶତକ ସହାୟତାରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୨୪୧ ରନ ସଂଗ୍ରହ କରିଥିଲା।

ମେଘୁଆ ପାଗରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ତରଫରୁ ଦୁଇ ଓପନର ମାର୍ଟିନ ଗୁପ୍ଟିଲ ଓ ନିକୋଲ୍ସ ଦେଖିଚାହିଁ ଆରମ୍ଭ କରିଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବା ଅଭିଜ୍ଞ ମାର୍ଟିନ ଗୁପ୍ଟିଲ ପ୍ରଥମେ ଆଉଟ ହୋଇଥିଲେ। ୧୮ ବଲରୁ ୨ ଚୌକା ଓ ୧ ଛକା ସହ ୧୯ ରନ କରିଥିବା ଗୁପ୍ଟିଲ କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ବ୍ୟାଟ୍‌ରେ ଏଜ୍ ନେଇଥିବା ଭାବି ସେ ରିଭ୍ୟୁ ନେଇଥିଲେ ମଧ୍ୟ କିଛି ଫଳ ହୋଇ ନ ଥିଲା। ଏଥିସହିତ ୱୋକ୍ସ ଫାଇନାଲର ପ୍ରଥମ ଉଇକେଟ ହାସଲ କରିଥିଲେ। ସାରା ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଇନ୍‌ଫର୍ମ ଅଧିନାୟକ କେନ୍ ୱିଲିୟମସନ ଅବଶ୍ୟ ଏହି ହାଇଭୋଲ୍‌ଟେଜ ନିର୍ଣ୍ଣାୟକ ମ୍ୟାଚ୍‌ରେ ଚମକ ଦେଖାଇବାରେ ବିଫଳ ହୋଇଥିଲେ। ଧିମା ଆରମ୍ଭ କରି ୫୩ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୩୦ ରନ କରିଥିବା ବେଳେ ସେ ଲିଅମ୍ ପ୍ଲଙ୍କେଟଙ୍କ ବଲ୍‌ରେ ଉଇକେଟକିପର ଜୋସ ବଟଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମେ ଅମ୍ପାୟର କୁମାର ଧରମସେନା ଆବେଦନକୁ ଖାରଜ କରିଥିଲେ। ଫଳରେ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ରିଭ୍ୟୁ ନେଇଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇଥିବା ଜଣାପଡିବା ପରେ ତୃତୀୟ ଅମ୍ପାୟର ଆଉଟ୍ ଘୋଷଣା କରିଥିଲେ। ଏଥିସହିତ ପ୍ଲଙ୍କେଟଙ୍କୁ ଏକ ବହୁମୂଲ୍ୟ ଉଇକେଟ ମିଳିଥିଲା। ଦ୍ୱିତୀୟ ଉଇକେଟରେ ୱିଲିୟମସନ ଓ ନିକୋଲ୍ସ ୭୪ ରନ ସଂଗ୍ରହ କରିଥିଲେ। ଏହାପରେ ୭୭ ବଲରୁ ୪ ଚୌକା ସହ ୫୫ରନର ଅର୍ଦ୍ଧଶତକୀୟ ପାଳି ଖେଳି ନିକୋଲ୍ସ ଆଉଟ ହୋଇଥିଲେ। ଲାଇନ୍‌ମିସ୍ କରି ନିକୋଲ୍ସ ପ୍ଲଙ୍କେଟଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଭାରତ ବିପକ୍ଷ ପ୍ରଥମ ସେମିଫାଇନାଲରେ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଅର୍ଜନ କରି ସ୍ଥିତି ସମ୍ଭାଳିଥିବା ଅଭିଜ୍ଞ ରସ୍ ଟେଲର ଫାଇନାଲରେ କିନ୍ତୁ ବିଫଳ ହୋଇଥିଲେ। ୩୧ଟି ବଲ୍ ଖେଳି ମାତ୍ର ୧୫ ରନ କରିଥିବା ବେଳେ ସେ ମାର୍କ ଉଡ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଟେଲର ଆକ୍ରସ ଦି ଲାଇନ ଖେଳିଥିଲେ ଓ ଲେଗ୍ ଷ୍ଟମ୍ପ ସମ୍ମୁଖରେ ବଲ୍ ଆଗ ଗୋଡରେ ବାଜିଥିଲା। ଜେମ୍ସ ନିଶାମ ମଧ୍ୟ ଚମକ ଦେଖାଇବାରେ ବିଫଳ ହୋଇଥିଲେ। ସେ ୨୫ଟି ବଲ ଖେଳି ୩ ଚୌକା ସହ ୧୯ ରନ କରିଥିବା ବେଳେ ମିଡ୍‌ଅନ୍ ଉପରେ ବଡ଼ ଶଟ୍ ଖେଳିବାକୁ ପ୍ରୟାସ କରି ଜୋ ରୁଟ୍‌ଙ୍କୁ କ୍ୟାଚ୍ ଦେଇ ପ୍ଲଙ୍କେଟଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ପାଳି ପଡିଥିଲା କଲିନ୍ ଡି ଗ୍ରାଣ୍ଡହୋମଙ୍କର। ସେ ମନ୍ଥର ବ୍ୟାଟିଂ କରି ୨୮ ବଲରୁ ୧୬ ରନ କରିଥିବା ବେଳେ ୱୋକ୍ସଙ୍କ ବଲ୍‌ରେ ମିଡ୍‌ଅନ୍‌କୁ ଜୋରଦାର ଶଟ୍ ଖେଳିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇ ମିଡ୍ ଅଫ୍ ଅଞ୍ଚଳକୁ ଯାଇଥିଲା ଓ ବଦଳ ଖେଳାଳି ଜେମ୍ସ ଭିନ୍ସ ସହଜ କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ୨ ଚୌକା ଓ ୧ ଛକା ସହ ୫୬ ବଲରୁ ୪୭ ରନ କରିଥିବା ବେଳେ ୱୋକ୍ସଙ୍କ ଏକ ଅଫ୍ ଷ୍ଟମ୍ପ ବାହାରର ସ୍ଲୋ ଫୁଲ ଲେନ୍ଥ ବଲ୍‌କୁ ମିଡ ଅଫ୍ ଉପର ଦେଇ ମାରିବାକୁ ଚେଷ୍ଟା କରିଥିଲେ। ବଲ୍ କିନ୍ତୁ ବ୍ୟାଟ୍‌ର ନିମ୍ନରେ ବାଜିଥିଲା ଓ ଭିନ୍ସ ତାଙ୍କ କ୍ୟାଚ ନେଇଥିଲେ। ଫଳରେ ଅର୍ଦ୍ଧଶତକ ହାସଲଠାରୁ ଲଥାମ ୩ ରନ ଦୂରରେ ରହିଯାଇଥିଲେ। ଷଷ୍ଠ ଉଇକେଟରେ ଲଥାମ ଓ ଗ୍ରାଣ୍ଡହୋମ୍ ଗୁରୁତ୍ୱପୂର୍ଣ୍ଣ ୪୬ ରନ ସଂଗ୍ରହ କରିଥିଲେ। ଶେଷରେ ମ୍ୟାଟ୍ ହେନରି ୧ ରନ କରିଥିବା ବେଳେ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଷ୍ଟମ୍ପ ଉପରର ଫୁଲ୍ ଟସ୍‌ରେ ଲାଇନ୍ ମିସ୍ କରି କ୍ଲିନ୍ ବୋଲ୍ଡ ହୋଇଥିଲେ। ମିଚେଲ ସାଣ୍ଟନର ୫ ଓ ଟ୍ରେଣ୍ଟ ବୋଲ୍ଟ ୧ ରନ କରି ଅପରାଜିତ ରହିଥିଲେ।

ଏକଦା ଗୋଟିଏ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ୧୦୩ ରନ ସଂଗ୍ରହ କରି ଦୃଢ ସ୍ଥିତିରେ ରହିଥିଲା। ତେବେ ନିୟମିତ ଉଇକେଟ ହରାଇ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଇଂଲଣ୍ଡ ବୋଲରମାନେ ଭଲ ବୋଲିଂ କରିଥିଲେ ମଧ୍ୟ ଫାଇନାଲ ଭଳି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅତିରିକ୍ତ ୩୦ ରନ ବ୍ୟୟ କରିଥିଲେ। ଏଥିରେ ୧୭ଟି ୱାଇଡ, ଗୋଟିଏ ନୋ ବଲ ଓ ୧୨ଟି ଲେଗ ବାଇ ସାମିଲ। ବୋଲିଂରେ ୱୋକ୍ସ ଓ ପ୍ଲଙ୍କେଟ ୩ଟି ଲେଖାଏ, ଆର୍ଚର ଓ ଉଡ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୱୋକ୍ସ ଚମତ୍କାର ବୋଲିଂ କରି ମାତ୍ର ୩୭ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ପ୍ଲଙ୍କେଟ ୩ ଉଇକେଟ ନେବା ପାଇଁ ୪୨ ରନ ବ୍ୟୟ କରିଥିଲେ।


ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କୁ ଆଉଟ୍ କଲା ପରେ ଖୁସି ମନାଉଛନ୍ତି ଇଂଲଣ୍ଡ ଖେଳାଳି ।

## ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**
ଗୁପଟିଲ-ଏଲବିଡବଲ୍ୟୁ-ୱୋକ୍ସ-୧୯
ନିକୋଲ୍ସ-ବୋ-ପ୍ଲଙ୍କେଟ-୫୫
ୱିଲିୟମସନ-କ-ବଟଲର-ବୋ-ପ୍ଲଙ୍କେଟ-୩୦
ଟେଲର-ଏଲବିଡବଲ୍ୟୁ-ଉଡ୍-୧୫
ଲାଥାମ-କ-ଭିନ୍ସ(ଅ)-ବୋ-ୱୋକ୍ସ-୪୭
ନିଶାମ-କ-ରୁଟ୍-ବୋ-ପ୍ଲଙ୍କେଟ-୧୯
ଗ୍ରାଣ୍ଡହୋମ-କ-ଭିନ୍ସ(ଅ)-ବୋ-ୱୋକ୍ସ-୧୬
ସାଣ୍ଟନର-ନଟଆଉଟ-୫
ହେନରି-ବୋ-ଆର୍ଚର-୪
ବୋଲ୍ଟ-ନଟଆଉଟ-୧
ଅତିରିକ୍ତ-୩୦
ମୋଟ(୮ ଉଇକେଟ, ୫୦ ଓଭର) ୨୪୧।
ଉଇକେଟ ପତନ: ୧/୨୯, ୨/୧୦୩, ୩/୧୧୮, ୪/୧୪୧, ୫/୧୭୩, ୬/୨୧୯, ୭/୨୩୨, ୮/୨୪୦।

**ବୋଲିଂ(ଇଂଲଣ୍ଡ)**
ୱୋକ୍ସ ୯-୦-୩୭-୩
ଆର୍ଚର ୧୦-୦-୪୨-୧
ପ୍ଲଙ୍କେଟ ୧୦-୦-୪୨-୩
ଉଡ୍ ୧୦-୧-୪୯-୧
ରଶିଦ ୮-୦-୩୯-୦
ଷ୍ଟୋକ୍ସ ୩-୦-୨୦-୦।

## ୱିଲିୟମସନଙ୍କ ରେକର୍ଡ

**ଲଣ୍ଡନ,୧୪।୭(ପିଟି)**

ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ରବିବାର ସ୍ୱତନ୍ତ୍ର ବିଶ୍ୱକପ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ୩୦ ରନ୍‌ର ଇନିଂସ ଖେଳିବା ଅବସରରେ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ଅଧିନାୟକ ଭାବେ ସର୍ବାଧିକ ରନ୍ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ସେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ମାହେଲା ଜୟବର୍ଦ୍ଧନେଙ୍କୁ ଅତିକ୍ରମ କରିଛନ୍ତି। ଜୟବର୍ଦ୍ଧନେ ୨୦୦୭ ସଂସ୍କରଣରେ ୫୪୮ ରନ୍ କରିଥିଲେ। ୱିଲିୟମସନ ଚଳିତ ବିଶ୍ୱକପ୍‌ରେ ମୋଟ ୫୭୮ ରନ୍ କରି ଅଭିଯାନ ଶେଷ କରିଛନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ (୫୩୯ ରନ୍, ୨୦୦୭ ସଂସ୍କରଣ), ଆରୋନ ଫିଞ୍ଚ (୫୦୭ ରନ୍, ୨୦୧୯ ସଂସ୍କରଣ) ଓ ଏବି ଡିଭିଲର୍ସ (୪୮୨ ରନ୍, ୨୦୧୫)ଙ୍କ ଭଳି ଖେଳାଳି ଟପ୍ ୫ ମଧ୍ୟରେ ରହିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍‌ରେ ୪୬୫ ରନ୍ କରିଥିଲେ। ସେ ଅଧିନାୟକ ଭାବେ ବିଶ୍ୱକପ୍‌ରେ ସର୍ବାଧିକ ରନ୍ କରିଥିବା ଖେଳାଳିଙ୍କ ତାଲିକାରେ ୬ଷ୍ଠ ସ୍ଥାନରେ ରହିଛନ୍ତି।

| ଅଧିନାୟକ ଭାବେ ସର୍ବାଧିକ ରନ |
|---|
| ୫୭୮: କେନ୍ ୱିଲିୟମସନ(ନ୍ୟୁଜିଲାଣ୍ଡ), ୨୦୧୯ |
| ୫୪୮: ମାହେଲା ଜୟବର୍ଦ୍ଧନେ(ଶ୍ରୀଲଙ୍କା), ୨୦୦୭ |
| ୫୩୯: ରିକି ପଣ୍ଟିଂ(ଅଷ୍ଟ୍ରେଲିଆ), ୨୦୦୭ |
| ୫୦୭: ଆରୋନ ଫିଞ୍ଚ(ଅଷ୍ଟ୍ରେଲିଆ), ୨୦୧୯ |

## ୨୦୧୯ ବିଶ୍ୱକପରେ ଇଂଲଣ୍ଡ ବୋଲରଙ୍କ ରେକର୍ଡ

| | |
|---|---|
| ୨୦: ଜୋଫ୍ରା ଆର୍ଚର, ୨୦୧୯ | |
| ୧୮: ମାର୍କ ଉଡ୍, ୨୦୧୯ | |
| ୧୬: କ୍ରିସ୍ ୱୋକ୍ସ, ୨୦୧୯ | |
| ୧୬: ଇଆନ ବୋଥାମ, ୧୯୯୨ | |
| ୧୪:ଆଣ୍ଡ୍ରୁ ଫ୍ଲିଣ୍ଟଫ, ୨୦୦୭ | |

ଆଇସିସି ବିଶ୍ୱକପ-୨୦୧୯ରେ ଇଂଲଣ୍ଡ ବୋଲରମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଜୋଫ୍ରା ଆର୍ଚର ଦଳ ପକ୍ଷରୁ ସର୍ବାଧିକ ୨୦ଟି ଉଇକେଟ ନେଇଛନ୍ତି। କୌଣସି ଗୋଟିଏ ବିଶ୍ୱକପରେ ଏତେ ସଂଖ୍ୟକ ଉଇକେଟ ନେବା ଏହା ପ୍ରଥମ। କେବଳ ଆର୍ଚର ନୁହନ୍ତି ମାର୍କ ଉଡ୍ ୧୮ଟି ଏବଂ କ୍ରିସ୍ ୱୋକ୍ସ ୧୬ଟି ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ଇଆନ ବୋଥାମଙ୍କ ନାମରେ ଥିଲା। ୧୯୯୨ ବିଶ୍ୱକପରେ ବୋଥାମ ୧୬ଟି ଉଇକେଟ ନେଇ ରେକର୍ଡର ଅଧିକାରୀ ଥିଲେ।

## ହେଲିକପ୍ଟରରୁ ଡେଇଁ ଅମ୍ପାୟରଙ୍କୁ ମ୍ୟାଚ୍ ବଲ୍ ଦେଲା ରେଡ୍ ଡେଭିଲ୍ସ

**ଲଣ୍ଡନ, ୧୪।୭**

ଆୟୋଜକ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଆରମ୍ଭ ପୂର୍ବରୁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଆଖି ଝଲସିଲା ଭଳି କିଛି ଦୃଶ୍ୟ ଦେଖିବାକୁ ପାଇଥିଲେ। ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଏହି ସମୟରେ ବ୍ରିଟିଶ ଆର୍ମିର ପାରାଚ୍ୟୁଟ୍ ରେଜିମେଣ୍ଟ 'ରେଡ୍ ଡେଭିଲ୍ସ' ଟିମ୍‌ର ଦୁଇ ସଦସ୍ୟ ଆକାଶରୁ ଓହ୍ଲାଇ ଅମ୍ପାୟରଙ୍କୁ ମ୍ୟାଚ୍‌ରେ ଖେଳାଯିବାକୁ ଥିବା ବଲ୍ ପ୍ରଦାନ କରିବା ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲା। ରେଡ୍ ଡେଭିଲ୍ସ ଟିମ୍‌ର ଏହି ୨ ସଦସ୍ୟ ହେଲିକପ୍ଟରରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡକୁ ଲମ୍ଫ ପ୍ରଦାନ କରି ପାରାଚ୍ୟୁଟ ସହାୟତାରେ ଓହ୍ଲାଇଥିଲେ। ଏହାପରେ ରେଡ୍ ଡେଭିଲ୍ସ ଟିମ୍‌ର ଏହି ୨ ସଦସ୍ୟ ମ୍ୟାଚ୍ ପରିଚାଳନା ଦାୟିତ୍ୱ ତୁଲାଇବାକୁ ଥିବା ସିଂହଳୀ ଅମ୍ପାୟର କୁମାର ଧର୍ମସେନାଙ୍କ ନିକଟରକୁ ଯାଇ ବଲ୍ ପ୍ରଦାନ କରିଥିଲେ।

**କିମ୍ବଦନ୍ତୀଙ୍କ ସମାହାର**



ମ୍ୟାଚ ପୂର୍ବରୁ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନଙ୍କ ସହ କରମର୍ଦ୍ଦନ କରୁଛନ୍ତି ସଚିନ ତେନ୍ଦୁଲକର। ବ୍ରାଇନ ଲାରା ଓ ଶେନ ୱର୍ନ।


ଟ୍ରାଫାଲଗାର ସ୍କୋୟାରରେ ଦର୍ଶକମାନେ ବଡ଼ ସ୍କ୍ରିନ୍ ମାଧ୍ୟମରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଫାଇନାଲକୁ ଉପଭୋଗ କରୁଛନ୍ତି।

## ସଂକ୍ଷେପରେ

### ଜୁନିୟର ଶୁଟିଂ ବିଶ୍ୱକପ୍ ଦ୍ୱିତୀୟ ଦିବସରେ ଭାରତକୁ ୬ ପଦକ


ନୂଆଦିଲ୍ଲୀ, ୧୪।୭ (ପି.ଟି.): ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ୱାର୍ଲ୍ଡ କପ୍ ରାଇଫଲ/ପିସ୍ତଲ/ଶଟ୍‌ଗନ୍ ଚାମ୍ପିୟନଶିପ୍‌ରେ ରବିବାର ଦ୍ୱିତୀୟ ଦିବସରେ ଭାରତ ଦୁଇ ସ୍ୱର୍ଣ୍ଣ ସମେତ ୬ଟି ପଦକ ହାସଲ କରିଛି। ଫଳରେ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଭାରତର ମୋଟ ପଦକ ସଂଖ୍ୟା ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ୧୧ରେ ପହଞ୍ଚିଛି। ରବିବାର ଅନୁଷ୍ଠିତ ପୁରୁଷ ୫୦ ମିଟର ପିସ୍ତଲରେ ଭାରତର ଗୌରବ ରାଣା ଏବଂ ଅର୍ଜୁନ ସିଂ ଚିମା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ରାଣା ୬୦ ଶଟ୍‌ପରେ ୫୫୩ ସ୍କୋର କରିଥିବାବେଳେ ଚିମା ୫୫୧ ସହ ଦ୍ୱିତୀୟ ହୋଇଥିଲେ। ଏହି ଦୁଇଜଣ ବିଜୟବୀର ସିଦ୍ଧୁ (୫୪୭)ଙ୍କ ସହିତ ମୋଟ ୧୬୫୧ ସ୍କୋର କରି ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତିଯୋଗିତାରେ ବିଜୟବୀରଙ୍କର ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଶନିବାର ପ୍ରଥମ ଦିବସରେ ସେ ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ମହିଳା ୫୦ ମିଟର ପିସ୍ତଲରେ ପ୍ରିୟା ରାଘବନ ୫୩୫ ସ୍କୋର କରିବା ସହ ରୌପ୍ୟ ଓ ବିଭୂତି ଭାଟିଆ ୫୩୧ ପଏଣ୍ଟ ସହ ବ୍ରୋଞ୍ଜ ପାଇଥିଲେ। ଏହି ଦୁଇଜଣ ଆହୁରି ମଧ ହର୍ଷଦା ନିଥାଭେ (୪୯୧)ଙ୍କ ସହ ମୋଟ ୧୫୫୭ ସ୍କୋର କରି ଟିମ୍ ରୌପ୍ୟ ଜିତିଥିଲେ।

### ପୁଣି ବଢ଼ିବ ଆଇପିଏଲ ଦଳ ସଂଖ୍ୟା

ମୁମ୍ବାଇ,୧୪।୭: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ ସଂଖ୍ୟା ପୁଣି ଥରେ ବୃଦ୍ଧିପାଇବାର ସମ୍ଭାବନା ସୃଷ୍ଟି ହାଇଛି। ଅହମ୍ମଦାବାଦ୍‌ର ଆଦାନୀ ଗ୍ରୁପ, ପୁଣେର ଆରପିଜି ସଞ୍ଜୀବ ଗୋୟଙ୍କା ଗ୍ରୁପ, ରାଞ୍ଚି-ଜାମସେଦପୁରର ଟାଟାଙ୍କ ସହ ଅନ୍ୟ କିଛି କର୍ପୋରେଟ ହାଉସ ଆଇପିଏଲ ଫ୍ରାଞ୍ଚାଇଜ କିଣିବାକୁ ଇଚ୍ଛୁକ। ଏଣୁ ପୁଣି ଥରେ ଆଇପିଏଲ ଦଳ ସଂଖ୍ୟା ୮ରୁ ୧୦ ବୃଦ୍ଧି କରାଯାଇପାରେ। ୮ ବର୍ଷ ପୂର୍ବେ ଅର୍ଥାତ୍ ୨୦୧୧ରେ ବିସିସିଆଇ ସମାନ କାର୍ଯ୍ୟ କରିଥିଲା। ବହୁ ବିବାଦ ଉପୁଜିବାରୁ ଦୁଇ ବର୍ଷ ମଧ୍ୟରେ ବିସିସିଆଇ ନିଷ୍ପତ୍ତି ବଦଳାଇଥିଲା। ଏହାସତ୍ତ୍ୱେ ବିସିସିଆଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି।



ଆଇସିସି ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ବିପକ୍ଷ ପରାଜୟ ଆମକୁ ହତୋତ୍ସାହିତ କରିବା ପରିବର୍ତ୍ତେ ଜାଗ୍ରତ କରାଇ ଦେଇଥିଲା
–ଜାସନ ରୟ, ଇଂଲଣ୍ଡ କ୍ରିକେଟର



ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ କ୍ରିକେଟ ଦଳ ପାଇଁ ବହୁ ମୂଲ୍ୟବାନ ସେମାନଙ୍କର ଠିକଣା ଉପଯୋଗ ଆବଶ୍ୟକ।
–ଗୌତମ ଗମ୍ଭୀର, ପୂର୍ବତନ କ୍ରିକେଟର





ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଭିତରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯାଇଛି।

# ଆଜି ପହଞ୍ଚିବେ ୫ ଦଳ: ମଙ୍ଗଳବାର ଅଭ୍ୟାସ

## ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍

କଟକ ଅଫିସ,୧୪।୭

ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ୨୧ତମ ସଂସ୍କରଣ ନିମନ୍ତେ ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ପ୍ରତିଯୋଗିତା ସ୍ଥଳର ପାରିପାର୍ଶ୍ୱିକ ପରିସ୍ଥିତି ମଧ ଏହି ବଡ଼ ଟୁର୍ନାମେଣ୍ଟ ନିମନ୍ତେ ପ୍ରସ୍ତୁତ ହୋଇସାରିଲାଣି । ଅଳ୍ପ କିଛି କାମ ବାକି ରହିଛି, ଯାହା ଖୁବ କମ ସମୟରେ ଶେଷ ହୋଇଯିବ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ ରବିବାର ପରିଦର୍ଶନ କରିବା ଅବସରରେ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ୫ଟି ଦଳ ଭୁବନେଶ୍ୱରରେ ପହଞ୍ଚିବେ। ଏହି ଦଳଗୁଡ଼ିକ ହେଲା ୱେଲସ୍, ଇଂଲଣ୍ଡ, ଦକ୍ଷିଣଆଫ୍ରିକା, ଅଷ୍ଟ୍ରେଲିଆ ଓ ମାଲେସିଆ । ଖେଳାଳିମାନଙ୍କ ରହଣି ନିମନ୍ତେ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ ଓ ସ୍ୟାଣ୍ଡିସ ଟାୱାରରେ ବ୍ୟବସ୍ଥା ହୋଇଛି। ମ୍ୟାଚ୍ ଅଫିସିଆଲମାନଙ୍କ ନିମନ୍ତେ ଗୋପାଳପୁରସ୍ଥିତ ପାଲ ହାଇଟ୍ସ ମନ୍ତ୍ରାରେ ହୋଇଛି ରହଣୀ ବ୍ୟବସ୍ଥା। ମଙ୍ଗଳବାର ବଳକା ଦଳଗୁଡ଼ିକ ପହଞ୍ଚିବା ସହ ଅଭ୍ୟାସ ନିମନ୍ତେ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସଚିନ ତେନ୍ଦୁଲକର ଇନଡୋର ହଲକୁ ଆସିବେ। ସଚିନ ତେନ୍ଦୁଲକର ଇନଡୋର ହଲରେ ମଧ ପ୍ରସ୍ତୁତି ଶେଷ ହୋଇଛି। ରବିବାର ପରିଦର୍ଶନ ସମୟରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଆର୍ . ଭିନୀଲ କ୍ରୀଷ୍ଣା, ଜିଲାପାଳ ଭବାନୀ ଶଙ୍କର ଚଇନି, ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ପହଞ୍ଚିଲା ପ୍ରତିଯୋଗିତା ଟେବୁଲ

ପ୍ରତିଯୋଗିତା ସ୍ଥାନରେ ରବିବାର ଅନ୍ତର୍ଜାତୀୟ ସ୍ତରର ଟେବୁଲ ପହଞ୍ଚିଛି । ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଭିତରେ ମୋଟ ୧୧ଟି ଟେବୁଲ ପଡ଼ିବ। ଏହା ଭିତରୁ ୭ଟିରେ ପ୍ରତିଯୋଗିତା ହେବା ବେଳେ ୪ଟି ଟେବୁଲ ମ୍ୟାଚ୍ ପୂର୍ବର ପ୍ରସ୍ତୁତି ନିମନ୍ତେ ଖେଳାଳିମାନେ ବ୍ୟବହାର କରିପାରିବେ । ଅନ୍ୟପକ୍ଷରେ ସଚିନ ତେନ୍ଦୁଲକର ଇନଡୋର ହଲରେ ଅଭ୍ୟାସ ନିମନ୍ତେ ୬ଟି ଟେବୁଲ ପକାଯିବ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି ।

### ଭାରତୀୟ ଦଳ ଘୋଷିତ

ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ରବିବାର ଉଭୟ ପୁରୁଷ ଓ ମହିଳା ଭାରତୀୟ ଦଳ ଘୋଷଣା କରାଯାଇଛି। ଘରୋଇ ପରିବେଶରେ ଭାରତ ଅଧିକ ପଦକ ଜିତିବାର ଆଶା ଏଥର ରହିଛି ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି । ପୁରୁଷ ଦଳରେ ଅଛନ୍ତି ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ା–୨୦୦୬ ସଂସ୍କରଣର ସ୍ୱର୍ଣ୍ଣ ପଦକ ବିଜେତା ଏ. ଶରଥ କମଲ । ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୩୨ତମ ସ୍ଥାନରେ ଥିବା ଶରଥ ଉଦ୍‌ଘାଟନୀ ଦିବସରେ ଖେଳାଯିବାକୁ ଥିବା ପୁରୁଷ ଦଳଗତ ବିଭାଗ ତଥା ହୋମ ଆସୋସିଏଶନ କପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ । ଅଭିଜ୍ଞ ତଥା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୪ତମ ସ୍ଥାନରେ ଥିବା ଜି. ସାଥିୟାଁ ମଧ ଏହି ଦଳରେ ଅଛନ୍ତି । ଏହାଛଡ଼ା ଏ. ଅମଲରାଜ, ହରମିତ ଦେଶାଇ, ମାନଭ ଠାକର ଭାରତୀୟ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି । ଭାରତୀୟ ଟେବୁଲ ଟେନିସ କ୍ରୀଡ଼ାର ଗୋଲ୍ଡେନ ଗାର୍ଲ କୁହାଯାଉଥିବା ମନିକା ବାତ୍ରାଙ୍କ ନେତୃତ୍ୱରେ ଭାଗ ନେବ ଜାତୀୟ ମହିଳା ଦଳ। ଗତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ମନିକାଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହି ଆସିଛି । ମହିଳା ଦଳରେ ମଧୁରିକା ପାଟକର, ସୁତୀର୍ଥ ମୁଖାର୍ଜୀ, ଅର୍ଚ୍ଚନା କାମାଥ, ଆହିକା ମୁଖାର୍ଜୀ ରହିଛନ୍ତି ।

**ଭାରତୀୟ ଦଳ**

| ପୁରୁଷ | ମହିଳା |
|---|---|
| ଏ ଶରଥ କମଲ | ମନିକା ବାତ୍ରା |
| ଜି ସାଥିୟାଁ | ମାଧୁରିକା ପାଟକର |
| ଏ ଅମଲରାଜ | ସୁତୀର୍ଥ ମୁଖାର୍ଜୀ |
| ମାନଭ ଠାକର | ଅର୍ଚ୍ଚନା କାମାଥ |
| ହରମୀତ ଦେଶାଇ | ଆହିକା ମୁଖାର୍ଜୀ |

| ୭ ବିଭାଗରେ ହେବ ପ୍ରତିଯୋଗିତା |
|---|
| ହୋମ ଆସୋସିଏଶନ କପ୍ (ପୁରୁଷ ଦଳଗତ ବିଭାଗ) |
| ଇଣ୍ଡିଆ କପ୍ (ମହିଳା ଦଳଗତ ବିଭାଗ) |
| ସିଙ୍ଗାପୁର କପ୍(ପୁରୁଷ ସିଙ୍ଗଲ୍ସ ବିଭାଗ) |
| ଓସେନିଆ କପ୍(ମହିଳା ସିଙ୍ଗଲ୍ସ) |
| ହଂକଂ କପ୍(ପୁରୁଷ ଡବଲ୍ସ) |
| କାନାଡା କପ(ମହିଳା ଡବଲ୍ସ) |
| ଗର୍ନସି କପ୍( ମିକ୍ସଡ ଡବଲ୍ସ) |

# ଭିନେଶଙ୍କୁ ଲଗାତର ୨ୟ ସ୍ୱର୍ଣ୍ଣ

ଇସ୍ତାନବୁଲ, ୧୪।୭ (ପି.ଟି.)



ଖୁସି ମୁହୂର୍ତ୍ତରେ ଭିନେଶ ଫୋଗଟ୍ (ମଝି) ।

ତାରକା ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ଏଠାରେ ଚାଲିଥିବା ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୫୩ କିଗ୍ରା ବିଭାଗରେ ଭିନେଶ ୯–୫ରେ ରୁଷିଆର ଏକଟ୍ରିନା ପୋଲେଶ୍ଚୁକଙ୍କୁ ପରାସ୍ତ କରି ପୋଡିୟମ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଭିନେଶଙ୍କ ଏହା ୨ୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ଗତ ସପ୍ତାହରେ ସ୍ପେନରେ ଅନୁଷ୍ଠିତ ହୋଇଥିବା ଗ୍ରାଁପ୍ରି ଟୁର୍ନାମେଣ୍ଟରେ ମଧ ସେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏକଟ୍ରିନାଙ୍କୁ ହରାଇବା ପରେ ଭିନେଶ ମହିଳା ବିଭାଗରେ ଭାରତ ପାଇଁ ୩ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ୫୦ କିଗ୍ରା ବର୍ଗରେ ସୀମା ଓ ୫୯ କିଗ୍ରାରେ ମଞ୍ଜୁ ପୋଡିୟମ ଶୀର୍ଷରେ ରହିଥିଲେ।

ସେହିଭଳି ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ସାକ୍ଷୀ ମଲିକ କିନ୍ତୁ ପଦକ ରାଉଣ୍ଡକୁ ପ୍ରବେଶ କରିବାରେ ବଞ୍ଚିତ ହୋଇଛନ୍ତି। ପ୍ରି–କ୍ୱାର୍ଟର ଫାଇନାଲରେ ହାରିଥିବା ସାକ୍ଷୀଙ୍କୁ ବ୍ରୋଞ୍ଜ ପଦକ ମ୍ୟାଚ୍ ପାଇଁ ସୁଯୋଗ ମିଳିଥିଲା। କିନ୍ତୁ ରିପେଜ୍ ରାଉଣ୍ଡରେ ମଧ ସେ ରୁଷିଆର ଉଲିଆନ ଟୁକୁରନୋଭାଙ୍କଠାରୁ ହାରି ନିରାଶ କରିଥିଲେ। ପୁରୁଷ ଫ୍ରି–ଷ୍ଟାଇଲରେ ରାହୁଲ ଆୱରେ ୬୧ କିଗ୍ରା ଓଜନ ବର୍ଗରେ ୪–୧ରେ ତୁର୍କୀର ମୁନିର ଅକତାସଙ୍କୁ ହରାଇ କ୍ୟାରିୟରର ପ୍ରଥମ ର୍‍ୟାଙ୍କିଙ୍ଗ ସିରିଜ ଟାଇଟଲ ଜିତିଛନ୍ତି। ଦୀପକ ପୁନିଆ (୮୬ କିଗ୍ରା)ରୌପ୍ୟ ଏବଂ ସୁମିତ୍ (୧୨୫ କିଗ୍ରା) ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି।

# ଅପରାଜେୟ ବିଜେନ୍ଦର

ନେବାର୍କ,୧୪।୭ (ପି.ଟି.)



ଭାରତୀୟ ତାରକା ପେସାଦାର ବକ୍ସର ବିଜେନ୍ଦର ସିଂ ଗୋଟିଏ ପରେ ଗୋଟିଏ ମୁକାବିଲା ଜିତି ପେସାଦାର ସର୍କିଟରେ ଅପରାଜେୟ ରହିବାରେ ସଫଳ ହୋଇଛନ୍ତି। ବିଜୟ ସହ ସେ ଆମେରିକା ପେସାଦାର ବକ୍ସିଂ ସର୍କିଟରେ ପଦାର୍ପଣ କରିଛନ୍ତି। ଆମେରିକାର ନ୍ୟୁଜର୍ସି ପ୍ରୋଭିନ୍ସର ନେବାର୍କ ସହରରେ ଶନିବାର ମଧ ରାତ୍ରିରେ ଖେଳାଯାଇଥିବା ମୁକାବିଲାରେ ବିଜେନ୍ଦର ନିଜଠାରୁ ଯଥେଷ୍ଟ ଅଭିଜ୍ଞ ବକ୍ସର ମାଇକ୍ ସ୍ନାଇଡରଙ୍କୁ ଟେକନିକାଲ ନକ୍‌ଆଉଟ୍ ଜରିଆରେ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ସୁପର ମିଡଲୱେଟ୍ ବାଉଟ୍‌ରେ ହରିୟାଣାର ୩୩ ବର୍ଷୀୟ ବକ୍ସର ବିଜେନ୍ଦର ୪ ରାଉଣ୍ଡରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟ ହାସଲ କରିଛନ୍ତି। ଏଥିସହିତ ପେସାଦାର ବକ୍ସିଂରେ ସେ କ୍ରମାଗତ ୧୧ତମ ବିଜୟ ହାସଲ କରି ଅପରାଜେୟ ରହିଛନ୍ତି। ଦୀର୍ଘଦିନ ପରେ ବକ୍ସିଂ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିବାରୁ ବହୁତ ଖୁସି ବୋଲି ବାଉଟ୍ ପରେ ବିଜେନ୍ଦର କହିଛନ୍ତି। ଏହି ମୁକାବିଲା ବେଶ୍ ରୋମାଞ୍ଚକ ଥିଲା। ଆମେରିକାରେ ପଦାର୍ପଣ ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ସେ ସନ୍ତୋଷ ପ୍ରକଟ କରିଛନ୍ତି।

ଚତୁର୍ଥ ରାଉଣ୍ଡର ଦ୍ୱିତୀୟ ମିନିଟ୍‌ରେ ସେ ବିଜୟୀ ହୋଇଥିଲେ। ବିଜେନ୍ଦର ସ୍ନାଇଡରଙ୍କୁ ଲଗାତର ସିଧା ପଞ୍ଚ୍‌ରେ ପରାସ୍ତ କରିଥିଲେ। ଫଳରେ ବିଜେନ୍ଦରଙ୍କୁ ବିଜୟୀ ଘୋଷିତ କରିବା ପାଇଁ ରେଫରି ବାଧ୍ୟ ହୋଇଥିଲେ। ୨ କିମ୍ବା ୩ ରାଉଣ୍ଡରେ କାମ ଶେଷ କରିବି ବୋଲି ଭାବିଥିଲି। ତେବେ ଶେଷରେ ୪ ରାଉଣ୍ଡ ଲାଗିଥିଲା। ଏହା ବିଜେନ୍ଦରଙ୍କ ଅଷ୍ଟମ ନକ୍‌ଆଉଟ୍ ବିଜୟ ସାବ୍ୟସ୍ତ ହୋଇଛି।

# ତୁର୍କୀ ଟୁର୍‌ରେ ଯିବ ଭାରତ

ନୂଆଦିଲ୍ଲୀ, ୧୪।୭ (ପି.ଟି.)

ଭାରତୀୟ ୧୯ବର୍ଷରୁ କମ୍ ଫୁଟ୍‌ବଲ ଦଳ ତୁର୍କୀ ଟୁର୍‌ରେ ଯିବ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏଏଫ୍‌ସି ୧୯ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଲାଗି ପ୍ରସ୍ତୁତିର ଅଂଶବିଶେଷ ସ୍ୱରୂପ ଏହି ଟୁର୍‌ର ଆୟୋଜନ କରଯାଇଛି। ତୁର୍କୀ ଟୁର୍ ବେଳେ ଭାରତ ଚଳିତ ମାସ ୧୯ରୁ ୨୭ ମଧ୍ୟରେ ଜୋର୍ଡାନ୍ ଓ ଓମାନର ୧୯ବର୍ଷରୁ କମ୍ ଜାତୀୟ ଦଳ ସହିତ ଏବଂ କାର୍ଟେପେଠାରେ ସ୍ଥାନୀୟ କ୍ଲବ କୋକାଲିସ୍‌ପର ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ମୁଖ୍ୟ କୋଚ୍ ଫ୍ଲୋଏଡ୍ ପିଣ୍ଟୋ କହିଛନ୍ତି, ଆମେ ଯଥାସମ୍ଭବ ଅଧିକ ଅନ୍ତର୍ଜାତୀୟ ମାଚ ଖେଳିବା ଯୋଜନା କରିଛୁ। ଏହା ଦ୍ୱାରା ଆମ ପ୍ରଦର୍ଶନରେ ଉନ୍ନତି ଘଟିବ। ପଶ୍ଚିମ ଏସୀୟ ଦେଶ ଦଳଗୁଡ଼ିକ ବିପକ୍ଷରେ ପରିଖିନେବା କ୍ଷେତ୍ରରେ ତୁର୍କୀ ଟୁର୍ ଆମ ପାଇଁ ଏକ ଉତ୍ତମ ପ୍ଲାଟଫର୍ମ। ଆସନ୍ତା ନଭେମ୍ବରରେ ୧୯ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଏହାପୂର୍ବରୁ ଶ୍ରେଷ୍ଠ ଦଳ ଗଢ଼ିବାକୁ ହେବ। ଦଳର ଖେଳ ଷ୍ଟାଇଲକୁ ସୁଦୃଢ କରିବାକୁ ହେବ ବୋଲି ସେ କହିଛନ୍ତି।

# ହାମିଲଟନଙ୍କୁ ରେକର୍ଡ ଟାଇଟଲ

ସିଲ୍‌ଭରଷ୍ଟୋନ୍, ୧୪।୭



ମର୍ସିଡିଜର ଲୁଇସ୍ ହାମିଲଟନ ରେକର୍ଡ ୬ଷ୍ଠ ଥର ବ୍ରିଟିଶ ଫର୍ମୁଲାୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଏଠାରେ ଜିମ୍ କ୍ଲାର୍କ ଏବଂ ଆଲେନ୍ ପ୍ରୋଷ୍ଟ୍ସ ୫ଥର ଲେଖାଏଁ ବିଜୟ ହାସଲ କରି ରେକର୍ଡର ଅଧିକାରୀ ଥିଲେ। ରବିବାର ରେସ୍‌ରେ ବିଶ୍ୱଚାମ୍ପିୟନ ଡ୍ରାଇଭର ହାମିଲଟନ ଏକ ସେଫ୍ଟି କାର୍‌ର ଫାଇଦା ଉଠାଇ ଟିମ୍‌ମେଟ୍ ଭାଲ୍‌ଟେରୀ ବୋଟାସଙ୍କୁ ଅତିକ୍ରମ କରିବାରେ ସଫଳ ହୋଇଥିଲେ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୦ରାଉଣ୍ଡ ରେସ୍‌ରେ ହାମିଲଟନଙ୍କ ଏହା ହେଉଛି ୭ମ ବିଜୟ। ଫଳରେ ବ୍ରିଟେନ ଡ୍ରାଇଭର ୬ଷ୍ଠ ବିଶ୍ୱ ଟାଇଟଲ ନିକଟତର ହୋଇଛନ୍ତି। ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ସେ ତଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୋଟାସଙ୍କଠାରୁ ୩୯ ପଏଣ୍ଟ ବ୍ୟବଧାନରେ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ନିଜ ସ୍ଥିତିକୁ ସୁଦୃଢ କରିପାରିଛନ୍ତି। ହାମିଲଟନଙ୍କ କ୍ୟାରିୟରର ଏହା ହେଉଛି ମୋଟ ୮୦ତମ ଟାଇଟଲ। ରବିବାର ରେସ୍‌ରେ ରେଡ୍‌ବୁଲ୍‌ର ପିଏରେ ଗାସ୍‌ଲି ଏବଂ ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ହୋଇଥିଲେ। ଟପ୍ ଟେନ୍‌ରେ ସ୍ଥାନ ପାଇଥିବା ଅନ୍ୟମାନେ ଯଥାକ୍ରମେ ହେଲେ କାର୍ଲୋସ ସେଞ୍ଜ ଜୁନିୟର(ମ୍ୟାକଲରେନ), ଡାନିଏଲ ରିକାର୍ଡୋ(ରେନଲ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ), ଡାନିଲ୍ କ୍ୟାଟ୍(ଟୋରୋ ରୋସୋ) ଏବଂ ନିକୋ ହକେନବର୍ଗ (ରେନଲ୍ଟ)। ରୋମାଞ୍ଚଭରା ବ୍ରିଟିଶ ଗ୍ରାଁ ପ୍ରିରେ ମାକ୍ସ ଭର୍ଷ୍ଟାପେନ୍ ଏବଂ ସେବାଷ୍ଟିଆନ ଭେଟେଲଙ୍କ ମଧ୍ୟରେ ଧକ୍କା ସବୁଠାରୁ ଉଲ୍ଲେଖନୀୟ ଘଟଣା।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଜୁଲାଇ ୧୫/୨୦୧୯ Rayagada, Monday, July. 15/ 2019


## ସଂକ୍ଷେପରେ

### ଅଧାରେ ଅଟକିଛି ଡ୍ରେନ୍ ନିର୍ମାଣ



ପାରଳାଖେମୁଣ୍ଡି, ୧୪।୭(ସ୍ୱ.ପ୍ର.) : ପାରଳାଖେମୁଣ୍ଡିସ୍ଥିତ ଓଡିଆ ଭଣ୍ଡାରୀ ସାହିରେ ଆରମ୍ଭ ହୋଇଥିବା ରାସ୍ତା ଓ ଡ୍ରେନ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଛି । ଦୀର୍ଘ ୬ମାସ ବିଳମ୍ବରେ ଏହି ଡ୍ରେନ୍ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଦିନେ ଦୁଇଦିନ କିଛିଦୂର ଖୋଳାଯିବାପରେ ପୁଣି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଫଳରେ ଅଞ୍ଚଳବାସୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ପ୍ରଶାସନ ପକ୍ଷରୁ ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାବେଳେ ସହର ମଧ୍ୟରେ ଡ୍ରେନ କାର୍ଯ୍ୟ ଏପରି ପଡ଼ି ରହିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଡ୍ରେନ ଖୋଳିବାପରେ ଅଳିଆ ଆବର୍ଜନା ଗୁଡିକ ଡ୍ରେନ ପାର୍ଶ୍ୱରେ ପଡ଼ିଛି। ଫଳରେ ଅସରାଏ ବର୍ଷାରେ ଅଳିଆ ଆବର୍ଜନା ରାସ୍ତାରେ ଭାସୁଛି। ଯଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାସହ ଯାତାୟାତରେ ବାଧା ସୃଷ୍ଟି କରୁଛି। ଅନ୍ୟପକ୍ଷରେ ଘର ସମ୍ମୁଖ ଭାଗ ଖୋଳି ମାଟି ଗୋଡ଼ି ପକାଇ ଛାଡ଼ିଦେଇଥିବା ଯୋଗୁ ବୟସ୍କ ଓ ଶିଶୁମାନେ ଘରୁ ବାହାରିବା ସମୟରେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ତେଣୁ ଯଥାଶୀଘ୍ର କାମ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଚାଷୀଙ୍କ ପ୍ରତି ଉଠାଜଳସେଚନ ବିଭାଗର ଅବହେଳା

# ୪ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁନି ବୋର୍‌ୱେଲ୍

ପାରଳାଖେମୁଣ୍ଡି, ୧୪।୭ (ସ୍ୱ.ପ୍ର.)

ଗଜପତି ଜିଲା ଏକ କୃଷି ବହୁଳ ଜିଲା। ଏଠାକାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ହେଲେ ଏଠାରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଚାଷୀମାନଙ୍କ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ୨୦୧୫-୧୬ ବର୍ଷରେ ବିଭାଗ ଜରିଆରେ ଜିଲାର କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ ଅନ୍ତର୍ଗତ ଗୌରୀ ଗ୍ରାମର ୧୦ଜଣ ଚାଷୀ ଅନ୍‌ଲାଇନରେ ୨୦ହଜାର ଟଙ୍କା ଜମା କରି ବୋର୍‌ୱେଲ୍ ବସାଇବାପାଇଁ ଆବେଦନ କରିଥିଲେ। ତେବେ ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ମଧ୍ୟ ବୋର୍‌ୱେଲ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । ୨୦୧୬ରେ ଉଠା ଜଳସେଚନ ପକ୍ଷରୁ ବୋରୱେଲ୍ ପାଇଁ ଖୋଳାଯାଇଥିଲା, କିନ୍ତୁ ପରେ ସେଠାରେ କୌଣସି କାର୍ଯ୍ୟ କରାଯାଇ ନ ଥିଲା । ବୋରୱେଲ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଚାଷୀମାନେ ବାରମ୍ବାର ଗଜପତି ଜିଲା ଉଠାଜଳସେଚନ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବିଭିନ୍ନ ସମୟରେ ଗଜପତି ଜିଲାପାଳ ଏବଂ ବିଭାଗୀୟ ସଚିବଙ୍କୁ ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି। କିନ୍ତୁ ବୋରୱେଲ୍ ବସିପାରିନାହିଁ । ଏହା ସମ୍ପୂର୍ଣ୍ଣ ନ ହେବା ଯୋଗୁ ଚାଷୀ ମରୁଡ଼ିର ଶିକାର ମଧ୍ୟ ହେଉଛନ୍ତି । ହେଲେ ବୋରୱେଲ୍ କାର୍ଯ୍ୟକ୍ଷମ ହୋଇପାରିଲେ ଆଗାମୀ ଦିନରେ ଭଲଚାଷ ହେବ ବୋଲି ଗ୍ରାମର କେ. ତ୍ରିପତି ରାଓ, ବି. ତ୍ରିପତି ରାଓ, ପି. ଅନନ୍ତ କୁମାର, ପି. ନରେଶ, ଇ. ଲକ୍ଷ୍ମଣ ମୂର୍ତ୍ତୀ, ବି. ଆନନ୍ଦ, ପି. ସୋମୁଲୁ ଅଭିଯୋଗ କରିଛନ୍ତି ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗଜପତିର ଦୀପକ ପ୍ରଥମ

ପାରଳାଖେମୁଣ୍ଡି, ୧୪।୭ (ସ୍ୱ.ପ୍ର.)



ରାଜ୍ୟସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ଶ୍ରେଣୀ ଛାତ୍ର ଦୀପକ କୁମାର କହଁର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜିଲାର ଗୌରବ ବଢ଼ାଇଛନ୍ତି। ଏଥିପାଇଁ ବିଦ୍ୟାଳୟ ସମେତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଭାଜପା ସଦସ୍ୟତା ସଂଗ୍ରହ ଅଭିଯାନ

ପାରଳାଖେମୁଣ୍ଡି, ୧୪।୭ (ସ୍ୱ.ପ୍ର.)




କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଓ ଦଳୀୟ ନେତାମାନେ ଉପସ୍ଥିତ ଅଛନ୍ତି।

ଗଜପତି ଜିଲା ଭାଜପା ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ରବିବାର ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ଏଥିରେ ପୂର୍ବତନ ରାଜ୍ୟ ସଂଗଠକ ସାରଦା ଶତପଥୀ ଅତିଥିଭାବେ ଯୋଗ ଦେଇ ଜିଲା ଭାଜପାକୁ ତୃଣମୂଳ ସ୍ତରରୁ ମଜବୁତ୍ କରିବା ପାଇଁ ଅଧିକାରୁ ଅଧିକ ସଭ୍ୟ ସଂଗ୍ରହ କରାଯିବ ବୋଲି କହିଥିଲେ । ସେହିପରି ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ କାର୍ଯ୍ୟକ୍ରମରେ ଯୋଗ ଦେଇ ଗତ ସାଧାରଣ ନିର୍ବାଚନରେ ଭାଜପା ଗଜପତି ଜିଲାରେ ବେଶ ଭଲପ୍ରଦର୍ଶନ କରିବା ସହ ରାଜ୍ୟରେ ମଧ୍ୟ ଭଲ ପ୍ରଦର୍ଶନ କରିଛି ବୋଲି କହିଥିଲେ । ଆଗାମୀ ଦିନରେ ସଭ୍ୟସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଜିଲାରେ ଭାଜପାକୁ ମଜବୁତ କରିବାପାଇଁ ସମସ୍ତ କର୍ମୀ ଏକତ୍ରିତ ହୋଇ କାର୍ଯ୍ୟକରିବା ଆବଶ୍ୟକ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଜି. ଭେଙ୍କଟରାବଣା, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଭାଜପା ନେତା ମୁରଲୀ ଗୋପାଳରାଓ, ସିଦ୍ଧେଶ୍ୱର ମିଶ୍ର, ସି.ଏଚ୍. ସୀମାଦ୍ରି, କୃଷ୍ଣଚନ୍ଦ୍ର ବିଶୋୟୀ, କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳଙ୍କ ସମେତ ଜିଲାର ବହୁ କର୍ମୀ ଉପସ୍ଥିତ ଥିଲେ ।

## ଗୋଟିଏ ରାତିରେ ୯ ଦୋକାନରୁ ଚୋରି

ହିଞ୍ଜିଳିକାଟୁ,୧୪।୭(ଡି.ଏନ୍.ଏ.):

ହିଞ୍ଜିଳିକାଟୁ ପରିବା ବଜାରର ୯ ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। ଏହିସବୁ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଚୋରାଇ ନେଇଛନ୍ତି। ଦୀର୍ଘ ସମୟ ଯାଏ ଦୁର୍ବୃତ୍ତଙ୍କ ଲୁଟତରାଜ ଚାଲିଥିଲେ ମଧ୍ୟ କେହି ଏହାର ସୁରାକ ପାଇ ନ ଥିଲେ। ଶନିବାର ରାତିରେ ବଇଁଚବଣିଆ ଜଗନ୍ନାଥ ମନ୍ଦିର ନିକଟରେ ସୁନାବେଶ ଉପଲକ୍ଷେ ନାଟକ ମଞ୍ଚସ୍ଥ ହୋଇଥିଲା। ରାତିରେ ପୋଲିସ ପାଟ୍ରୋଲିଂ ସତ୍ତ୍ୱେ ଥାନା ପାଚେରିକୁ ଲାଗି ରହିଥିବା ଦୋକାନରୁ ଏହି ସିରିଜ ଚୋରି ଘଟଣାକୁ କେହି କିପରି ଜାଣି ପାରିଲେ ନାହିଁ ସେନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଅଭିମନ୍ୟୁ ଦାଶ ସଦଳବଳ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଥିଲେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

ପାରଳାଖେମୁଣ୍ଡି, ୧୪।୭ (ସ୍ୱ.ପ୍ର.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୋର୍ଡର ସଭାପତି ବିନୋଦ ଚନ୍ଦ୍ର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଦଶମ ଏବଂ ଯୁକ୍ତଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜିଲାର ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏମାନଙ୍କୁ ଅଧିକ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣରେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧେଶ୍ୱର ମିଶ୍ର, ଲୋକନାଥ ମିଶ୍ର, ଏବିଭିପିର ଦେବାଶିଷ ଦାସ ଉପସ୍ଥିତ ଥିଲେ ।



କାଦୁଅରେ ଭର୍ତ୍ତି ରାସ୍ତା।

## ଯାତାୟାତ ପାଇଁ କାଦୁଅ ରାସ୍ତା ହିଁ ଭରସା

ପାରଳାଖେମୁଣ୍ଡି, ୧୪।୭ (ସ୍ୱ.ପ୍ର.)

■ ଦୀର୍ଘବର୍ଷ ହେଲା ହେଉନି ପକ୍କା ରାସ୍ତା

■ ସମସ୍ୟା ଭୋଗୁଛନ୍ତି ଯଶୋଦା ନଗରବାସୀ

ପକ୍କା ରାସ୍ତାଟିଏ ନ ଥିବାରୁ ପାରଳାଖେମୁଣ୍ଡିସ୍ଥିତ ଯଶୋଦା ନଗରବାସୀ ବହୁ ଅସୁବିଧା ଭୋଗୁଛନ୍ତି। ଏହି ସାହିରେ ୫ ଟି ଗଳି ରହିଥିବାବେଳେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ବର୍ଷ ହେଲା ଲୋକେ ଏଠାରେ ଘର ତିଆରି କରି ରହୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନାହିଁ। ଅନ୍ୟ ଦିନ ମାନଙ୍କରେ ଲୋକେ କଷ୍ଟରେ ଯିବା ଆସିବା କରୁଥିବାବେଳେ ବର୍ଷାଦିନ ଆସିଲେ ଏଠାକାର ବାସିନ୍ଦାଙ୍କ ସମସ୍ୟା ବଢ଼ିଯାଏ। ଏହି ରାସ୍ତାରେ ଯାତାୟାତ ସମୟରେ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଥିବା ମଧ୍ୟ ଅଭିଯୋଗ ହେଉଛି । ବିଶେଷକରି ସ୍କୁଲ ଛାତ୍ରୀଛାତ୍ର ଏବଂ ବୟସ୍କ ଲୋକ ଏହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ଏହି ରାସ୍ତାଦେଇ ବର୍ଷା ଦିନେ ଲୋକମାନେ ଯାତାୟତ କରିବାକୁ ଭୟଭିତ ହୋଇପଡୁଛନ୍ତି । ତେଣୁ ସହର ମଧ୍ୟସ୍ଥଳୀରେ ରହିଥିବା ଏହି ସାହିରେ ତୁରନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।






## ବାଲ୍‌ମୁକୁନ୍ଦ କେନ୍ଦ୍ରରେ ଗୁରୁପୂର୍ଣ୍ଣିମା ଉତ୍ସବ

ପାରଳାଖେମୁଣ୍ଡି, ୧୪।୭ (ସ୍ୱ.ପ୍ର.)

ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ପରିଚ୍ଛା ମଠ ପରିସରରେ ରବିବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଚ୍ୟୁତାନନ୍ଦ ବସ୍ତିଆ ଯୋଗ ଦେଇ ପାଠାଗାର ଏବଂ ଲୋକ ସମ୍ପର୍କ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ଶିକ୍ଷକ ଦେବଦତ୍ତ ବେବ ର୍ତ୍ତା ଓ ତାଙ୍କ ଧର୍ମପତ୍ନୀ ରଚିତା ମହାନ୍ତି ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହି ଅବସରରେ ଓଡିଶା ସରକାରଙ୍କ ମାସିକ ପତ୍ରିକା 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ବିଶେଷାଙ୍କ ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା । ଯୋଗଗୁରୁ ଲକ୍ଷ୍ମୀ ଚରଣ ପଟ୍ଟନାୟକ ଏଠାରେ ଯୋଗ ଶିକ୍ଷା ଦେବାସହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ପରେ ସଂଗୀତ ଓ ଚିତ୍ରାଙ୍କନ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହାକୁ ମୁରଲୀଧର ପରିଚ୍ଛା ଓ ସତ୍ୟନାରାୟଣ ଆପଟ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ପରିଚାଳନା କରିଥିଲେ ।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ